# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୬/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, March 16/2023 | Page 16 | ₹ 7.00

୪୯ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 110 | ମୂଲ୍ୟ ₹୭/-




**ଶ୍ରେୟସ ଆୟର ଓହରିଲେ**

ପିଠିରେ ଯନ୍ତ୍ରଣା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ଭାରତର ଶ୍ରେୟସ ଆୟର ଓହରି ଯାଇଛନ୍ତି।

୧୬

୧୨

**ଧୂମପାନ କରି ଅନନ୍ୟା ଟ୍ରୋଲ୍**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ତାଙ୍କ ଭଉଣୀଙ୍କ ମେହେନ୍ଦୀ ଉତ୍ସବରେ ଧୂମପାନ କରି ଟ୍ରୋଲ୍‌ର ଶିକାର ହୋଇଛନ୍ତି।



# ଷ୍ଟିୟରିଂ ଛାଡ଼ି ଆନ୍ଦୋଳନରେ ଡ୍ରାଇଭର

## ରାଜ୍ୟରେ ଗାଡ଼ି ଚଳାଚଳ ପ୍ରଭାବିତ, ଯାତ୍ରୀ ହନ୍ତସନ୍ତ

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

ଷ୍ଟିୟରିଂ ଛାଡ଼ି ରାସ୍ତାକୁ ଓହ୍ଲାଇଛନ୍ତି ଡ୍ରାଇଭରମାନେ। ଏଥିଯୋଗୁ ସାରା ରାଜ୍ୟରେ ବୁଧବାର ଗାଡ଼ି ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକି ରହି ହନ୍ତସନ୍ତ ହୋଇଛନ୍ତି। ଡ୍ରାଇଭରମାନେ ବୀମା, ପେନ୍‌ସନ, ମୃତ୍ୟୁକାଳୀନ ସୁବିଧାସୁଯୋଗ ଆଦି ୧୦ ଦାବି କରୁଛନ୍ତି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଦାବିଗୁଡ଼ିକ ପୂରଣ ହେଉନାହିଁ। ଏହା ବିରୋଧରେ ଡ୍ରାଇଭର ଏକତା ମହାମଞ୍ଚ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଆପଣାଇଛି। ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରିବାକୁ ମହାମଞ୍ଚ ଡାକରା ଦେଇଥିବାବେଳେ ପ୍ରଥମ ଦିନ ହିଁ ରାଜ୍ୟର ପରିବହନ ସେବା ଅନେକାଂଶରେ ଠପ୍ ହୋଇଯାଇଛି।

ଓଡ଼ିଶା ମୋଟର ଚାଳକ ସଂଘ, ପରିବହନ ସଂଘ, ଡ୍ରାଇଭର ମହାସଂଘ ଭଳି ୬ଟି ସଂଘକୁ ମିଶାଇ ମହାମଞ୍ଚ ଗଠିତ। ବୁଧବାର ସକାଳୁ ଆରମ୍ଭ ହୋଇ ଯାଇଥିଲା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ। ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ବାରିପଦା, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଢେଙ୍କାନାଳ ଆଦି ବଡ଼ ସହର ସମେତ ରାଜ୍ୟର ୩୧୪ ବ୍ଲକରେ ହଜାର ହଜାର ସଂଖ୍ୟାରେ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ☞ପୃଷ୍ଠା-୪



ଭୁବନେଶ୍ୱରଠାରେ ବୁଧବାର ଡ୍ରାଇଭରମାନେ ଟ୍ରକ୍ ଓ ବସ୍‌କୁ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭୁଶୁଡ଼ିଲା ନିର୍ମାଣାଧୀନ ବ୍ରିଜ୍

## ୧୮ ଘଣ୍ଟାରେ ଖସିପଡ଼ିଲା ସ୍ଲାବ୍, ନିମ୍ନମାନର କାମ ନେଇ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୧୫।୩**

କେନ୍ଦ୍ରାପଡ଼ା ସହର ତିନିମୁହାଣୀ ଛକ ନିକଟ ନିର୍ମାଣାଧୀନ ଗୋବରୀ ନଦୀର ଦକ୍ଷିଣ ପାର୍ଶ୍ୱ ପୋଲ ବୁଧବାର ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରୁ କାର୍ଯ୍ୟରତ ଶ୍ରମିକମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସେହିପରି ରାସ୍ତାଠାରୁ ପ୍ରାୟ ୧୦୦ ମିଟର ଦୂରରେ କୌଣସି ଲୋକ ନ ଥିବାରୁ କେହି ମୃତାହତ ହୋଇ ନାହାନ୍ତି। ପୂର୍ତ୍ତ ବିଭାଗର ଏହି ନବନିର୍ମାଣ ପୋଲ ଭୁଶୁଡ଼ିବା ପରେ ତା'ର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଫକୀର ଚନ୍ଦ୍ର ଖଟୁଆ, ଦିଲ୍ଲୀପ ଦାଶ, ଶ୍ୟାମାମଣି ତ୍ରିପାଠୀ, ଉମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ କହିଛନ୍ତି, ସହରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ତିନିମୁହାଣୀ ଚଟି ପୋଲଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଦ୍ୱିତୀୟ ବାଇପାସ୍ ରୋଡ ନିର୍ମାଣ ହେଉଛି। ପୋଲର ପିଲର ନିର୍ମାଣ ସରିଥିବା ବେଳେ ଏବେ ବାଡା ତିଆରି କରାଯାଉଛି। ମଙ୍ଗଳବାର ଅପରାହ୍ନ ୩ଟାରେ ୩୬ ମିଟର ଲମ୍ବ ଓ ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ପୋଲର ଦ୍ୱିତୀୟ ବାଡା ଦୁଇଟି କ୍ରେନ ସାହାଯ୍ୟରେ ଉଠାଯାଇ ରଖାଯାଇଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ହଠାତ୍ ପୋଲ ବାଡା ଭୁଶୁଡି ପଡିବାରୁ ମୃଦୁ ଭୂମିକମ୍ପ ପରି ଅନୁଭବ ହୋଇଥିଲା। ଘଟଣାସ୍ଥଳରୁ କାର୍ଯ୍ୟରତ ଶ୍ରମିକମାନେ ଦୌଡି ପଳାଇ ଯାଇଥିଲେ। ଏହି ବାଇପାସ୍ ରୋଡ ନିର୍ମାଣ ଦାୟିତ୍ୱ ଏଆରଏସ୍‌ଏସ୍ କମ୍ପାନୀ ନେଇଛି। ନିର୍ମାଣ କାର୍ଯ୍ୟରେ ବହୁ ଅନିୟମିତତା ଥିବା ବହୁବାର ପୂର୍ତ୍ତ ବିଭାଗ ଦୃଷ୍ଟିକୁ ଅଣାଯାଇଛି। ଉଦ୍‌ଘାଟନ ପୂର୍ବରୁ ପୋଲ ଭୁଶୁଡି ଥିବାରୁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଥିବା ସେମାନେ ମତ ଦେଇଛନ୍ତି। ଅପରପକ୍ଷେ କାର୍ଯ୍ୟରତ ଶ୍ରମିକମାନେ କହିଛନ୍ତି, କ୍ରେନ ହଟାଇବା ବେଳେ ରଖାଯାଇଥିବା ପୋଲ ବାଡା ଭୁଶୁଡି ପଡିଥିଲା। ଏସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ପୋଲ ନିର୍ମାଣରେ ☞ପୃଷ୍ଠା-୪



ଗୋବରୀ ନଦୀର ଦକ୍ଷିଣ ପାର୍ଶ୍ୱ ନିର୍ମାଣାଧୀନ ପୋଲର ଏକ ସ୍ଲାବ୍ ବୁଧବାର ଭୁଶୁଡ଼ି ପଡ଼ିଛି।

**ଆଜିର ସମ୍ପାଦକୀୟ**
ଅସଲି ରାମରାଜ୍ୟ

**ଭାରତରେ ଓକିଲାତି କରିବେ ବିଦେଶୀ ଆଇନଜୀବୀ** ୨







**ଫାୟାର ଫେଷ୍ଟିଭାଲ୍‌ରେ ଅଘଟଣ: ୧୧ ମୃତ**

ଇରାନ୍‌ରେ ମଙ୍ଗଳବାର ରାତିରେ ପାରମ୍ପରିକ ଫାୟାର ଫେଷ୍ଟିଭାଲ ପାଳନ ସମୟରେ ଅଘଟଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଛି। ୩,୫୦୦ ଆହତ ହୋଇଥିବା ଜରୁରୀ ସେବା ମୁଖ୍ୟ ଜାଫର ମିଆଦଫର ସୂଚନା ଦେଇଛନ୍ତି। ତେବେ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ୍ ଚାଲିବ।



## ସଂକ୍ଷେପରେ

### ବୋର୍‌ୱେଲ୍‌ରୁ ଉଦ୍ଧାର ପରେ ପ୍ରାଣ ହରାଇଲେ ବାଳକ

**ବିଦିଶା, ୧୫।୩:** ମଧ୍ୟପ୍ରଦେଶର ବିଦିଶା ଜିଲା ଖେରଖେଡି ପଥାର ଗ୍ରାମରେ ମଙ୍ଗଳବାର ୬୦ ଫୁଟ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ବାଳକର ବୁଧବାର ମୃତ୍ୟୁ ଘଟିଛି। ଲୋକେଶ ୪୩ ଗଭୀର ବୋର୍‌ୱେଲ୍ ତଳେ ଫସି ଥିବାବେଳେ ୨୪ ଘଣ୍ଟାର ରେସ୍କ୍ୟୁ ଅପରେଶନ୍ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଲଟେରି ସହର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଲୋକେଶଙ୍କ ପରିବାରକୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି।

### ଭାରତୀୟ ଏନ୍‌ଜିଓଙ୍କୁ ୨,୪୩୦.୮୦ ବିଦେଶୀ ଫଣ୍ଡିଂ

**ନୂଆଦିଲ୍ଲୀ, ୧୫।୩:** ଗତ ୩ ବର୍ଷରେ ଭାରତୀୟ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ୨,୪୩୦.୮୪ କୋଟି ବିଦେଶୀ ଫଣ୍ଡିଂ ଗ୍ରହଣ କରିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର ରାଜ୍ୟ ସଭାରେ କହିଛନ୍ତି। ୨୦୨୧-୨୨ରେ ୯୦୫.୫୦ କୋଟି ଟଙ୍କା ଗ୍ରହଣ କରାଯାଇଥିବାବେଳେ ୨୦୨୦-୨୧ରେ ୭୮.୧୮ କୋଟି ଟଙ୍କା ଏବଂ ୨୦୧୯-୨୦ରେ ୭୨୭.୧୬ କୋଟି ଟଙ୍କା ଏନ୍‌ଜିଓଗୁଡ଼ିକ ଗ୍ରହଣ କରିଛନ୍ତି। ବିଦେଶୀ ଫଣ୍ଡିଂର ଦୁରୁପଯୋଗ ହେବା ନେଇ ବହୁ ଅଭିଯୋଗ କରାଯାଇଥିବାବେଳେ ଏହାର ଯାଞ୍ଚ ଚାଲିଥିବା ମନ୍ତ୍ରୀ କହିଛନ୍ତି।

### ଅଭିନେତା ସମୀର ଖାଖରଙ୍କ ପରଲୋକ

**ନୂଆଦିଲ୍ଲୀ, ୧୫।୩:** ଖ୍ୟାତନାମା ଅଭିନେତା ସମୀର ଖାଖରଙ୍କ ବୁଧବାର ପରଲୋକ



ଘଟିଛି। ଶରୀରର ଏକାଧିକ ଅଙ୍ଗ କାମ କରିବା ବନ୍ଦ ହେବା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ଅସୁବିଧା ଯୋଗୁ ସମୀରଙ୍କୁ ମଙ୍ଗଳବାର ମୁମ୍ବାଇସ୍ଥିତ ଏମ୍.ଏମ୍. ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅଭିନୀତ ଟିଭି ସିରିଏଲ୍ 'ନୁକଡ୍' ଓ 'ସର୍କସ୍' ପାଇଁ ସେ ଖୁବ୍ ପରିଚିତ। ଶ୍ରୀମାନ ଶ୍ରୀମତୀ ଟେଲି ସିରିଏଲ୍‌ରେ ମଧ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଅନ୍ୟପକ୍ଷେ ବଲିଉଡ୍ ଫିଲ୍ମ ଜୟ୍ ହୋ, ହସି ତୋ ଫସି ସାଙ୍ଗକୁ ୱେବ୍ ସିରିଜ୍ 'ସନ୍‌ଫ୍ଲାୱାର'ରେ ସେ ଅଭିନୟ କରିଥିଲେ।

**ଚାକିରି ପାଇଁ ଜମି ମାମଲା**

### ଲାଲୁ, ରାବ୍ରି ଓ ମିସାଙ୍କୁ ଜାମିନ

**ନୂଆଦିଲ୍ଲୀ, ୧୫।୩:** ବିବାହରରେ ଚାକିରି ପାଇଁ ଜମଦିଆଯିବା ମାମଲାରେ ବୁଧବାର ଦିଲ୍ଲୀର ଏକ କୋର୍ଟ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ସ୍ତ୍ରୀ ରାବ୍ରି ଦେବୀ ଓ ଝିଅ ମିସାଙ୍କ ଜାମିନ ମଞ୍ଜୁର କରିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲାର ତଦନ୍ତ କରୁଥିବାବେଳେ ବିନା ଗିରଫଦାରିରେ ଚାର୍ଜଶିଟ୍ ଦାଖଲ କରିଥିବା କୋର୍ଟ କହିଛନ୍ତି। ତେବେ ୫୦,୦୦୦ ଟଙ୍କାର ବେଲ୍ ବଣ୍ଡ ଓ ସିଓରିଟିରେ ଏହି ଜାମିନ ପ୍ରଦାନ କରାଯାଇଛି।




କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ନେତାମାନେ ଇଡି ଅଫିସ୍‌କୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇଛି।

# ଆଦାନୀ, ମୋଦିଙ୍କ ସମ୍ପର୍କର ତଦନ୍ତ ହେଉ

**ନୂଆଦିଲ୍ଲୀ,୧୫।୩**

- ଇଡି ଅଫିସକୁ ବିରୋଧୀ ନେତାଙ୍କ ମାର୍ଚ୍ଚ
- ୨୦୦ ଏମ୍‌ପିଙ୍କୁ ବାଟରେ ଅଟକାଇଲେ ୨୦୦୦ ପୋଲିସ

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ଉପରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରଘଟ ରିପୋର୍ଟକୁ ନେଇ ଭାରତୀୟ ରାଜନୀତି ଦିନକୁ ଦିନ ଚଳଚଞ୍ଚଳ ହେବାରେ ଲାଗିଛି। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କି ସମ୍ପର୍କ ରହିଛି, ତା'ର ତଦନ୍ତ ଦାବିରେ ବୁଧବାର ବିରୋଧୀ ଦଳ ନେତାମାନେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସକୁ ବିକ୍ଷୋଭ ଶୋଭାଯାତ୍ରା କରି ଯାଉଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହାକୁ ନେଇ ଦିଲ୍ଲୀରେ ରାଜନୈତିକ ପାଣିପାଗରେ ଉଷ୍ମତା ବଢ଼ିଯାଇଛି।

କଂଗ୍ରେସ ସମେତ ୧୮ ବିରୋଧୀ ଦଳର ନେତାମାନେ ଅପରାହ୍ନରେ ପାର୍ଲାମେଣ୍ଟରୁ ଇଡି ମୁଖ୍ୟାଳୟ ଅଭିମୁଖେ ବାହାରିଥିଲେ। ଆଦାନୀ-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ତଦନ୍ତ ଏବଂ ଶାସକ ଭାଜପା ନିଜ ରାଜନୈତିକ ସ୍ୱାର୍ଥ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ବନ୍ଦ କରିବା ସକାଶେ ଚାପ ସୃଷ୍ଟି କରିବାକୁ ସେମାନେ ଆଗେଇ ଚାଲିଥିଲେ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ସେମାନଙ୍କୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ବ୍ୟାରିକେଡିଂ କରି ବହୁ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଅବରୋଧ ଯୋଗୁ ବିରୋଧୀ ନେତାମାନେ ସେଠାରୁ ପାର୍ଲାମେଣ୍ଟକୁ ଫେରିଯାଇଥିଲେ। ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଇଡି ଅଧିକାରୀଙ୍କ ସହ ସାକ୍ଷାତ୍ କରିବାକୁ ୨୦୦ ଏମ୍‌ପି ଯାଉଥିବାବେଳେ ବାଟରେ ୨୦୦୦ ପୋଲିସ କର୍ମଚାରୀ ଅଟକାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେମାନେ ଆମ ସ୍ୱରକୁ ଚପାଇ ଗଣତନ୍ତ୍ର ଉପରେ ଭାଷଣ ଦେବାକୁ ଚାହୁଁଛନ୍ତି। କେହି ଏହି ବିଷୟରେ ବିତର୍କ କିମ୍ବା ଆଲୋଚନାଚକ୍ରରେ କହିଲେ ସେମାନେ ତାଙ୍କୁ ଦେଶବିରୋଧୀ ଆଖ୍ୟା ଦେଉଛନ୍ତି ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଲଣ୍ଡନ ମନ୍ତବ୍ୟର ଅବତାରଣା କରି ଖାର୍ଗେ କହିଥିଲେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏହି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇନାହିଁ।

### ସଂସଦ ତୃତୀୟ ଦିନ ଅଚଳ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ରିଟେନର କେମ୍ବ୍ରିଜ୍ ୟୁନିଭର୍ସିଟିରେ ଭାରତୀୟ ଗଣତନ୍ତ୍ର ଉପରେ ଦେଇଥିବା ମନ୍ତବ୍ୟ, ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ ନେଇ ବିରୋଧୀଙ୍କ ଅଭିଯୋଗ ମଧ୍ୟରେ ବୁଧବାର ସଂସଦରେ କ୍ରମାଗତ ତୃତୀୟ ଦିନ ଧରି ଅଚଳାବସ୍ଥା ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ତୃତୀୟ ଦିନରେ ମଧ ସରକାର ଅର୍ଥ ବିଲ୍‌କୁ ଗୃହୀତ କରାଇପାରି ନାହାନ୍ତି। ରାହୁଲ କ୍ଷମା ମାଗନ୍ତୁ ବୋଲି ଶାସକ ଭାଜପା ଦାବି କରିଥିବାବେଳେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ବିରୋଧୀ ହଟ୍ଟଗୋଳ କରିଛନ୍ତି। ଫଳରେ ଅଚଳାବସ୍ଥା ଭିତରେ ଲୋକ ସଭା ଓ ରାଜ୍ୟ ସଭାକୁ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

**ପ୍ରତିରକ୍ଷା କ୍ଷେତ୍ରରେ ଆଦାନୀ ସମ୍ପୃକ୍ତି**

### ଜାତୀୟ ସୁରକ୍ଷାକୁ ବଳି ପକାଇଛନ୍ତି ମୋଦି

**ନୂଆଦିଲ୍ଲୀ,୧୫।୩**

ଏକ ପ୍ରତିରକ୍ଷା ଫାର୍ମରେ ଆଦାନୀ ଗ୍ରୁପ୍‌ର ନିବେଶକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ବୁଧବାର କେନ୍ଦ୍ର ସରକାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି। ରଣନୈତିକ ପ୍ରତିରକ୍ଷା ଉପକରଣର ନିୟନ୍ତ୍ରଣ ଏକ ଅଜଣା ବିଦେଶୀ ସଂସ୍ଥାକୁ ଦେଇ ଭାରତର ଜାତୀୟ ସୁରକ୍ଷା ସହ କାହିଁକି ସାଲିସ କରାଯାଉଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଶିଳ୍ପପତି ବନ୍ଧୁଙ୍କୁ ଆର୍ଥିକ ଲାଭ ପହଞ୍ଚାଇବା ପାଇଁ ଜାତୀୟ ସୁରକ୍ଷାକୁ ବଳି ପକାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇଏଲ୍‌ଏଆର୍‌ଏ ଇଣ୍ଡିଆ ଅପର୍ଚୁନିଟିଜ୍ ଫଣ୍ଡ (ଏଲାରା ଆଇଓଏଫ୍) ଏଲାରା କ୍ୟାପିଟାଲ ଦ୍ୱାରା ପରିଚାଳିତ। ମରିସସ୍‌ରେ ପଞ୍ଜୀକୃତ ୪ ଶୀର୍ଷ ସଂସ୍ଥା ମଧ୍ୟରୁ ଏଲାରା କ୍ୟାପିଟାଲ ଅନ୍ୟତମ। ଏହି ସଂସ୍ଥା ଆଦାନୀ ଗ୍ରୁପ୍‌ରେ ବିପୁଳ ପୁଞ୍ଜିନିବେଶ କରିଛି। ରେକର୍ଡ ଅନୁସାରେ, ଆଦାନୀ ଗ୍ରୁପ୍ ବେଙ୍ଗାଲୁରୁସ୍ଥିତ ଡିଫେନ୍ସ ଫାର୍ମ ଆଲ୍‌ଫା ଡିଜାଇନ୍ ଟେକ୍ନୋଲୋଜିସ୍ ପ୍ରା.ଲିଃ.ର ଏକ ପ୍ରମୋଟର। ୨୦୦୩ରେ ପ୍ରତିଷ୍ଠିତ ଏହି କମ୍ପାନୀ ଇସ୍ରୋ ଏବଂ ଡିଆର୍‌ଡିଓ ସହ ମିଶି କାର୍ଯ୍ୟ କରିଥାଏ। ୨୦୨୦ରେ ଉକ୍ତ କମ୍ପାନୀ ପେଚୋରା ମିଶାଇଲ୍ ଏବଂ ରାଡାର ସିଷ୍ଟମ୍‌ର ଆଧୁନିକୀକରଣ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟଠାରୁ ୫୯୦ କୋଟି ଟଙ୍କାର କଣ୍ଟ୍ରାକ୍ଟ ନେଇଥିଲା। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଉକ୍ତ ରିପୋର୍ଟକୁ ଟୁଇଟରରେ ଶେୟାର କରି ଲେଖିଛନ୍ତି, ଓସ୍କାରର ଛୁପା ରୁସ୍ତମ୍ କାଟାଗୋରିରେ ଡିଆର୍‌ଡିଓ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପୁରସ୍କାର ଦିଆଯାଇଛି। ଏହା କେବଳ ସେମାନଙ୍କ ବେଷ୍ଟ ଫ୍ରେଣ୍ଡ ଆଦାନୀଙ୍କ ସ୍ୱାର୍ଥରେ ବୋଲି ମହୁଆ କହିଛନ୍ତି।



**୩୮୫ ଦିନରେ ୟୁକ୍ରେନ୍ ଯୁଦ୍ଧ:** ୟୁକ୍ରେନୀୟ ସୈନ୍ୟ ଭୋଲୋଡିମିରଙ୍କୁ ତାଙ୍କ ବାନ୍ଧବୀ ଭିକ୍ଟୋରିଆ ଭେଟିବା ପାଇଁ କ୍ରାମାଟୋର୍ସ୍କ ରେଳ ଷ୍ଟେଶନକୁ ଆସିଛନ୍ତି। ଏହି ଅବସରରେ ଭୋଲୋଡିମିର ନିଜ ଗର୍ଲଫ୍ରେଣ୍ଡଙ୍କୁ ପ୍ରେମ ନିବେଦନ କରୁଛନ୍ତି।

### ଇମ୍ରାନ୍ ଖାନ୍‌ଙ୍କୁ ସାମୟିକ ଆଶ୍ୱସ୍ତି

**ଲାହୋର,୧୫।୩**

ତୋଶାଖାନା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ବୁଧବାର ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କୁ ଗୁରୁବାର ପୂର୍ବାହ୍ନ ୧୦ଟା ଯାଏ ପୋଲିସ ଗିରଫ କରିପାରିବ ନାହିଁ ବୋଲି ଲାହୋରର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଡର ପରେ ପାକିସ୍ତାନୀ ରେଞ୍ଜର୍ସ ଓ ପୋଲିସ ଲାହୋରସ୍ଥିତ ଇମ୍ରାନ୍‌ଙ୍କ ଜମାନ୍ ପାର୍କ ବାସଭବନରୁ ଫେରିଯାଇଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ଏହାକୁ ନେଇ ଉତ୍ସବ ମନାଇଛନ୍ତି। ଏହାର ଭିଡିଓକୁ ଟୁଇଟରରେ ଶେୟାର କରି ଇମ୍ରାନ୍ ଲେଖିଛନ୍ତି, ମୋର କ୍ଷତି କରିବା ପାଇଁ ପୋଲିସ ଓ ରେଞ୍ଜର୍ସଙ୍କୁ ପଠାଯାଇଥିଲା। ସେମାନଙ୍କୁ ଲୋକେ ପଛଘୁଞ୍ଚା ଦେବାକୁ ବାଧ କରିଛନ୍ତି। ପ୍ରକାଶ ଯେ, ପିଟିଆଇ ମୁଖ୍ୟ ଇମ୍ରାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ପାଇଥିବା ଦାମୀ ଗ୍ରାଫ୍ ହାତଘଣ୍ଟା ସମେତ କେତେକ ଉପହାରକୁ ସରକାରୀ ଭଣ୍ଡାର (ତୋଶାଖାନା)ରୁ ରିହାତି ମୂଲ୍ୟରେ କିଣିଥିଲେ। ପରେ ସେ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିବାକୁ ଯାଇଥିବାବେଳେ ପିଟିଆଇ ସମର୍ଥକଙ୍କ ସହ ସଂଘର୍ଷ ହୋଇଥିଲା।

### ବାହାହେବା ପୂର୍ବରୁ କେଟ୍‌ଙ୍କର ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯାଇଥିଲା



**ଲଣ୍ଡନ, ୧୫।୩**

ନିକଟରେ ଉନ୍ମୋଚିତ ହୋଇଥିବା 'ଗିଲ୍‌ଡେଡ୍ ୟୁଥ୍: ଆନ୍ ଇଣ୍ଟିମେଟ୍ ହିଷ୍ଟ୍ରି ଅଫ୍ ଗ୍ରୋଇଂ ଅପ୍ ଇନ୍ ଦ ରୟାଲ ଫ୍ୟାମିଲି' ପୁସ୍ତକରେ ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ମିଡଲ୍‌ଟନ୍‌ଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ବଡ଼ ବୋହୂ କେଟ୍ ପ୍ରିନ୍ସ ୱିଲିୟମ୍‌କୁ ବାହାହେବା ପୂର୍ବରୁ ତାଙ୍କର ଗର୍ଭଧାରଣ କ୍ଷମତା ପରୀକ୍ଷା (ଫର୍ଟିଲିଟି ଟେଷ୍ଟ)କରାଯାଇଥିଲା। ଟମ୍ କିନ୍ ନିଜ ପୁସ୍ତକରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ରାଜପରିବାରରେ ବିବାହ ପୂର୍ବରୁ ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯିବା ଏକ ପ୍ରଥା ଭଳି। କାରଣ ବିବାହ ପାଇଁ ବଛାଯାଇଥିବା ପାତ୍ରୀ ପ୍ରଜନନ କରିବା ପାଇଁ ସକ୍ଷମ କି ନୁହେଁ ସେ ବିଷୟରେ ଜାଣିବା ପରେ ହିଁ ରାଜପରିବାର ତରଫରୁ ବିବାହ ନିଷ୍ପତ୍ତି ନିଆଯାଏ।

କେବଳ କେଟ୍ ନୁହନ୍ତି କିଙ୍ଗ୍ ଚାର୍ଲ୍ସଙ୍କ ପ୍ରଥମ ସ୍ତ୍ରୀ ଡାଏନାଙ୍କର ମଧ ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯାଇଥିଲା। ୧୯୮୧ରେ ସେ କିଙ୍ଗ୍ ଚାର୍ଲ୍ସଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଡାଏନାଙ୍କ ପ୍ରିମାରିଟାଲ ଚେକ୍‌ଅପ୍ କରାଯାଇଥିଲା। କିନ୍ତୁ ସେ ସମୟରେ ଡାଏନା ଏହି ଟେଷ୍ଟ ସମ୍ପର୍କରେ ଅବଗତ ନ ଥିବା କହିଥିବା ଟମ୍ ପୁସ୍ତକରେ ଲେଖିଛନ୍ତି। କେଟ୍ ରାଜପରିବାର ନ ଥିଲେ। ପ୍ରିନ୍ସ ୱିଲିୟମ୍ ଓ କେଟ୍ ମିଡଲ୍‌ଟନ୍ ୨୦୧୧ ଏପ୍ରିଲ୍ ୨୯ରେ ବାହାହୋଇଥିଲେ।

### ପୁରୁଷ କମିଶନ ଗଠନ ପାଇଁ ପିଟିଶନ

**ନୂଆଦିଲ୍ଲୀ, ୧୫।୩**

ବିବାହିତ ପୁରୁଷ କରୁଥିବା ଆତ୍ମହତ୍ୟା ଘରୋଇ ହିଂସା। ଏ ନେଇ ଗାଇଡ୍‌ଲାଇନ୍ ଓ ଜାତୀୟ ପୁରୁଷ କମିଶନ୍ ଗଠନ କରାଯିବା ନେଇ ବୁଧବାର ସୁପ୍ରିମକୋର୍ଟରେ ପିଟିଶନ୍ ଦାଖଲ କରାଯାଇଛି। ପିଟିଶନ୍‌ରେ ଆଇନଜୀବୀ ମହେଶ କୁମାର ତିୱାରି ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ୨୦୨୧ ଡେଟାକୁ ଦାଖଲ କରିଛନ୍ତି, ଯେଉଁଥିରେ ଆତ୍ମହତ୍ୟା ଯୋଗୁ ଦେଶରେ ମୋଟ ୧,୬୪,୦୩୩ ଜଣଙ୍କ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି। ମୃତକଙ୍କ ମଧ୍ୟରୁ ୮୧,୦୬୩ ବିବାହିତ ପୁରୁଷ ଆତ୍ମହତ୍ୟା କରିଥିବାବେଳେ ୨୮,୬୮୦ ବିବାହିତ ମହିଳା ଆତ୍ମହତ୍ୟା କରିଥିବା ଡେଟାରେ ଉଲ୍ଲେଖ କରାଯାଇଛି। ତେବେ ୩୩.୨% ପୁରୁଷ ପାରିବାରିକ ଅସୁବିଧା ପାଇଁ ଜୀବନ ହାରିବା ସହ ୪.୮% ବିବାହ ସଂକ୍ରାନ୍ତୀୟ ବିବାଦ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେହିପରି ଚଳିତବର୍ଷ ୧,୧୮,୯୭୯ ପୁରୁଷ ଏବଂ ୪୫,୦୨୬ ଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ତେବେ ଜାତୀୟ ମାନବାଧିକାର କମିଶନ୍ ଘରୋଇ ହିଂସାର ଶିକାର ହେଉଥିବା ପୁରୁଷଙ୍କ କ୍ଷେତ୍ରରେ ହସ୍ତକ୍ଷେପ କରିବା ପାଇଁ ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ପାରିବାରିକ ବିବାଦ ଓ ବିବାହ ଜନିତ ସମସ୍ୟା ସମ୍ପର୍କିତ ଅଭିଯୋଗକୁ ପ୍ରତ୍ୟେକ ଥାନାର ଅଧିକାରୀ ଗ୍ରହଣ କରିବା ସହ ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରିବା କଥା ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରୁଥିବା ପୁରୁଷଙ୍କ ସମ୍ପର୍କରେ କେନ୍ଦ୍ରୀୟ ଆଇନ କମିଶନ ତରଫରୁ ରିସର୍ଚ୍ଚ କରିବା କଥା ପିଟିଶନ୍‌ରେ କୁହାଯାଇଛି।

## ଭାରତରେ ଓକିଲାତି କରିବେ ବିଦେଶୀ ଆଇନଜୀବୀ

**ନୂଆଦିଲ୍ଲୀ,୧୫।୩**

- ଅନ୍ତର୍ଜାତୀୟ ଆଇନ, ଆର୍ବିଟ୍ରେଶନ୍ ପ୍ରସଙ୍ଗରେ ମହକିଲଙ୍କୁ ପରାମର୍ଶ ଦେବେ
- କେଉଁ ମାମଲାଗୁଡ଼ିକ ପରିଚାଳନା କରିବେ ତାହା ବିସିଆଇ ନିର୍ଦ୍ଧାରଣ କରିବ



ଭାରତରେ ବିଦେଶୀ ଆଇନଜୀବୀ ଏବଂ ଲ' ଫାର୍ମଗୁଡ଼ିକ ଏଣିକି ଓକିଲାତି କରିପାରିବେ। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଏନେଇ ଅନୁମତି ପ୍ରଦାନ କରିଛି। ପୂର୍ବରୁ ଏହି ପଦକ୍ଷେପକୁ ବିରୋଧ କରିଆସୁଥିବା ବିସିଆଇ ବୁଧବାର ରୁଲ୍ସ ଫର୍ ରେଜିଷ୍ଟ୍ରେଶନ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଫରେନ୍ ଲୟର୍ସ ଆଣ୍ଡ ଫରେନ୍ ଲ' ଫାର୍ମ୍ସ ଇନ୍ ଇଣ୍ଡିଆ, ୨୦୨୨ ଉପରେ ବିଜ୍ଞପ୍ତି ଜାରି କରିଛି। ଏହି ନିୟମ ଅଧୀନରେ ପଞ୍ଜୀକୃତ ଜଣେ ବିଦେଶୀ ଆଇନଜୀବୀ ଭାରତରେ ନନ୍‌ଲିଟିଜିୟସ୍ (ଅଣମକଦ୍ଦମା ସମ୍ବନ୍ଧୀୟ) ପ୍ରସଙ୍ଗରେ ମାମଲା ପରିଚାଳନା କରିପାରିବେ। ଅର୍ଥାତ୍ ବିଦେଶୀ ଆଇନଜୀବୀମାନେ ଏବଂ ଆଇନ ସଂସ୍ଥାଗୁଡ଼ିକ ଭାରତୀୟ କୋର୍ଟରେ ହାଜର ହୋଇପାରିବେ ନାହିଁ। କିନ୍ତୁ ସେମାନେ ବିସିଆଇରେ ପଞ୍ଜୀକୃତ ହେବା ପରେ ଆଇନଗତ ପରାମର୍ଶ ଦେଇପାରିବେ। ବିଦେଶୀ ଆଇନଜୀବୀଙ୍କୁ କିମ୍ବା ବିଦେଶୀ ଲ' ଫାର୍ମକୁ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଅଥବା ଅନ୍ୟ ବୈଧାନିକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପକ୍ଷଙ୍କ ମାମଲା ଲଢ଼ିବାକୁ ଦିଆଯିବ ନାହିଁ। ସେମାନଙ୍କୁ ଜଏଣ୍ଟ ଭେଞ୍ଚର୍ସ, ମର୍ଜର୍ସ ଏବଂ ଅଧିଗ୍ରହଣ, ବୌଦ୍ଧିକ ସମ୍ପତ୍ତି, କଣ୍ଟ୍ରାକ୍ଟ ଡ୍ରାଫ୍ଟିଙ୍ଗ୍ ଭଳି ଟ୍ରାଞ୍ଜାକ୍ସନାଲ ୱାର୍କ/କର୍ପୋରେଟ୍ ୱାର୍କ ଉପରେ ପ୍ରାକ୍ଟିସ୍ କରିବାକୁ ଅନୁମତି ପ୍ରଦାନ କରାଯିବ। ବିଶେଷକରି ଅନ୍ତର୍ଜାତୀୟ ଆଇନ, ବିବିଧ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ (ମଧ୍ୟସ୍ଥତା ଜରିଆରେ ମୀମାଂସା) ପ୍ରସଙ୍ଗ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ନୂଆ ରୁଲ୍ସରେ ଆହୁରି କୁହାଯାଇଛି ଯେ, ବିଦେଶୀ ଆଇନଜୀବୀ କେଉଁ ସବୁ କ୍ଷେତ୍ରରେ ଓକିଲାତି କରିବେ ସେନେଇ ବିସିଆଇ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଆବଶ୍ୟକ ହେଲେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଏନେଇ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ପରାମର୍ଶ ନେବ। ଏହି ନୂଆ ଆଇନ ବଳରେ ବିସିଆଇ କୌଣସି ବିଦେଶୀ ଆଇନଜୀବୀ କିମ୍ବା ଲ' ଫାର୍ମକୁ ପଞ୍ଜୀକରଣ ପାଇଁ ମନା କରିପାରିବ, ଯଦି କାଉନ୍‌ସିଲ ମତରେ ଭାରତରେ ପଞ୍ଜୀକୃତ କୌଣସି ନିର୍ଦ୍ଦିଷ୍ଟ ଦେଶର ଲୟର୍ସ କିମ୍ବା ଲ' ଫାର୍ମ୍ସ ସଂଖ୍ୟା ଭାରତୀୟ ଓକିଲ ଅଥବା ଆଇନ ପରାମର୍ଶଦାତା ସଂସ୍ଥାଗୁଡ଼ିକ ସମ୍ପୃକ୍ତ ରାଷ୍ଟ୍ରରେ କରୁଥିବା ଓକିଲାତି ତୁଳନାରେ ଅତ୍ୟଧିକ ହୋଇଥିବ। ଏପରି ହେଲେ ଲାଥମ୍ ଆଣ୍ଡ ୱାଟ୍‌କିନ୍ସ, ଡିଏଲ୍‌ଏ ପାଇପର ଏବଂ ବେକର ମ୍ୟାକ୍‌କେଞ୍ଜିଏ ଭଳି ବିଶ୍ୱସ୍ତରୀୟ ଲ' ଫାର୍ମଗୁଡ଼ିକ ଭାରତରେ ନିଜ ଅଫିସ ପ୍ରତିଷ୍ଠା କରିପାରିବେ। ନୂଆ ନିୟମ ଭାରତୀୟ ମାର୍କେଟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଘଟାଇବା ସହ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ। ଏହାଦ୍ୱାରା ଭାରତୀୟ ଆଇନଜୀବୀମାନେ ବିଦେଶୀ ପ୍ରତିପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ମୂଲ୍ୟଯୁକ୍ତ ଶୃଙ୍ଖଳକୁ ଉନ୍ନତ କରିପାରିବେ ବୋଲି ସରାଫ୍ ଆଣ୍ଡ ପାର୍ଟନର୍ସ ପ୍ରତିଷ୍ଠାତା ମୋହିତ ସରାଫ୍ ମତ ଦେଇଛନ୍ତି।




# ଜବରଦସ୍ତ ଖୁଆଇବାରୁ ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା/ମାର୍ଶାଘାଇ,୧୫।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହି ଗ୍ରାମର କମଳା ଓଝା (୫୪)ଙ୍କୁ ତାଙ୍କ ସ୍ୱାମୀ ଅଜୟ ଶାବଳରେ ପିଟି ହତ୍ୟା କରିଛନ୍ତି। ଉକ୍ତ ଘଟଣା ଜଣାପଡ଼ିବା ପରେ ଅଜୟଙ୍କୁ ପୋଲିସ ଥାନାରେ ଅଟକ ରଖିଛି। କମଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଅଜୟ ବାରମ୍ବାର କାହିଁକି ମୋତେ ଜବରଦସ୍ତ ଖୁଆଇଲା ବୋଲି ଗୁଣୁଗୁଣୁ ହେଉଛନ୍ତି। ଏହାକୁ ନେଇ ଅଜୟ ବୋଧହୁଏ କମଳା ଉପରେ ରାଗି ଏପରି ଘଟଣା ଘଟାଇ ଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସୁରାକ ପାଇଛି। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଅଜୟ ଗତ ୫ ବର୍ଷ ହେବ ମାନସିକ ରୋଗରେ ପୀଡ଼ିତ ଅଛନ୍ତି। କମଳା ତାଙ୍କୁ ଆକଟରେ ରଖିବା ସହ ବାହାରକୁ ଛାଡ଼ନ୍ତି ନାହିଁ। ରାତିରେ ଖାଇସାରି ପରିବାର ଲୋକେ ଶୋଇ ପଡ଼ିବା ପରେ ଏହି ହତ୍ୟାକାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ପବିତ୍ରମୋହନ ମହାରଣା କହିଛନ୍ତି, ବୁଧବାର ସକାଳେ ଏ ସଂକ୍ରାନ୍ତରେ ଖବର ପାଇବା ପରେ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। କମଳାଙ୍କ କାନମୁଣ୍ଡ ଓ ଶରୀରର ଅନ୍ୟ କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଶାବଳରେ ରକ୍ତ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସେ ସୂଚନା ଦେଇଛନ୍ତି।

# ପ୍ରଶ୍ନପତ୍ର ପହଞ୍ଚିବା ସମୟ ବଦଳିଲା

**କଟକ ଅଫିସ, ୧୫।୩**

ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା

**ପରୀକ୍ଷାର ୩୦ ମିନିଟ୍ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବ**

ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ପାଇଁ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିବା ସମୟ ପରିବର୍ତ୍ତନ ହୋଇଛି। ବାକିଥିବା ୩ଟି ପରୀକ୍ଷା ପାଇଁ ଏହା ଲାଗୁ କରାଯିବ। ନୋଡାଲ ସେଣ୍ଟରରୁ ସକାଳ ସାଢେ ୬ଟା ପରେ ପ୍ରଶ୍ନପତ୍ର ନେଇ ପରୀକ୍ଷା କେନ୍ଦ୍ରକୁ ଟିମ୍ ବାହାରିବ। ପରୀକ୍ଷା କେନ୍ଦ୍ରରେ ୬ଟା ୪୫ମିନିଟ୍‌ରୁ ସାଢେ ୭ଟା ମଧରେ ପ୍ରଶ୍ନପତ୍ର ପହଞ୍ଚିବା ପରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟଙ୍କୁ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ସମସ୍ତ ନୋଡାଲ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ବିଜ୍ଞାନ ପରୀକ୍ଷାଠାରୁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯିବ ବୋଲି ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ନିୟମରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପରୀକ୍ଷାର ୧ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚୁଥିଲା। ଏହାଦ୍ୱାରା ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିସହ ପ୍ରଶ୍ନପତ୍ର ଲିକ୍ ହେବାର ସମ୍ଭାବନା ରହୁଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପରବର୍ତ୍ତନ କରାଯାଇଥିବା ଡ. ମହାନ୍ତି ସୂଚନା ଦେଇଛନ୍ତି।

# ମାନସିକ ବିକୃତ ବୃଦ୍ଧାଙ୍କୁ ବଳାତ୍କାର

**ଖଇରା,୧୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ କୋଟିଆକୋଇଲିଠାରେ ଥିବା କଲ୍ୟାଣ ମଣ୍ଡପ ବାରଣ୍ଡାରେ ଜଣେ ୬୫ ବର୍ଷୀୟା ମାନସିକ ବିକୃତ ବୃଦ୍ଧାଙ୍କୁ ମଙ୍ଗଳବାର ରାତିରେ କେହି ବଳାତ୍କାର କରିଥିବା ଜଣାପଡ଼ିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବୃଦ୍ଧାଙ୍କୁ ବୁଧବାର ସକାଳେ ଜଣେ ଯୁବକ ଉଦ୍ଧାର କରି ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଖଇରା ବଜାରରେ ମାଗିଯାଚି ଚଳୁଥିବା ବୃଦ୍ଧା ଜଣକ ପ୍ରତ୍ୟେକ ରାତିରେ ଉକ୍ତ କଲ୍ୟାଣମଣ୍ଡପ ବାରଣ୍ଡାରେ ରାତ୍ରୀଯାପନ କରିଥାନ୍ତି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ଡ୍ରାଇଭରଙ୍କ ମୁଥ ମାଡ଼ରେ ସାଥୀ ଡ୍ରାଇଭରଙ୍କ ମୃତ୍ୟୁ

**କଟକ ସଦର,୧୫।୩(ଡି.ଏନ୍.ଏ.)**

**ହତ୍ୟା ମାମଲା ରୁଜୁ, ଅଭିଯୁକ୍ତ ଅଟକ**

୪୨ ମୌଜା ଥାନା ବଉଳକୁଦ ଗ୍ରାମର ସିଡୁଆ ନଦୀ ବନ୍ଧଗଡ଼ା ନିକଟରେ ବୁଧବାର ଅପରାହ୍ନରେ ଜଣେ ଡ୍ରାଇଭରଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଜଗତପୁର ଥାନା ଭୟରପୁର ଗ୍ରାମର ସୁଶାନ୍ତ କୁମାର ଜେନା(୩୫)। ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଏସ୍‌ଆଇ ସୁନିଲ କୁମାର ଦଳାଇ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଏକ ହତ୍ୟା ମାମଲା(ନଂ.୯୦/୨୩) ରୁଜୁ କରି ପୋଲିସ ହତ୍ୟାକାରୀ ଡ୍ରାଇଭର ଶଙ୍କର୍ଷଣ ଦେବତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଥାନାଧିକାରୀ ମହାରଣାଙ୍କ ସୂଚନା ଅନୁଯାୟୀ, ବୁଧବାର ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଥିବାରୁ ସୁଶାନ୍ତ ଓ ଶଙ୍କର୍ଷଣ କାମକୁ ନ ଯାଇ ସିଡୁଆ ନଦୀକୂଳରେ ଭୋଜି କରିଥିଲେ। ହଠାତ୍ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଶଙ୍କର୍ଷଣ ଉତ୍ତେଜିତ ହୋଇ ସୁଶାନ୍ତ ପେଟକୁ ମୁଥ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପଚରାଉଚରାବେଳେ ଶଙ୍କର୍ଷଣ ପୋଲିସକୁ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବ ବୋଲି ମହାରଣା କହିଛନ୍ତି।










**ଆଜିର ମନ୍ତବ୍ୟ**

"ସରକାରଙ୍କୁ ଦେଶ କିମ୍ବା ବିଦେଶରେ ସମାଲୋଚନା କରିବା ନାଗରିକଙ୍କ ଅଧିକାର। ଏପରି କରୁଥିବା ବ୍ୟକ୍ତିଙ୍କୁ ଦେଶ ବିରୋଧୀ ଆଖ୍ୟା ଦେବା ଅନୁଚିତ।" -**କପିଲ ସିବଲ, ରାଜ୍ୟ ସଭା ସଦସ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ କଉଡ଼ି, ମାରେ କଉଡ଼ି**
**କଉଡ଼ି ନଥିଲେ ଯା' ବାହୁଡ଼ି।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଅର୍ଥ ବଳରେ ବ୍ୟକ୍ତି ସବୁ କିଛି ଅନାୟାସରେ ହାସଲ କରିପାରେ। ଯାହା ପାଖରେ ଯେତେ ଅଧିକ ଅର୍ଥ ରହିଥାଏ ସେ ସେତେ ମାନ, ସମ୍ମାନ ଏବଂ ଆଦର ଅଭ୍ୟର୍ଥନା ପାଇଥାଏ। ସେହିପରି ଯାହା ପାଖରେ ଅର୍ଥର ଅଭାବ ଥାଏ ସେ ଚାରିଆଡୁ ଉପେକ୍ଷିତ ହୋଇଥାଏ। ଏଭଳି ବ୍ୟକ୍ତିଙ୍କୁ କେହି ଆଡ଼ ଆଖିରେ ମଧ ଚାହିଁ ନ ଥାନ୍ତି। ଅର୍ଥ ହିଁ ପ୍ରୀତି ଏବଂ ବିଚ୍ଛେଦର କାରଣ ସାଜୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ ଚଳାଏ, ପଛ ବୋଲାଏ**
**ମଝି ମଝିଆ ବନ୍ଧୁ ଦର୍ଶନ କରାଏ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜଙ୍ଗଲ ନିଆଁ ମନୁଷ୍ୟକୃତ: ମନ୍ତ୍ରୀ

## ୨୨,୭୮୬ ସ୍ଥାନରେ ଜଳୁଛି ଜଙ୍ଗଲ

- **ନିଆଁ ଆୟତ୍ତ କରିବାରେ ସରକାର ଫେଲ୍‌: ବିରୋଧୀ**
- **ମିଶନ ଶକ୍ତି ଗୋଷ୍ଠୀଙ୍କୁ ନିଆଁ ଲିଭାରେ ସାମିଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜଙ୍ଗଲ ହୁ ହୁ ହୋଇ ଜଳୁଛି। ୨୦୨୩ ମାର୍ଚ୍ଚ ୧୩ ତାରିଖ ଯାଏ ୨୨,୭୮୬ ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ତେବେ ଏ ସମସ୍ତ ଜଙ୍ଗଲ ନିଆଁ ମନୁଷ୍ୟକୃତ। ବୁଧବାର ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଗତ ଅକ୍ଟୋବରଠାରୁ ରାଜ୍ୟରେ ବର୍ଷା ନାହିଁ। ତାପମାତ୍ରା ବୃଦ୍ଧି ଘଟିଛି। ୨୦୨୧ରେ ମଧ ମନୁଷ୍ୟକୃତ ଜଙ୍ଗଲ ନିଆଁ ଯୋଗୁ ୫୬,୭୦୬ ସ୍ଥାନରେ ଜଙ୍ଗଲ ନିଆଁ ଦେଖା ଯାଇଥିଲା। ସେଥିରୁ ୧୪,୭୮୨ଟି ନିଆଁ ଜଙ୍ଗଲ ବାହାରେ ଦେଖାଯାଇଥିଲା। ବାହାରେ ଦେଖାଯାଉଥିବା ନିଆଁ ମକା ଚାଷ ଓ ଧାନ ଚାଷ ପରେ କ୍ଷେତ୍ରରେ ଜଳିବା ଯୋଗୁ ହୋଇଥାଏ। ଏହି ନିଆଁ କ୍ଷେତରୁ ଜଙ୍ଗଲକୁ ବ୍ୟାପିଥାଏ। ଜଙ୍ଗଲ ମଧରେ ଯେଉଁ ନିଆଁ ଦେଖାଦେଉଛି ତାହା ବନଜାତ ଦ୍ରବ୍ୟ ସଂଗ୍ରହ ଓ ପ୍ରାଣୀ ଶିକାର ପାଇଁ ହୋଇଥାଏ। ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ ସମସ୍ତ ଜିଲାପାଳମାନଙ୍କୁ ଜିଲା ଆକ୍ସନ ପ୍ଲାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩୦ ଜିଲାରେ ବନ ବିଭାଗ ଓ ଅନ୍ୟ ବିଭାଗଗୁଡ଼ିକୁ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଯୋଜନାଭିତ୍ତିକ କମିଟି ଗଠନ କରାଯାଇଛି। ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ଜଙ୍ଗଲ ନିଆଁ ଲିଭାଇବାକୁ ପଞ୍ଚାୟତିରାଜ ପ୍ରତିନିଧି, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସାମିଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନଖଣ୍ଡ ସ୍ତରରେ ୩୯୯ ନିଆଁ ଲିଭାଳି ଦଳଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଗାଡ଼ି ଫାୟାର ବ୍ଲୋୟର ଓ ସୁରକ୍ଷା ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ସୂଚନା ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଉପଗ୍ରହ ଜରିଆରେ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଉଛି। ଲାଗିଥିବା ନିଆଁରୁ ୯୮ ପ୍ରତିଶତକୁ ଆୟତ୍ତ କରାଯାଇଛି। ତଳେ ନିଆଁ ଲାଗୁଥିବାରୁ ଅଗ୍ନିକାଣ୍ଡ ଯୋଗୁ ବୃକ୍ଷରାଜି କିମ୍ବା ଜୀବଜନ୍ତୁ ପ୍ରଭାବିତ ହୁଅନ୍ତି ନାହିଁ। ବନ ବିଭାଗ କର୍ମଚାରୀ ନିଆଁକୁ ଲିଭାଇବା ପାଇଁ ଦିନ ରାତି କାର୍ଯ୍ୟରେ ଲାଗିଛନ୍ତି। ସରକାର ଶୋଇନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇ ପାରୁନାହିଁ। ଏହାକୁ ନେଇ ବିଧାନସଭାରେ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ନିଆଁ ଲିଭାଇବାରେ ବିଫଳ ହୋଇଛନ୍ତି। ଜୀବଜନ୍ତୁଙ୍କ ଜୀବନ ବିପନ୍ନ ହୋଇଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ବୁଧବାର ବିଧାନସଭାରେ 'ଲାଗିଛି ନିଆଁ ଜଙ୍ଗଲରେ, ସରକାର ଶୋଇଛନ୍ତି ମହାନିଦ୍ରାରେ' ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି,ରାଜ୍ୟର ସବୁ ଜଙ୍ଗଲରେ ନିଆଁ ଲାଗିଛି। ଜଙ୍ଗଲ ଆଉ ରହିବ ନାହିଁ। ୪ ମାସ ହେବ ରାଜ୍ୟରେ ଜଙ୍ଗଲ ଜଳୁଛି। ସରକାର ନିଆଁକୁ ଆୟତ୍ତ କରିପାରୁ ନାହାନ୍ତି। ଭାରତର ଅନେକ ଜଙ୍ଗଲରେ ନିଆଁ ଲାଗିଛି। ହେଲେ ଓଡ଼ିଶାର ସର୍ବାଧିକ ସ୍ଥାନରେ ନିଆଁ ଜଳୁଛି। ରାଜ୍ୟର ବିଭିନ୍ନ ଜଙ୍ଗଲର ୬୫୬ଟି ଜାଗାରେ ବଡ ବନାଗ୍ନି ହୋଇଛି। ଶିକାରୀ ନିଆଁ ଲଗାଇ ଦେଉଛନ୍ତି। ସେମାନଙ୍କୁ ଧରିବାକୁ ସରକାର କ'ଣ ପଦକ୍ଷେପ ନେଇଛନ୍ତି। ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ କହିଛନ୍ତି,ରାଜ୍ୟରେ ୫୨ ହଜାର ୪୭୨ ବର୍ଗକିଲୋମିଟର ଜଙ୍ଗଲ ରହିଛି। ଜଙ୍ଗଲରେ କିଏ ନିଆଁ ଲଗାଉଛି। ରାଜ୍ୟ ସରକାର ବହୁ ସ୍ଥାନରେ ସ୍କ୍ୱାଡ ଗଠନ କରିଛନ୍ତି। ସେମାନେ ଜାଣିପାରୁନାହାନ୍ତି। ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ କୌଣସି ବ୍ୟବସ୍ଥା କରିନାହାନ୍ତି। ସମସ୍ତଙ୍କ ସହ ସମନ୍ୱୟ ନ ରହିଲେ ଏମିତି ଜଙ୍ଗଲ ଜଳୁଥିବ ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ନିଆଁ ଲାଗିଲେ ଜୀବଜନ୍ତୁଙ୍କର ଜୀବନ ବିପଦରେ ପଡୁଛି। ବନ୍ୟପ୍ରାଣୀ ପରିଚାଳନା ସଂସ୍ଥା କ'ଣ କରୁଛି। ଜଙ୍ଗଲ ନିଆଁ ଯୋଗୁ ହାତୀ ଡାଇନୋସର ଭଳି ସବୁଦିନ ପାଇଁ ଲୋପ ପାଇଯିବେ। ହାତୀଙ୍କୁ କେବଳ ଚିତ୍ରରେ ଦେଖିବାକୁ ମିଳିବ। ଗତ ୧୦ ବର୍ଷରେ ୭୮୪ ହାତୀଙ୍କର ମୃତ୍ୟୁ ହେଲାଣି। ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଭଳି ହାତୀମାନଙ୍କୁ ମଧ ଷଡ଼ଯନ୍ତ୍ର କରି ମରାଯାଉଛି ବୋଲି ମହାଲିଙ୍ଗ କହିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ରାଜ୍ୟରେ ଜଳୁଥିବା ଜଙ୍ଗଲ ନିଆଁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଓ ନେତାମାନେ ହେଲିକପ୍ଟରରେ ବୁଲୁଛନ୍ତି। ଜଙ୍ଗଲରେ ହେଲିକପ୍ଟର ମାଧ୍ୟମରେ ପାଣି କାହିଁକି ପକାଯାଉ ନାହିଁ। ଶିମିଳିପାଳଠାରୁ ଆରମ୍ଭ କରି ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ସବୁଠି ଜଙ୍ଗଲ ଜଳୁଛି। ଲୋକମାନେ ଜାଣିଶୁଣି ନିଆଁ ଲଗାଇ ଦେଉଛନ୍ତି। ମହିଳାମାନଙ୍କୁ ଖାଲି ଟଙ୍କା ଦେଇ ଏସ୍‌ଏଚଜି ଗଠନ କଲେ ହେବ ନାହିଁ। ସେମାନଙ୍କୁ ଜଙ୍ଗଲ ନିଆଁ ଲିଭାଇବାରେ ମଧ କାମରେ ଲଗାଯାଉ। ଭୁବନେଶ୍ୱରଠାର ଆରମ୍ଭ କରି ଚାରିଆଡ଼େ ଗଛ କାଟି ଦେଉଛ। ଏହା ବଦଳରେ ଗଛ ଲଗାଯାଉନି। ଜଙ୍ଗଲ ଜଳିଗଲେ ଆଉ କେହି ବଞ୍ଚିବେ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ରାଜ୍ୟର ୨୨ଟି ଜିଲାର ୧୨୦୦ ଜଙ୍ଗଲରେ ନିଆଁ ଲାଗିଛି। ମନ୍ତ୍ରୀ ହେଲିକପ୍ଟରରେ ବୁଲୁଛନ୍ତି। ନିଆଁ ଲିଭାଇବାକୁ ପଇସା ନାହିଁ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିଲେ, ଜଙ୍ଗଲ ନିଆଁ ଲିଭାଇବାକୁ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି। ଭାରତର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। କୌଣସି ଜୀବଜନ୍ତୁ ଏଥିରେ କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ। ଏହା ଏକ ପ୍ରକ୍ରିୟା। ପୋଡ଼ି ଯାଉଥିବା ଜଙ୍ଗଲ ସ୍ଥାନରେ ନୂତନ ବୃକ୍ଷ ଲତା ସୃଷ୍ଟି ହୁଅନ୍ତି। ରାଜ୍ୟରେ ଜଙ୍ଗଲ ପରିମାଣ ବଢୁଛି। ବିଜେଡି ସଭ୍ୟ ରାଜକିଶୋର ଦାସ ଓ ରମେଶ ଚନ୍ଦ୍ର ସାଏ ପ୍ରମୁଖ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ସହ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଶେଷରେ ବାଚସ୍ପତି ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

# ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

କଟକ ଅଫିସ,୧୫।୩: ବହୁ ଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ଜଗବନ୍ଧୁଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଜଗବନ୍ଧୁଙ୍କ ବିରୋଧରେ ଏତଲା ଦେଇଥିଲେ। ଏହି ମାମଲାରେ ଜଗବନ୍ଧୁ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତାଙ୍କ ନାଁରେ ତିନୋଟି ମାମଲା ରହିଥିବାବେଳେ ସେ ଏହି ଗୋଟିଏ ମାମଲାରେ ଜାମିନ ପାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଷ୍ଟିୟରିଂ ଛାଡ଼ି ଆନ୍ଦୋଳନରେ ...

ବହୁ ସ୍ଥାନରେ ଜାତୀୟ ରାଜପଥରେ ଧାରଣା ଦିଆଯାଇଥିବାରୁ ଗାଡ଼ି ଚଳାଚଳରେ ବାଧା ଉପୁଜିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଏବଂ ନିଖିଳ ଓଡ଼ିଶା ଅଟୋ ମହାସଂଘ ଏହି ଆନ୍ଦୋଳନରେ ସହଯୋଗ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଥିଲେ। ମାତ୍ର ଆନ୍ଦୋଳନରତ ଡ୍ରାଇଭରମାନେ ଘରୋଇ ବସ୍, ମୋ ବସ୍, ଟ୍ରକ୍, ଅଟୋ, ଟ୍ୟାକ୍ସି କାହାକୁ ବି ଛାଡ଼ି ନ ଥିଲେ। ଫଳରେ ସର୍ବସାଧାରଣ ପରିବହନ ପ୍ରାୟତଃ ହୋଇପାରିନାହିଁ। ଅନେକ ସ୍ଥାନରେ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ଆନ୍ଦୋଳନକାରୀ ଡ୍ରାଇଭରମାନେ ଅଟକାଇ ଫୁଲମାଳ, ଚନ୍ଦନ ଲଗାଇବା ସହ ହାତଯୋଡି ଏବଂ ଗୋଡ଼ତଳେ ପଡ଼ି ବୁଝାଉଥିବା ଦେଖାଯାଇଛି। ତେବେ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ପରିବହନରେ ନିୟୋଜିତ ଗାଡ଼ି ଯେପରିକି ଆମ୍ବୁଲାନ୍ସ, ଫାୟାର ଗାଡ଼ି, ସ୍କୁଲ, କଲେଜ ଗାଡ଼ିକୁ ଆନ୍ଦୋଳନରୁ ବାଦ୍ ଦିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ମହାମଞ୍ଚ ପକ୍ଷରୁ ରୋକ୍ ଠୋକ୍ ଶୁଣାଇ ଦିଆଯାଇଛି। ଆବଶ୍ୟକ ପଡିଲେ ପିଲାଛୁଆଙ୍କୁ ଧରି ରାସ୍ତାକୁ ଓହ୍ଲାଇବେ ବୋଲି ଧାରଣାରତ ଡ୍ରାଇଭର ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ମୋଟର ଚାଳକ ସଂଘର ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକ କହିଛନ୍ତି, ଡ୍ରାଇଭର କଲ୍ୟାଣ ପାଣ୍ଠି ଗଠନ, ବୀମା, ସାମଜିକ ନିରାପତ୍ତା, ପେନ୍‌ସନ, ରାଜପଥର ବିଭିନ୍ନ ସ୍ଥାନରେ ବିଶ୍ରାମାଗାର ଏବଂ ଶୌଚାଳୟ ନିର୍ମାଣ ଆଦି ୧୦ ଦଫା ଦାବି ନେଇ ପୂର୍ବରୁ ବହୁବାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଥିଲା। ଏପରିକି ଆନ୍ଦୋଳନ, ଦଣ୍ଡବତ ଆଦି ଅଭିନବ ପନ୍ଥାରେ ମଧ ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ସବୁଥର କେବଳ ପ୍ରତିଶ୍ରୁତି ଦେଇ ସରକାର ଖସି ଯାଉଛନ୍ତି। ସୋମବାର ଅର୍ଥାତ୍ ୧୩ ତାରିଖରେ ଆମେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ନିକଟକୁ ଦାବି ନେଇ ଯାଇଥିଲୁ। ମାତ୍ର ସେ ସମାଧାନ କରିବା ପରିବର୍ତ୍ତେ ୧୫ଦିନ ସମୟ ମାଗିଥିଲେ। ଏହାକୁ ଲିଖିତ ଭାବେ ଦେବା ପାଇଁ କହିବାକୁ ମନା କରିଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ ରାସ୍ତାକୁ ଓହ୍ଲାଇଛୁ। ହଳଦିଆ ନମ୍ବର ପ୍ଲେଟ୍ ଥିବା ଗାଡ଼ିଗୁଡ଼ିକ ବାଣିଜ୍ୟିକ ଭିତ୍ତିରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ଅଟକା ଯାଇଛି। ଏହାଦ୍ୱାରା ଜନସାଧାରଣ ପ୍ରଭାବିତ ହେବେ। ଲୋକେ ପ୍ରଭାବିତ ହେଲେ ସରକାର ଆମ କଥା ଶୁଣିବେ। ସରକାର ନିର୍ମାଣ ଶ୍ରମିକଙ୍କଠାରୁ ଆରମ୍ଭ କରି କେନ୍ଦୁପତ୍ର ତୋଳାଳୀ ପର୍ଯ୍ୟନ୍ତ ସମସ୍ତଙ୍କ କଲ୍ୟାଣ ପାଇଁ ବ୍ୟବସ୍ଥା କରୁଛନ୍ତି। ତେବେ ଡ୍ରାଇଭରମାନଙ୍କୁ ଏଥିରୁ କାହିଁକି ବାଦ୍ ଦିଆଯାଉଛି ବୋଲି ଅକ୍ଷୟ ପ୍ରଶ୍ନ କରିଛନ୍ତି। ସେହିପରି ମନ୍ତ୍ରୀ ଟୁକୁନି ସାହୁ ଏବଂ ସଚିବ ଚାଳକ ସଂଘ ସହିତ ଆଲୋଚନା କରାଯାଇଛି ବୋଲି ଗଣମାଧ୍ୟମକୁ ଦେଇଥିବା ସୂଚନା ମିଥ୍ୟା ବୋଲି ଅକ୍ଷୟ ଅଭିଯୋଗ କରିଛନ୍ତି। ମହାମଞ୍ଚ ସହିତ କୌଣସି ଆଲୋଚନା କରାଯାଇନାହିଁ। ମନ୍ତ୍ରୀ ଗଣମାଧ୍ୟମରେ ଭୁଲ୍ ତଥ୍ୟ ରଖିଥିବା ସେ କହିଛନ୍ତି। ଅପରପକ୍ଷରେ ମହାମଞ୍ଚର ଏଭଳି କାର୍ଯ୍ୟକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏବଂ ରାଜ୍ୟ ଟ୍ରକ୍ ମାଲିକ ସଂଘ ନାପସନ୍ଦ କରିଛନ୍ତି। ରାଜ୍ୟ ଟ୍ରକ୍ ମାଲିକ ସଂଘ ପୂରଞ୍ଜନ ପାଢ଼ୀ କହିଛନ୍ତି, ଡ୍ରାଇଭରମାନେ ଅଯଥାରେ ଲୋକଙ୍କୁ ହଇରାଣ କରୁଛନ୍ତି। ସରକାର ସେମାନଙ୍କ ଦାବି ନେଇ ଆଲୋଚନା କରିବାକୁ ରାଜି ଅଛନ୍ତି, ଏହାପରେ ବି ଏଭଳି ପନ୍ଥା ଆପଣାଇବା ଆଦୌ ଠିକ୍ ନୁହେଁ। ତେବେ ଆନ୍ଦୋଳନକୁ ମାଲିକ ସଂଘ ସମର୍ଥନ କରୁନାହିଁ। ଆମର କିଛି ଟ୍ରକ ବିଭିନ୍ନ ସ୍ଥାନରେ ଚାଲିଛି। ମାତ୍ର ବ୍ରହ୍ମପୁର, ତାଳଚେର, ସମ୍ବଲପୁର ପଟେ ଗାଡ଼ିକୁ ଅଟକାଯାଇଥିବାରୁ ମାଲ୍ ପରିବହନ ବାଧାପ୍ରାପ୍ତ ହୋଇଛି ବୋଲି ପାଢ଼ୀ କହିଛନ୍ତି।

ଭୁବନେଶ୍ୱର ବସ୍ ମାଲିକ ସଂଘ ସଭାପତି ଦେବବ୍ରତ ପଟ୍ଟନାୟକ କହିଛନ୍ତି, ସରକାର ସମ୍ପୂର୍ଣ୍ଣରୂପେ ଅସହାୟ ହୋଇ ପଡ଼ିଛନ୍ତି। ସବୁ ଦେଖି ନିଦାବିଷ୍ଟୁ ପାଲଟିଛନ୍ତି। ଏଭଳି ଆନ୍ଦୋଳନ ଚାଲିଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇବ। ରାଜ୍ୟରେ ୧୪ ହଜାରରୁ ଊର୍ଦ୍ଧ୍ୱ ବସ୍ ରହିଛି। ଆନ୍ଦୋଳନ ଦ୍ୱାରା କେତେଯାତ୍ରୀ ପ୍ରଭାବିତ ହୋଇଛନ୍ତି ତାହା ଏଥିରୁ ଅନୁମେୟ। ସବୁଠାରୁ ଆଶ୍ଚର୍ଯ୍ୟର କଥା ପୋଲିସ ସମ୍ମୁଖରେ ଡ୍ରାଇଭରମାନେ ଜୁଲୁମ କରୁଥିବାବେଳେ ସେମାନେ କିଛି କରୁ ନ ଥିବା ପଟ୍ଟନାୟକ କହିଛନ୍ତି।

# ଭୁଶୁଡ଼ିଲା ନିର୍ମାଣାଧୀନ ...

ତ୍ରୁଟିକୁ ନେଇ ବୈଷୟିକ ଟିମ୍ ଯାଞ୍ଚ କରିବ। ତେବେ ଘଟଣାସ୍ଥଳରେ କେହି ମୃତାହତ ହୋଇନାହାନ୍ତି। ନିର୍ମାଣଗତ ତ୍ରୁଟି ଥିଲେ ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ସହର ରାସ୍ତାରୁ ଭିଡ଼ କମାଇବା ପାଇଁ ତିନିମୁହାଣୀସ୍ଥିତ ଚଟି ପୋଲଠାରୁ ଗରାପୁର କାଳୀମନ୍ଦିର ପର୍ଯ୍ୟନ୍ତ ଦ୍ୱିତୀୟ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଏଆରଏସ୍‌ଏସ୍ କମ୍ପାନୀ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗରୁ ୨୩କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ନେଇଥିଲା। ଏହି କାର୍ଯ୍ୟାଦେଶ ମଧରେ ବାଇପାସ୍ ରାସ୍ତାର ଗୋବରୀ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ନଭେମ୍ବର ୮ ରେ ଏହି ସେତୁର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ୪ବର୍ଷ ପରେ ୨୦୨୦ ଫେବୃୟାରୀ ୭ରେ ଏହି ସେତୁର ନିର୍ମାଣ କାମ ଆରମ୍ଭ ହୋଇ ୨୦୨୨ ମାର୍ଚ୍ଚ ୬ରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ଅଦ୍ୟାବଧି ଏହି ପ୍ରକଳ୍ପର ୫୦ପ୍ରତିଶତ କାମ ଶେଷ ହୋଇ ନାହିଁ।

# ତହସିଲଦାରଙ୍କ ଗାଡ଼ିରେ ପରୀକ୍ଷା ଦେବାକୁ ଗଲେ ଛାତ୍ରୀ

## ବାର୍ଷିକ କ୍ରୀଡ଼ାରେ ଗୋଡ଼ ଭାଙ୍ଗିଯାଇଥିଲା

କେନ୍ଦୁଝର,୧୫।୩(ସ୍ୱ.ପ୍ର.)

ସ୍କୁଲ ବାର୍ଷିକ କ୍ରୀଡ଼ାରେ ଲମ୍ଫ ଡିଆଁ ସମୟରେ ଗୋଡ଼ ଭାଙ୍ଗି ଯାଇଥିଲା। ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବାରୁ ଚିନ୍ତାରେ ଥିଲେ। ପରୀକ୍ଷାରୁ ବଞ୍ଚିତ ହେବା ଆଶଙ୍କାରେ ଦୁଃଖିତ ଥିଲେ। ସ୍ଥାନୀୟ ତହସିଲଦାର ଉକ୍ତ ଖବର ପାଇବା ପରେ ସମ୍ପୃକ୍ତ ଛାତ୍ରୀଙ୍କୁ ନିଜ ଗାଡ଼ିରେ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ତହସିଲଦାରଙ୍କ ସହାୟତାରେ ସିରିଗିଡା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ରୀ ପପିନ ବିଶ୍ୱାଳ ମାଟ୍ରିକ୍ ପରୀକ୍ଷା ଦେଇପାରୁଛନ୍ତି ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ତେଲକୋଇ କୁଣ୍ଢେଇହଡା ଗ୍ରାମର ପପିନ ଗତ ଡିସେମ୍ବରର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିଲେ। ଲମ୍ଫଡିଆଁ ସମୟରେ ତାଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ଶିକ୍ଷକଙ୍କ ସହାୟତାରେ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୋଡ଼ର ଅସ୍ତ୍ରୋପଚାର ହୋଇଥିଲା। ସେହି ଦିନଠାରୁ ସେ ସ୍କୁଲକୁ ଯାଇପାରି ନ ଥିଲେ। ମାର୍ଚ୍ଚ ୧୦ରୁ ମାଟ୍ରିକ ପରୀକ୍ଷା ଥିବାରୁ ପରିବାର ଲୋକେ ଚିନ୍ତାରେ ଥିଲେ। ୨୦ କି.ମି ଯାଇ କେମିତି ପରୀକ୍ଷା ଦେବେ ସେନେଇ ପପିନା ମନଦୁଃଖରେ ଦିନ କାଟୁଥିଲେ। ସ୍ଥାନୀୟ ତହସିଲଦାର ଅଶ୍ୱିନୀ ନାୟକ ଖବର ପାଇ ନିଜ ଗାଡ଼ିରେ ପପିନଙ୍କୁ ଖୁଣ୍ଟାପଡ଼ା ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ପରେ ପ୍ରତ୍ୟେକ ପରୀକ୍ଷା ଦିନ ଯାତାୟାତ ନିମନ୍ତେ ଏକ ସରକାରୀ ଗାଡ଼ିର ବ୍ୟବସ୍ଥା କରିଥିଲେ। ସେଣ୍ଟରରେ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଉକ୍ତ ଛାତ୍ରୀଙ୍କ ସମସ୍ୟା ଜାଣିବା ପରେ ସ୍ଥାନୀୟ ତହସିଲଦାର ଯାତାୟାତ ବ୍ୟବସ୍ଥା କରିଛନ୍ତି।



ସରକାରୀ ଗାଡ଼ିରେ ପପିନ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

# ବନାଗ୍ନି ପ୍ରଶମନ ପାଇଁ ଗଠନ ହେବ ସ୍ୱତନ୍ତ୍ର ଟାସ୍କଫୋର୍ସ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଲା ବୈଠକ

## ବନାଗ୍ନି ନେଇ ପ୍ରତ୍ୟେକ ଦିନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ରାଜ୍ୟରେ ବନାଗ୍ନିକୁ ପ୍ରଶମନ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବନାଗ୍ନି ପ୍ରଶମନ ନିମନ୍ତେ ପଞ୍ଚାୟତ ସ୍ତରରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯିବ। ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ, ସ୍ଥାନୀୟ ଜନପ୍ରତିନିଧି, ମିଶନ ଶକ୍ତି, ସ୍ଥାନୀୟ କ୍ଲବ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କୁ ଏହି ଅଭିଯାନରେ ସାମିଲ କରାଯାଇ ପ୍ରାଥମିକତା ଭିତ୍ତିରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଜିଲାପାଳ, ଏସ୍‌ପି, ଡିଏଫ୍‌ଓ, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଭର୍ଚୁଆଲରେ ଯୋଗଦେଇଛନ୍ତି। ବନାଗ୍ନି ରୋକିବାକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ସହ ଆବଶ୍ୟକ ସ୍ଥଳେ ଓଡ୍ରାଫ ଟିମ୍‌କୁ ମୁତୟନ କରାଯିବ। ଆଗକୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ଆଶଙ୍କା ଥିବାରୁ ବନାଗ୍ନି ବ୍ୟାପିବା ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଆଗୁଆ ଓଡ୍ରାଫ ଟିମ୍ ମୁତୟନ ନିମନ୍ତେ ମୁଖ୍ୟ ଶାସନ ସଚିବ ଓସ୍‌ଡମାକୁ ନିର୍ଦ୍ଦେଶ ଦେଇଛନ୍ତି। ବନାଗ୍ନି ପ୍ରଶମନ କ୍ଷେତ୍ରରେ ଆଗୁଆ ସୂଚନା ଦେବା, ସହଯୋଗ କରୁଥିବା ସ୍ଥାନୀୟ ସଂସ୍ଥା ତଥା ବ୍ୟକ୍ତିବିଶେଷ ଏବଂ ସମ୍ପୃକ୍ତ ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ। ଅନେକ ସ୍ଥାନରେ ମନୁଷ୍ୟକୃତ ଭାବେ ବନାଗ୍ନି ହେଉଥିବା ଦୃଷ୍ଟିରୁ ଗୋଷ୍ଠୀ ସହଭାଗିତାରେ ଏହାକୁ ରୋକିବା ନିମନ୍ତେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ବ୍ୟାପକ ସଚେତନତା ଏବଂ ସ୍ଥାନୀୟ ଗୋଷ୍ଠୀ ସହଭାଗିତାର ଉତ୍ତର ଦାୟିତ୍ୱ ବୃଦ୍ଧି ପାଇଲେ ଜଙ୍ଗଲ ନିଆକୁ ନିୟନ୍ତ୍ରଣ କରାଯାଇପାରିବ। ଏଥିସହ ଜିଲାର ବିଭିନ୍ନ ବନଖଣ୍ଡ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସମ୍ପୃକ୍ତ ଜିଲାର ଜିଲାପାଳ, ଏସ୍‌ପି ଏବଂ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ସ୍ଥାନୀୟ ତହସିଲଦାର, ବିଡିଓ, ଥାନା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ତଥ୍ୟକୁ ଭିତ୍ତିକରି ସରକାରଙ୍କୁ ବନାଗ୍ନି ସମ୍ପର୍କିତ ଦୈନିକ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବୈଷୟିକ ଜ୍ଞାନକୌଶଳ ଉପଯୋଗ ତଥା ଉପଗ୍ରହ ଉତ୍ତୋଳିତ ଛବି ମାଧ୍ୟମରେ ବନାଗ୍ନି ସ୍ଥାନ ଚିହ୍ନଟ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ବନାଗ୍ନିରେ ସମ୍ପୃକ୍ତ ଖଳ ପ୍ରକୃତିର ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ୨୩ ହଜାର ୮୬୦ଟି ସ୍ଥାନରେ ବନାଗ୍ନି ସମ୍ପର୍କରେ ତଥ୍ୟ ଥିବାବେଳେ ସେଥି ମଧ୍ୟରୁ ୯୮ ପ୍ରତିଶତ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଶନି ସହ ବୁଧଙ୍କ ସଂଯୋଗ କାରଣରୁ ଅଟକିଥିବା କାମ ସକାଶେ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ, ପରିବହନ, କଳା, କ୍ରୀଡ଼ା ପାଇଁ ଚାପ ବଢ଼ିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଫେରନ୍ତା ରାସ୍ତାରେ ନିଜ ମନ ପସନ୍ଦର ଜିନିଷ ପାଇ ଖୁସି ହେବେ।

**ବୃଷ**

ଦ୍ୱାଦଶସ୍ଥ ପାପଗ୍ରହଜନିତ କୌଣସି ପ୍ରକାରର ଭୁଲ୍ ନ କରି ମଧ ଦୋଷୀ ରୂପେ ପରିଗଣିତ ହେବେ। ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମିଥୁନ**

ରାଶିରେ ମଙ୍ଗଳ ଅର୍ଥପ୍ରାପ୍ତିରେ ବାଧା ଓ ଜମିଜମା କଳହର ଆଶଙ୍କା ରହିଛି। ଅବଶ୍ୟ ଆଜି ବାଣିଜ୍ୟ ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ**

ଭାଗ୍ୟସ୍ଥାନରେ ରବି ଓ ବୃହସ୍ପତିଙ୍କ ସ୍ଥିତିରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଖୁସି ରହିବ। କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ**

ବ୍ୟୟାଧିପ କୋଣଭାବସ୍ଥ ଯୋଗୁ ପୂର୍ବାପେକ୍ଷା ପରିସ୍ଥିତି ଭଲ ହେଲେ ମଧ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବିଗିଡି ଯିବାର ଆଶଙ୍କା ରହିଛି।

**କନ୍ୟା**

ବୁଧ ଯୁକ୍ତ ଶନି ଯୋଗୁ ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ନ ପାଇ ବ୍ୟସ୍ତ ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବାର ସୂଚନା ରହିଛି। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ତୁଳା**

ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅନ୍ୟମାନଙ୍କ ମନ ନେଇ ଯେତେ କାମ କଲେ ମଧ ସେମାନେ ଭୁଲ୍ ବୁଝିବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଅବଶ୍ୟ ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**

ଅଷ୍ଟମାଧିପଯୁକ୍ତ ବୁଧ ହେତୁ ସ୍ୱାସ୍ଥ୍ୟ ବିଗିଡିବା ସହ ବନ୍ଧୁମାନଙ୍କ ସହ ମତାନ୍ତର ସମ୍ଭାବନା ରହିଛି। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**

ଗୁରୁ ଓ ରବିଙ୍କ ସଂଯୋଗ ହେତୁ ଆଜି ଅର୍ଥଲାଭ ହେତୁ ମନ ମଧ ପ୍ରଫୁଲ୍ଲ ରହିବ। ଯେ କୌଣସି କ୍ଷେତ୍ର ହେଲେ ମଧ ବିଚାର ବିନା ବିଶ୍ୱାସ କଲେ ହଇରାଣରେ ପଡିପାରନ୍ତି। ରୋଗପୀଡ଼ା ଉପଶମ ହେତୁ ଖୁସି ରହିବେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**

ସମବେଦନା ପୂର୍ବକ ମନରେ ଭାବାନ୍ତରଜନିତ କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତାବୃଦ୍ଧି ପାଇବ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେଇପାରେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**

ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଦକ୍ଷତା ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବ୍ୟବସାୟ ଓ ପରିବହନରେ ଉତ୍ତରଭାଦ୍ରପଦ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**

ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ରାହୁ ଯୁକ୍ତ ଶୁକ୍ର ଦ୍ୱିତୀୟସ୍ଥ ଯୋଗୁ ଚେଷ୍ଟା କରୁଥିବା କାର୍ଯ୍ୟହାନି ହେତୁ ଅନୁତାପ କରିବେ।

ଆଜି ଚୈତ୍ର କୃଷ୍ଣ ନବମୀ ଗୁରୁବାର, ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ରାଶିନକ୍ଷତ୍ର–ପୂର୍ବଷାଢ଼ା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୮ ଗତେ ଘ. ୦୭।୩୩ ମଧ୍ୟେ, ଘ.୧୦।୪୪ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୪ ଗତେ ଘ. ୦୨।୫୪ ମଧ୍ୟେ ରାହୁ କାଳ ।

# ବ୍ୟବସାୟରେ ସ୍ୱଚ୍ଛତା ବଢ଼ିଛି

**ପାରିବାରିକ ବ୍ୟବସାୟ ସହ ବାଣିଜ୍ୟର ଛାତ୍ର ହୋଇଥିବାରୁ ବ୍ୟବସାୟ ପ୍ରତି ତାଙ୍କର ବେଶ୍ ଆଗ୍ରହ ରହିଥିଲା। ଏପରିକି ପାଠପଢ଼ା ସମୟରେ ସେ ବଡ଼ଭାଇମାନଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ବିଶେଷକରି କୋଲକାତାରୁ ଉଚ୍ଚଶିକ୍ଷା ଶେଷ ସହ ଶେୟାର ବଜାର କାରବାର କ୍ଷେତ୍ରରେ ସେ ଜଡ଼ିତ ହୋଇଥିଲେ। ଦୀର୍ଘଦିନ ଧରି ଟ୍ରେଡିଂ ବ୍ୟବସାୟରେ ଜଡ଼ିତ ଥିବାବେଳେ ଅନ୍ୟ ବ୍ୟବସାୟରେ ପ୍ରବେଶ ପାଇଁ ସେ ଯୋଜନା କରିଥିଲେ। ସମୟକ୍ରମେ ପାରିବାରିକ ସଦସ୍ୟ ଏବଂ ବନ୍ଧୁ ପରିଜନଙ୍କ ପରାମର୍ଶକ୍ରମେ ସେ ଭୁବନେଶ୍ୱରରେ ରିୟଲ ଇଷ୍ଟେଟ ବ୍ୟବସାୟରେ ପ୍ରବେଶ କରିଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ନିଜକୁ ପରିଚିତ କରାଇ ପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ସୁରେକା ଆଣ୍ଡ୍ ମର୍ଲିନ୍ ଗ୍ରୁପ୍ ଅଫ୍ କମ୍ପାନିଜର ପାର୍ଟନର ସୁରେଶ କୁମାର ସୁରେକାଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS



ସୁରେଶ କୁମାର ସୁରେକା

**ପ୍ର– ୧: ଆପଣଙ୍କ ବ୍ୟବସାୟିକ ଯାତ୍ରା କିଭଳି ରହିଥିଲା ?**

ଉ– ୧୯୯୧ରେ ଉଚ୍ଚଶିକ୍ଷା ଶେଷକରି ୧୯୯୨ରେ ଭୁବନେଶ୍ୱର ଆସିଥିଲି। ସେବେଠାରୁ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ଷ୍ଟକ୍ ମାର୍କେଟରେ ସଦସ୍ୟ ହେବା ସହ ଟ୍ରେଡିଂ ବ୍ୟବସାୟରେ ଜଡ଼ିତ ଥିଲି। ଦୀର୍ଘଦିନର ଅଭିଜ୍ଞତା ସହ ପାରିବାରିକ ସଦସ୍ୟ ଓ ପରିଜନଙ୍କ ପରାମର୍ଶକ୍ରମେ ମୁଁ ୨୦୧୦-୧୧ରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରବେଶ କରିଥିଲି। କାରଣ ଆଗାମୀ ଦିନରେ ଓଡ଼ିଶା ଅଭିବୃଦ୍ଧି ସହ ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ଗଣାହେବାକୁ ଯାଉଛି। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ସହ ଏକ ମଜଭୁତ ସରକାର କାମ କରୁଛି। ଫଳରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଅନେକ ଆଶା ଆକାଂକ୍ଷା ରହିଛି। ଏଭଳି କିଛି ଆଶା ଓ ବିଶ୍ୱାସ ନେଇ ବ୍ୟବସାୟ ଯାତ୍ରା ଜାରି ରହିଛି।

**ପ୍ର–୨: ଓଡ଼ିଶା ରିୟଲ ଇଷ୍ଟେଟ ବଜାରକୁ କିଭଳି ଦେଖୁଛନ୍ତି ?**

ଉ– ଓଡ଼ିଶା ରିୟଲ ଇଷ୍ଟେଟ ଦେଶର ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। କାରଣ ବର୍ତ୍ତମାନ ସମୟରେ ଓଡ଼ିଶାର ଅଭିବୃଦ୍ଧି ଧୀରେ ଧୀରେ ବୃଦ୍ଧି ପାଉଛି। ଫଳରେ ଶିଳ୍ପ କ୍ଷେତ୍ର ବେଶ୍ ଉନ୍ନତ ଓ ସ୍ୱଚ୍ଛତା ଜାରି ରହିଛି। ଗୋଟିଏ ପଟରେ ରାଜ୍ୟରେ ସ୍ଥିର ସରକାର ରହିଛି। ଅପରପକ୍ଷରେ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ରେରା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଉଭୟ ଗ୍ରାହକ ଓ ରିୟଲ ଇଷ୍ଟେଟ ପ୍ରତିଷ୍ଠାନ ନିୟମ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ଉଭୟ ରାଜ୍ୟ ଓ ଦେଶର ଜିଡିପିରେ ରିୟଲ ଇଷ୍ଟେଟର ଅବଦାନ ଅତୁଳନୀୟ।

**ପ୍ର–୩: ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରତିଯୋଗୀଙ୍କୁ କିଭଳି ଦେଖିଥାନ୍ତି ?**

ଉ– ପ୍ରତି ବ୍ୟବସାୟରେ ପ୍ରତିଯୋଗିତା ଓ ପ୍ରତିଯୋଗୀ ଥାନ୍ତି, ହେଲେ ପ୍ରତିଷ୍ଠାନର ଆଭିମୁଖ୍ୟ ଭଲ ଥିଲେ ପ୍ରତିପକ୍ଷଙ୍କୁ ଅନୁସରଣ କରିବାକୁ ପଡ଼ିବ ନାହିଁ। ବିଶେଷ କରି ୨୦୧୦ ପୂର୍ବରୁ ବଜାର ଅବ୍ୟବସ୍ଥିତ ଭଳି ରହିଥିଲା। ଅନେକ ସଂସ୍ଥା ବି ରହିଥିଲେ। ୨୦୧୦ ପରେ ଧୀରେ ଧୀରେ ସ୍ୱଚ୍ଛତା ସହିତ ଗୁଣାତ୍ମକ ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଉଛି। ଅପରପକ୍ଷରେ ରେରା ନିୟମାବଳୀ ପାଇଁ ବଜାରରେ ସ୍ୱତନ୍ତ୍ରତା ଆସିଛି।

**ପ୍ର–୪: ରେରା ଆସିବା ପରେ ରିୟଲ ଇଷ୍ଟେଟ କ୍ଷେତ୍ରରେ କ'ଣ ପରିବର୍ତ୍ତନ ଆସିଛି?**

ଉ– ଶିଳ୍ପରେ ଅନେକ ପରିବର୍ତ୍ତନ ଆସିଛି। ବିଶେଷକରି ବ୍ୟବସାୟରେ ଯଥେଷ୍ଟ ସ୍ୱଚ୍ଛତା ଆସିଛି। ଗ୍ରାହକଙ୍କ ମନରେ ବିଶ୍ୱାସ ବୃଦ୍ଧି ପାଇଛି। ଏପରିକି ରିୟଲ ଇଷ୍ଟେଟ ସଂସ୍ଥାଗୁଡ଼ିକ ମଧ୍ୟ ସର୍ତକତା ଅବଲମ୍ବନ କରୁଛନ୍ତି। ଗ୍ରାହକ ଉଚିତ ସମୟରେ ଘର ପାଇପାରୁଛନ୍ତି। ସେହିଭଳି ଗୃହ ନିର୍ମାଣକାରୀମାନେ ମଧ୍ୟ ନିୟମକାନୁନରେ କାର୍ଯ୍ୟ କରୁଛନ୍ତି। ରେରା ଆସିବା ପରେ ବ୍ୟବସାୟରେ ସାଧୁତା ବୃଦ୍ଧି ପାଇଛି।

**ପ୍ର–୫: ବର୍ତ୍ତମାନ ସମୟରେ ଗ୍ରାହକଙ୍କ ଚାହିଦା କିଭଳି ରହିଛି?**

ଉ– ଗ୍ରାହକ ସ୍ଥାନ(ଅଞ୍ଚଳ)ଠାରୁ ସୁନ୍ଦର ପ୍ରକଳ୍ପ ଓ ଅତ୍ୟାଧୁନିକ ସୁବିଧାକୁ ପସନ୍ଦ କରିଥାନ୍ତି। ଛୋଟ ଛୋଟ ପ୍ରକଳ୍ପଠାରୁ ବୃହତ୍ ପ୍ରକଳ୍ପକୁ ଗ୍ରାହକ ଅଧିକ ପସନ୍ଦ କରିଥାନ୍ତି। ରିୟଲ ଇଷ୍ଟେଟରେ କେତେଜଣ ନିର୍ଦ୍ଦିଷ୍ଟ ଗ୍ରାହକ ରହିଛନ୍ତି। କେତେଜଣ ଗ୍ରାହକ ବୃହତ୍ ପ୍ରକଳ୍ପକୁ ପସନ୍ଦ କରୁଥିବା ବେଳେ ଆଉ କେତେକେ ଡୁପ୍ଲେକ୍ସ ପ୍ରକଳ୍ପକୁ ପସନ୍ଦ କରିଥାନ୍ତି।

**ପ୍ର–୬: ଆଗାମୀ ଯୋଜନା,ପ୍ରକଳ୍ପ ବିଷୟରେ କ'ଣ କହିବେ?**

ଉ– ରାଜ୍ୟ ସରକାରଙ୍କ ପାଇଁ ଓଡ଼ିଶା ରିୟଲ ଇଷ୍ଟେଟ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଫଳରେ ଆଗାମୀ ଦିନରେ ସଂସ୍ଥା ଭୁବନେଶ୍ୱର ସମେତ କଟକ, ଯାଜପୁର, ପୁରୀ, ଅନୁଗୋଳ, ସମ୍ବଲପୁର, ରାଉରକେଲା ଏବଂ ଝାରସୁଗୁଡ଼ା ଭଳି ସହରରେ ପ୍ଲଟିଂ ସହ ନୂତନ ପ୍ରକଳ୍ପ ପାଇଁ ଯୋଜନା କରାଯାଉଛି। ବର୍ତ୍ତମାନ ଭୁବନେଶ୍ୱର ତମାଣ୍ଡୋରେ ଏକ ବୃହତ୍ ପ୍ରକଳ୍ପ ଜାରି ରହିଛି।

**ପ୍ର–୭: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି?**

ଉ– ବ୍ୟସ୍ତବହୁଳ ବ୍ୟବସାୟ ମଧ୍ୟରେ ଅବସର ସମୟ ଅଧିକ ମିଳି ନ ଥାଏ। ତଥାପି ସମାଜରେ ବସବାସ କରୁଥିବାରୁ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବାକୁ ଭଲ ଲାଗେ। ବିଶେଷ ସମୟରେ ପରିବାର ଓ ପରିଜନଙ୍କ ସହ ସମୟ ଅତିବାହିତ କରିବାକୁ ଭଲ ପାଏ।

# ଆଜିଠାରୁ ପ୍ରାଥମିକ ଶିକ୍ଷକଙ୍କ ୟୁନିଫର୍ମ ବର୍ଜନ

## ଧାରଣାକୁ ଅନୁମତି ନ ମିଳିବାରୁ ବସିଲା ମେଳି

- ୩ ଦଫା ଦାବି ପୂରଣ ପ୍ରତିଶ୍ରୁତିକୁ ପୂରିଲା ୩ମାସ
- ଶିକ୍ଷକ ୟୁନିଫର୍ମ ବର୍ଜନ ନ କରନ୍ତୁ: ମନ୍ତ୍ରୀ



ଧାରଣା ପାଇଁ ଅନୁମତି ନ ମିଳିବାରୁ ବୁଧବାର ପ୍ରାଥମିକ ଶିକ୍ଷକମାନେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଏକାଠି ହୋଇ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୧୫।୩(ବ୍ୟୁରୋ):** ୩ଦଫା ଦାବି ନେଇ ତିନି ମାସ ପୂର୍ବରୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ଦାବି ପୂରଣ ନ ହେବାରୁ ପୁଣିଥରେ ଶିକ୍ଷକମାନେ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଲୋୟର ପିଏମଜିରେ ଆନ୍ଦୋଳନ ପାଇଁ ଅନୁମତି ନ ମିଳିବାରୁ ବୁଧବାର ପ୍ରଦର୍ଶନୀ ପଡ଼ିଆରେ ଶିକ୍ଷକମାନେ ମେଳିବାନ୍ଧି ଆଲୋଚନା କରିଥିଲେ। ୫ହଜାରରୁ ଅଧିକ ଶିକ୍ଷକ ଏଥିରେ ସାମିଲ ହୋଇ ଏହାର ପ୍ରତିବାଦ କରିଥିଲେ। ପରେ ବିଧାନସଭାସ୍ଥିତ ପ୍ରକୋଷ୍ଠରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ଶିକ୍ଷକ ସଂଘ ପକ୍ଷରୁ ୧୧ ଜଣିଆ ପ୍ରତିନିଧି ଦଳ ମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସେପରି କିଛି ଫଳପ୍ରଦ ହୋଇ ନ ଥିଲା। ଫଳରେ ଗୁରୁବାରଠାରୁ ୟୁନିଫର୍ମ ବର୍ଜନ ପାଇଁ ଶିକ୍ଷକମାନେ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି।

ଏନେଇ ମନ୍ତ୍ରୀ ଦାଶ କହିଛନ୍ତି, ଶିକ୍ଷକମାନଙ୍କ ସହ ଆଲୋଚନା ହୋଇଥିଲା। ପୂର୍ବରୁ ହାଇ ଲେଭଲ କମିଟି ସହ ସେମାନଙ୍କର ଆଲୋଚନା ସରିଛି। ଏବେ ଆଲୋଚନାବେଳେ ସେମାନେ କରିଥିବା ଦାବିକୁ ଉକ୍ତ କମିଟିକୁ ପଠାଇ ଦିଆଯିବ। ସେମାନଙ୍କ ଦାବି ନେଇ ଆଲୋଚନା ଜାରି ରହିଛି। ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବି ବିଷୟରେ ସମାଧାନ ହେବ। ଶିକ୍ଷକକମାନେ ୟୁନିଫର୍ମ ବର୍ଜନ ନ କରିବା ପାଇଁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଅନ୍ୟପଟେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଗୁରୁବାରଠାରୁ ୟୁନିଫର୍ମ ବିନା ପ୍ରାଥମିକ ଶିକ୍ଷକ ସ୍କୁଲ ଯିବେ। ମନ୍ତ୍ରୀସ୍ତରୀୟ କମିଟିକୁ ଆମର ଦାବି ପଠାଇବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ୟୁନିଫର୍ମ ଭତ୍ତାକୁ ନେଇ ସରକାର ରାଜି ନାହାନ୍ତି। ତେଣୁ ଶିକ୍ଷକମାନେ ୟୁନିଫର୍ମ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ୨୦୦୧ରୁ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ନାମରେ ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଦେଇଥିଲେ। ପରେ ଅନ୍ୟ ସମସ୍ତ ବିଭାଗରେ ଠିକା ନିଯୁକ୍ତି ଆରମ୍ଭ କରାଯାଇଥିଲା। ନିକଟରେ ୨୦୧୩ ପରଠାରୁ ନିଯୁକ୍ତି ପାଇଥିବା ଠିକା କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି। କିନ୍ତୁ ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ସେହି ଶିକ୍ଷକମାନଙ୍କୁ ମଧ୍ୟ ରାଜ୍ୟ ସରକାର ବିଚାରକୁ ନିଅନ୍ତୁ ଏବଂ ଅନୁରୂପ ଭାବେ ବର୍ଦ୍ଧିତ ଦରମା ପ୍ରଦାନ କରନ୍ତୁ ବୋଲି ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ରାଜ୍ୟ ସରକାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ମାତ୍ର ୧୫୦୦ ଟଙ୍କା ପାରିତୋଷିକ ପାଇ ଯେଉଁମାନେ ରାଜ୍ୟ ସରକାରଙ୍କ ରାଜକୋଷର ଭରଣା କରିଥିଲେ ସେମାନଙ୍କୁ ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସପ୍ତମ ବେତନ କମିଶନ ଅନୁଯାୟୀ ମାତ୍ର ୨୨୦୦ଟଙ୍କା ଗ୍ରେଡ୍ ପେ ଦେଇ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କୁ ଦରମା ଦିଆଯାଉଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ଆଣିବା ସହ ପୁରୁଣା ପେନସନ ନିୟମ ଲାଗୁ କରିବା ପାଇଁ ଦାବିରେ ଦର୍ଶାଯାଇଛି।

# ସବୁ ଦର ବଢ଼ିଲାଣି, ଆମ ଦରମା ବଢ଼ାଅ

## ବାଚସ୍ପତିଙ୍କୁ ବିଧାୟକଙ୍କ ଗୁହାରି

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ଦୀର୍ଘ ବର୍ଷ ହେବ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା କିମ୍ବା ଅନ୍ୟାନ୍ୟ ଭତ୍ତା ବଢ଼ିନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲାଣି। ଅନ୍ୟାନ୍ୟ ଆନୁଷଙ୍ଗିକ ଦର ବୃଦ୍ଧି ହେଲାଣି। ଗାଡ଼ି ଚଲାଇବା, ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇ ପଡ଼ିଲାଣି। ସକାଳ ହେଲେ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡୁଛି। ବାହାଘର, ଏକୋଇଶିଆ, ବ୍ରତଘର, ରାମଲୀଳା, ଗୋଟିପୁଅ ନାଚ, ଫୁଟ୍‌ବଲ, କ୍ରିକେଟ ଖେଳ ଆଦି ପାଇଁ ଲୋକଙ୍କୁ ଅର୍ଥ ଦେବାକୁ ପଡୁଛି। ସେ ଟଙ୍କା ଆଣିବୁ କେଉଁଠୁ। ଅନ୍ୟ ରାଜ୍ୟରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ାଯାଉଛି। ଆମର ଦରମା ଓ ପେନ୍‌ସନ ତୁରନ୍ତ ବଢ଼ାଯାଉ। ଏ ସଂକ୍ରାନ୍ତ କମିଟି ରିପୋର୍ଟ ଦେଇ ସାରିଛି। ବିଧାନସଭାରେ ତୁରନ୍ତ ବିଲ୍ ଅଣାଯାଉ। ଦଳଗତ ନିର୍ବିଶେଷରେ ବିଧାୟକମାନେ ବାଚସ୍ପତିଙ୍କ ନିକଟରେ ଏମିତି ଗୁହାରି କରିଛନ୍ତି।

ବୁଧବାର ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଦରମା ଓ ପେନ୍‌ସନ ବଢ଼ାଇବାକୁ ବିଜେଡି ସଦସ୍ୟ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ବିଭିନ୍ନ ରାଜ୍ୟ ଗସ୍ତ କରି ରିପୋର୍ଟ ଦେଇ ସାରିଛି। ବିଧାୟକଙ୍କ ଖର୍ଚ୍ଚ ବଢ଼ିଛି। ଡିଜେଲ, ପେଟ୍ରୋଲ ଦର ବଢ଼ିଲାଣି। ଗାଡ଼ି ଚଲାଇବା କଷ୍ଟକର ହୋଇ ପଡ଼ିଲାଣି। ବିଭିନ୍ନ ଅସୁବିଧା ଦେଇ ବିଧାୟକମାନେ ଗତି କରୁଛନ୍ତି। କମିଟି ରିପୋର୍ଟ ଦେବା ପରେ ମଧ୍ୟ କିଛି ଜଣାପଡୁନି। ସବୁ ବିଧାୟକଙ୍କର ଏକମତ । ବିଧାନସଭାରେ ଏ ନେଇ ବିଲ୍ ଅଣାଯାଉ ବୋଲି ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ, ପଦ୍ମନାଭ ବେହେରା, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ମୋହନ ଚରଣ ମାଝି ପ୍ରମୁଖ ନରସିଂହ ଉଠାଇଥିବା ପ୍ରସ୍ତାବକୁ ସମର୍ଥନ କରିବା ସହ ତୁରନ୍ତ ବିଧାନସଭାରେ ବିଲ୍ ଆଣି ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ାଇବାକୁ ଦାବି କରିଛନ୍ତି। ବିଧାୟକମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଲେ, ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟ ଦେଇଛନ୍ତି। ଏହାକୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। ବିଭାଗ ଗୃହର ନେତାଙ୍କ ସହ ଏ ନେଇ ଆଲୋଚନା କରି ଓ ବିଧାନସଭାରେ ବିଲ୍ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।






# ଏମ୍ଏସ୍ଏମ୍ଇ କ୍ଷେତ୍ରରେ ତଳ ଆଡୁ ଜିଲା ପ୍ରଥମ

**ପାରାଦୀପ,୧୫।୩ (ସ୍ୱ.ପ୍ର.)**

## ସରକାରୀ ଭାବେ ଉଦ୍ୟୋଗ କରିବାକୁ ପ୍ରଚାର ହେଉଛି


ବନ୍ଦ ହୋଇପଡିଥିବା ସାରଳା ସୂତାକଳ।

ପୂର୍ବ ଭାରତର ଅର୍ଥନୈତିକ ମୁଖଶାଳା ପାରାଦୀପରେ ଏବେ କ୍ଷୁଦ୍ର, ମଧ୍ୟମ, ଆନୁଷଙ୍ଗିକ ଶିଳ୍ପ ସ୍ଥାପନ ଗତି ମନ୍ଥର ଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡିଛି। କାରଣ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଏବେ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି। ଏପରି କି ଗତ ୨ଟି ଆର୍ଥିକ ବର୍ଷରେ ଜଗତ୍‌ସିଂହପୁର ଜିଲାର ଏମ୍ଏସ୍ଏମ୍ଇ ନୂଆ ଉଦ୍ୟୋଗ ସୃଷ୍ଟି କରିବାରେ ରାଜ୍ୟର ତଳ ଆଡୁ ପ୍ରଥମ ବୋଲି ସେହି ବିଭାଗର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଅର୍ଥାତ୍ ଜିଲା ୩୦ ନଂ. ସ୍ଥାନରେ ଅଛି ବୋଲି ଓଡ଼ିଶା ଆସେମ୍ବ୍ଲି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସଂଘ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ କହିଛନ୍ତି।

ଗତ ୧୧ ଓ ୧୨ ତାରିଖରେ ପାରାଦୀପର ବିଜୁ ସଦନଠାରେ ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ଇଣ୍ଡଷ୍ଟ୍ରି ଲିମିଟେଡ ପକ୍ଷରୁ ଉଦ୍ୟୋଗୀ ଶିବିର ଆୟୋଜନ କରାଯାଇଥିଲା। ସେଥିରେ ଦେଶର ପ୍ରତିଷ୍ଠିତ କମ୍ପାନୀ ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ପାରାଦୀପ ଶିଳ୍ପ ପାଇଁ ଅନୁକୂଳ ବୋଲି ମନ୍ତବ୍ୟ ଦେଇଥିଲେ। ୨୦୨୨ ଡିସେମ୍ବରରେ ମଧ ଶିଳ୍ପ ବିଭାଗ ପକ୍ଷରୁ ପାରାଦୀପରେ ଇନଭେଷ୍ଟର ମିଟ୍ ହୋଇଥିଲା। ଚଳିତ ମାସ ୩ ତାରିଖରେ କେନ୍ଦ୍ର ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ଦର୍ଶାନା ଜର୍ଦ୍ଦୋଶ ମଧ ପାରାଦୀପ ଗସ୍ତ କରିଥିଲେ। ଫେବୃୟାରୀ ୧୬ରୁ ୨୬ ପର୍ଯ୍ୟନ୍ତ ଜିଲାର ସବୁ ବ୍ଲକରେ ନିଯୁକ୍ତି ମେଳା ହୋଇଥିଲା। ଏସବୁଥିରେ ନୂଆ ଉଦ୍ୟୋଗ ଆସିବ, ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଥିଲା। କିନ୍ତୁ ବାସ୍ତବରେ ନୂଆ କ୍ଷୁଦ୍ର ମଧ୍ୟମ କିମ୍ବା ଆନୁଷଙ୍ଗିକ ଶିଳ୍ପ ସ୍ଥାପନ ଗତି ମନ୍ଥର ଥିବା ଜଣାପଡିଛି। ଉଦାହରଣତଃ ୨୦୧୩ରେ ଘୋଷଣା କରାଯାଇଥିଲା ପାରାଦୀପରେ ଛୋଟ ଆନୁଷଙ୍ଗିକ ଶିଳ୍ପ ପ୍ଲାଷ୍ଟିକ ପାର୍କ ହେବ। ଏଥିପାଇଁ ଇଫ୍‌କୋ ୧୫୩ ଏକର ଜମି ଯୋଗାଇ ଦେଇଥିଲା। ୨୦୧୫ରେ ଶିଳ୍ପ ହେବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ୧୦ ବର୍ଷ ମଧ୍ୟରେ ଉକ୍ତ ସ୍ଥାନରେ ଆରାଧନା ଓ ଟାଇଡାଲ ପ୍ଲାଷ୍ଟିକ ୨ଟି ୟୁନିଟ କରିବେ ବୋଲି ଆବଶ୍ୟକ ଭିତ୍ତିଭୂମି ତିଆରି କରିଛନ୍ତି। ଅନ୍ୟ ୩୦ରୁ ଅଧିକ ଉଦ୍ୟୋଗୀ ଆବେଦନ କରିଥିଲେ ହେଁ ସେମାନଙ୍କୁ କ୍ଲିୟରାନ୍ସ ମିଳିନାହିଁ ବୋଲି ଭଗବାନ ପରିଡା ନାମକ ଆବେଦନକାରୀ କହିଛନ୍ତି। ସେହିପରି ୨୦୧୫ରେ ବଗଦିଆ ସିଜୁ ଗ୍ରାମ ସୀମାନ୍ତରେ ୪୫୦ ଏକର ଜମିରେ ଦୀପକ ଫର୍ଟିଲାଇଜର କମ୍ପାନୀ ହେବ ବୋଲି ଘୋଷଣା ହୋଇଥିଲା। ଏପରିକି ୨୦୧୭ ଅକ୍ଟୋବରରେ ପରିବେଶ ଜନ ଶୁଣାଣି ସରିଥିଲା। ତା' ପରଠାରୁ କମ୍ପାନୀ ଏ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇନାହିଁ।

ଛୋଟ ଉଦ୍ୟୋଗ ପାଇଁ ଏମ୍ଏସ୍ଏମ୍ଇ ପାଖରୁ କ୍ଲିୟରାନ୍ସ, ବ୍ୟାଙ୍କ ଋଣ, ପ୍ରୋଜେକ୍ଟ ଆପ୍ରୁଭାଲ ଆଦି ମିଳିବା କଥା। ଏଥିପାଇଁ ପ୍ରତି ବ୍ଲକରେ ଜଣେ ଆଇପିଓ (ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର) ରହିବା କଥା। ପାରାଦୀପ ପାଇଁ ଆଇପିଓ ପଦବୀ ୪ବର୍ଷ ହେଲା ଖାଲିପଡିଛି। ଏବେ ଜିଲାରେ ମାତ୍ର ୩ ଜଣ ଆଇପିଓ ଥିବା ଉକ୍ତ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଜିଲାରେ ମାତ୍ର ୨୩୨ ଏମ୍ଏସ୍ଏମ୍ଇ ପଞ୍ଜୀକୃତ ଉଦ୍ୟୋଗ ଚାଲିଛି ବୋଲି ଉକ୍ତ ସଂଘର ସଭାପତି ଭଗବାନ ସ୍ୱାଇଁ କହିଛନ୍ତି। ଅନ୍ୟମାନେ ଆବେଦନ କଲେ ବିଭାଗୀୟ ଅଧିକାରୀ ଜେନେରାଲ ମ୍ୟାନେଜର (ଜିଏମ୍)ଙ୍କ ପକ୍ଷରୁ ସହଯୋଗ ମିଳୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଏମ୍ କଙ୍କଣ ଘୋଷଙ୍କୁ ପଚାରିବାରେ ଅଭିଯୋଗ କରିବା ସହଜ। ଏବେ ବିଧାନସଭାରେ ନୟାଗଡ଼ ଜିଲା ପାଇଁ ଅଭିଯୋଗ ହୋଇଛି, ଜଗତ୍‌ସିଂହପୁର ଜିଲାରେ ୧୦୩୭ ସାର୍ଟିଫାଏଡ୍ ୟୁନିଟ ଅଛି। ଆଇପିଓ ନ ରହିବା ଓ ଉଦ୍ୟୋଗୀ ନ ହେବା ସମ୍ପର୍କରେ କୁହନ୍ତି, ଆମର କାମ ଯଦି ପସନ୍ଦ ହେଉନାହିଁ ବୋଲି ଅଭିଯୋଗ ହେଉଛି ତାହା ହେଲେ ଆମକୁ ବିଦା କରି ନୂଆ ଅଫିସର ଆଣନ୍ତୁ କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଅନ୍ୟ ଏକ ଘଟଣା ହେଲା ୨୦୧୪ରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଡା. ଦାମୋଦର ରାଉତ ଥିବାବେଳେ ପାରାଦୀପର ହାଉସିଂ ବୋର୍ଡଠାରେ ଏହି ବିଭାଗ ପକ୍ଷରୁ ଏକ କାର୍ଯ୍ୟାଳୟ ଖୋଲା ଯାଇଥିଲା। ୭ ଜଣ କର୍ମଚାରୀ ୫ ବର୍ଷ ମଧ୍ୟରେ ଗୋଟିଏ ୟୁନିଟ କରିପାରିଲେ ନାହିଁ। ସେଥିପାଇଁ ୨୦୧୯ ମାର୍ଚ୍ଚ ୩୧ରେ ପାରାଦୀପ ଅଫିସ ବନ୍ଦ କରାଯାଇ କଟକର ଚୌଦ୍ୱାରକୁ ସ୍ଥାନାନ୍ତର କରାଯାଇଥିଲା।

# ଜାତୀୟ ରାଜପଥରେ କ୍ଷତିକାରକ କଳାତେଲ ଢାଳିଦେଲେ


କଳାତେଲକୁ ଜାତୀୟ ରାଜପଥ କଡ଼ରେ ଢଳାଯାଇଛି।


କଳାତେଲ ଢାଳିଥିବା ଟ୍ରକ୍।

**ପାରାଦୀପ,୧୫।୩(ସ୍ୱ.ପ୍ର.)**

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଯାଞ୍ଚ

ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥର ଦୋଛକି ନିକଟରେ ବୁଧବାର ଏକ ଟ୍ୟାଙ୍କରରେ ଥିବା ବିପୁଳ ପରିମାଣର ମାରାତ୍ମକ କଳା ତେଲ ରାସ୍ତା କଡରେ ଢଳା ଯାଇଛି। ଏହି ଖବର ପାଇବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଢଳା ଯାଇଥିବା ତେଲକୁ ସଫା କରିବାକୁ ସମ୍ପୃକ୍ତ ଗାଡ଼ି ଚାଳକ ଓ ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଗାଡି ଉପରେ ଆରଟିଓ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ମଧ୍ୟାହ୍ନ ୧୨ ଟା ବେଳେ ରାସ୍ତା କଡରେ କଳା ତେଲ ଢଳା ଯାଉଥିବା ଦେଖି କେତେଜଣ ଲୋକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଖବର ଦେଇଥିଲେ। ଗୁଜରାଟର ଉକ୍ତ ଗାଡି (ଜିଜେ ୧୨ ବି ୱାଇ ୦୧୭୭) ଇଫ୍‌କୋ କାରଖାନାକୁ ଏସି ଫେଟିୟାଲ ନାମକ ୩୩ ଟନ୍ ତେଲ ଆଣିଥିଲେ ବୋଲି ଚାଳକ ଫୁଲଚାନ୍ଦ ପାଲ୍ କହିଥିଲେ। ଉକ୍ତ ତେଲ ରାସାୟନିକ ଫର୍ଟିଲାଇଜର ମେଟେରିଆଲରେ ମିଶିଯାଏ ବୋଲି ସେ ଦର୍ଶାଇଥିଲେ। କାରଖାନାରେ ତେଲ ଖଲାସ କରିବା ପରେ କିଛି ରହି ଯାଇଥିଲା। ତାକୁ କାଢି ସଫା କରି ଆଉ ଏକ ପ୍ରକାର ତେଲ ନେଇ ଉତ୍ତରପ୍ରଦେଶ ଯିବ ବୋଲି ଗାଡ଼ି ମାଲିକ କହିଥିଲେ। ସେଥିପାଇଁ ଏହି ତେଲକୁ ରାସ୍ତା ପାଖ ଖାଲି ଜାଗାରେ ଢାଳି ଦେଲୁ ବୋଲି ଚାଳକ ପାଲ କହିଥିଲେ। ପ୍ରାୟ ୪ ବ୍ୟାରେଲ କଳା ତେଲ ସେଠାରେ ପଡିଥିଲା। ତା' ଉପରେ ବାଲି ପକାଇ ଘୋଡେଇ ଦିଆଯାଇଛି।

# ଗିରଫ ହେଲେ ମା' ଓ ସମ୍ପର୍କୀୟ ମାମୁ

**ଚଣ୍ଡିଖୋଲ/ଛତିଆ, ୧୫।୩(ଡି.ଏନ୍.ଏ.):**

## ୪ବର୍ଷର ଶିଶୁପୁତ୍ରକୁ ଚେଙ୍କ ଦେବା ଘଟଣା

୪ ବର୍ଷର ଶିଶୁପୁତ୍ରକୁ ଚେଙ୍କ ଦେବା ଘଟଣାରେ ବୈରୀ ପୋଲିସ ଶିଶୁପୁତ୍ରର ମା' ଯାଜପୁର ଜିଲା ବୈରୀ ଥାନା ଛତିଆ ନିକଟସ୍ଥ ଗୋପପୁର ଛକ ନିକଟରେ ଘର ଭଡ଼ା ନେଇ ରହୁଥିବା କାଇମାଟିଆର ରଶ୍ମି ମହାପାତ୍ର(୨୦) ଓ ତାଙ୍କ ସମ୍ପର୍କୀୟ ଭାଇ କମଳାକାନ୍ତ ମହାପାତ୍ର(୩୩)ଙ୍କୁ ବୁଧବାର ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ସୂଚନା ଦେଇଛନ୍ତି। ଯାଜପୁର ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗର ଶିଶିର କୁମାର ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଦଫା ୩୪୧/୩୪୨/୨୯୪/୩୨୯/୨୨୬/୫୦୬ ଓ ୩୪ ଆଇପିସିରେ ମାମଲା ଏକ ମାମଲା ନଂ.୪୪/୨୩ ରୁଜୁ କରିଛି।

ସୂଚନାଯୋଗ୍ୟ ଏହି ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମର ରଶ୍ମି ପୂର୍ବରୁ ଜଗତ୍‌ସିଂହପୁର ଜିଲା ତାରାପୁର ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ୨୦୨୦ରେ ପାରିବାରିକ କଳହରୁ ଦମ୍ପତି ଅଲଗା ହୋଇଯାଇଥିଲେ। ସେବେଠାରୁ ରଶ୍ମି ନିଜର ସମ୍ପର୍କୀୟ ଭାଇଙ୍କ ସହ ସେ ପ୍ରଥମେ ଜଗତପୁର ଓ ପରେ ଛିତିଆ ନିକଟସ୍ଥ ଗୋପପୁରଠାରେ ଘରଭଡ଼ା ନେଇ ରହୁଥିଲେ। ତାଙ୍କର ଏହି ୪ବର୍ଷର ଶିଶୁ ପୁତ୍ରକୁ ଗତ ରବିବାର ମାଡ଼ ମାରିବା ସହ ଚେଙ୍କ ଦେଇଥିଲେ। ପଡ଼ୋଶୀମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ଛତିଆ ଫାଣ୍ଡି ପୋଲିସ ଶିଶୁଟିକୁ ଉଦ୍ଧାର କରି କାଇମାଟିଆ ସରପଞ୍ଚଙ୍କ ସ୍ୱାମୀ ଅଶୋକ ନାୟକଙ୍କୁ ହସ୍ତାନ୍ତର କରିଥିଲେ। ସରପଞ୍ଚଙ୍କ ସ୍ୱାମୀ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଜଣାଇଥିଲେ। ମଙ୍ଗଳବାର ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ବୁଧବାର ତାକୁ ବାଳାଶ୍ରମକୁ ଛାଡ଼ିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କୁହନ୍ତି, ଶିଶୁଟିକୁ ସେମାନେ ୪ମାସ ହେଲା ନିର୍ଯାତନା ଦେଇ ଆସୁଛନ୍ତି। ତାଙ୍କ ଶରୀରରେ ଶହେରୁ ଊର୍ଦ୍ଧ୍ୱ ଦାଗ ରହିଛି। ଦାଗକୁ ଦେଖି ଡାକ୍ତର ପ୍ରକାଶ କରିଛନ୍ତି, ୪ ମାସ ହେଲା ଶିଶୁଟିକୁ ସିଗାରେଟ୍, ଗଞ୍ଜେଇ ଚେଙ୍କ ସହ ବେଲଟ୍‌ରେ ମାଡ଼ ହୋଇଛି, ଯାହାକି ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସେଥିପାଇଁ ଆମେ ଜିଲାପାଳଙ୍କ ପରାମର୍ଶ କ୍ରମେ ଥାନାରେ ଲିଖିତ ଅଭିଯୋଗ କରିଛୁ।



ଗିରଫ ଶିଶୁପୁତ୍ରର ମା' ଓ ସମ୍ପର୍କୀୟ ମାମୁ।

# ଚାରାରୋପଣ ନାଁରେ ବନ ବିଭାଗର ଅନିୟମିତତା

**ଚଣ୍ଡିଖୋଲ,୧୫।୩(ଡି.ଏନ୍.ଏ.):**

ଯାଜପୁର ଜିଲା ବୈରୀ ଡାଲିଯୋଡ଼ା ରେଞ୍ଜ ଅଧୀନ ଚଣ୍ଡିଖୋଲ ଫରେଷ୍ଟ କାର୍ଯ୍ୟାଳୟର ଚାରାରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବାରୁଣୀବନ୍ତ ପର୍ବତର ମହାବିନାୟକ ପୀଠ ପଶ୍ଚିମ ପାର୍ଶ୍ୱରେ ଡାକବଙ୍ଗଳା, ଏକ ଉଦ୍ୟାନ ଓ ସୁଇମିଂପୁଲ ନିର୍ମାଣ କରାଯାଇଛି। ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ବଙ୍ଗଳା ନିକଟରେ ଗାଲିଚା, ବିଭିନ୍ନ ଫୁଲଗଛ ଲଗାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ପାଣି ଅଭାବ ପାଇଁ ଗଛ ଗୁଡ଼ିକ ମରିଗଲାଣି। ସୁଇମିଂପୁଲ ଶୁଖିଲା ପଡ଼ିଛି। ସେହିପରି ବଡ଼ଝରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପ୍ରାୟ ଅଧ କିଲୋମିଟର ଦୂରରେ ଚାରାରୋପଣ ହୋଇ ନାହିଁ କିମ୍ବା ଜଙ୍ଗଲ ସୃଷ୍ଟି କରାଯାଇ ନାହିଁ। ନଖପଶୀଠାରେ ଜଙ୍ଗଲ ସୃଷ୍ଟି କରାଯିବା ନେଇ ଫଳକ ମରାଯାଇଥିଲେ ମଧ ପ୍ରକୃତ ପକ୍ଷେ ଏଠାରେ କୌଣସି ଚାରାରୋପଣ କରାଯାଇନାହିଁ। ଅକରାବାଦ୍‌ର ଉତ୍ତର ପାର୍ଶ୍ୱରେ ପୁରୁଣା ଜଙ୍ଗଲ ମଧ୍ୟରେ ଫଳକ ଲଗାଯାଇ ଚାରାରୋପଣ କରାଯାଇଥିବା ଦେଖାଯାଇଛି। ପ୍ରକୃତ ପକ୍ଷେ ଏଠାରେ ଚାରାରୋପଣ କରା ନ ଯାଇ କେବଳ ଫଳକରେ ସୀମିତ ରଖାଯାଇଥିବା ଆଇନଜୀବୀ କୈଳାସ ଚନ୍ଦ୍ର ସାମଲ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ୨୦୧୯ରୁ ସମ୍ପୃକ୍ତ ସ୍ଥାନରେ ଚାରାରୋପଣ କରାଯାଇ ସବୁଜ ବନାନୀ ସୃଷ୍ଟି କରାଯାଇଛି। ଯେଉଁଥିପାଇଁ ବନ ବିଭାଗ ପୁରସ୍କୃତ ହୋଇଛି। ବଡ଼ଝରୀଠାରେ ବନିକରଣ ହୋଇଥିବାବେଳେ ଅକରାବାଦ୍‌ରେ ସୁନ୍ଦର ଜଙ୍ଗଲ ସୃଷ୍ଟି କରାଯାଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବେନ୍ଦ୍ର


@ ଗୋପୀନାଥ


@ ମାନସୀ


@ ପୁପୁନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛାତ୍ରୀଙ୍କଠାରୁ ବେଆଇନ ଅର୍ଥ ଆଦାୟ

## ଚିତାଳୋ ଡିଗ୍ରୀ କଲେଜ

- ରାଜ୍ୟ ମହିଳା କମିଶନଙ୍କ ହସ୍ତକ୍ଷେପ
- ତଦନ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

**ଯାଜପୁର ଅଫିସ,୧୫।୩**


GOVERNMENT OF ODISHA
HIGHER EDUCATION DEPARTMENT

From
Sri Ramakanta Nayak, OAS (SS),
Special Secretary to Government

To
The Regional Director of Education, Odisha,
Bhubaneswar

Sub: Inquiry into Grievances of Biranchi Narayan Ray and others of Jajpur locality

Sir,
In enclosing letter no. 50 dt 03.01.23 of Odisha State Commission for Women, I am directed to say that allegation has been received against the present Principal of Chitalo Degree College, Chitalo, Jajpur on various issues (copy enclosed).
It is therefore requested that the matter may be inquired into and a detailed inquiry report with your views may be submitted to this Department within 10 days time for further action.

Yours faithfully,
Special Secretary to Government

Copy forwarded to the Collector, Jajpur/ Registrar, Odisha State Commission for Women with reference to their letter no. 50 dt 03.01.23 for information and necessary action.
Special Secretary to Government

Copy forwarded to the Director, Higher Education for information and necessary action.
Special Secretary to Government

ଉଚ୍ଚଶିକ୍ଷା ବିଭାଗରୁ ମିଳିଥିବା ପତ୍ର।


OFFICE OF THE
ODISHA STATE COMMISSION FOR WOMEN
Block No. I & II, 3rd Floor, Toshali Bhawan, Satyanagar, Bhubaneswar-7, Ph: 0674-2573850, Email: oscw.od@nic.in

No. 50 Date: 3/1/23

From
Registrar,
Odisha State Commission for Women.

To
The Principal Secretary to Government,
Higher Education Department,
Bhubaneswar.

Sub: Grievances of Biranchi Naryan Ray and others of Jajpur locality.

Sir,
I am herewith enclosing a copy of the complaint petition received from Biranchi Naryan Ray and others of Jajpur locality and to request you to please enquire into the matter and take appropriate action under intimation to this Commission.

Yours faithfully,
REGISTRAR,
Odisha State Commission for Women

ମହିଳା କମିଶନରୁ ମିଳିଥିବା ପତ୍ର।

ଯାଜପୁର ଜିଲା ଗ୍ରାମାଞ୍ଚଳରେ ଥିବା କେତେକ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି। ଏହି ମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହା ପୂର୍ବରୁ ଓଡ଼ିଶା ମହିଳା କମିଶନ ଉକ୍ତ ଅଭିଯୋଗ ଉପରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଚିଠି କରିଛନ୍ତି। ଅଭିଯୋଗ ଅନୁସାରେ ଯାଜପୁର ଟାଉନ୍ ନିକଟ ଚିତାଳୋ ଡିଗ୍ରୀ କଲେଜର ୨୦୧୯-୨୦ ବର୍ଷଠାରୁ ଛାତ୍ରୀମାନଙ୍କଠାରୁ ଏକାଡେମୀ, ଟ୍ୟୁଶନ, ଅନର୍ସ, ସିଏଲ୍‌ସି, ଟିସି ଇତ୍ୟାଦି ବାବଦକୁ ଅର୍ଥ ଆଦାୟ କରାଯାଉଛି। ଏହି ଅର୍ଥ ବାବଦକୁ ୩୦୦ ଟଙ୍କାର ଏକ ଡୁପ୍ଲିକେଟ ରିସିପ୍ଟ ପ୍ରତ୍ୟେକ ଛାତ୍ରୀମାନଙ୍କୁ ଦିଆଯାଉଛି। ଏହି କଲେଜ ୨୦୦୦-୦୧ରେ ପ୍ରତିଷ୍ଠା ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସହବନ୍ଧିତ ହୋଇଛି। ଏହାସହ ୱାର୍ଲଡ ବ୍ୟାଙ୍କର ସାହାଯ୍ୟପ୍ରାପ୍ତ ଏବଂ ଉଚ୍ଚଶିକ୍ଷା ବିଭାଗର ସିଏପିଏ ଅଧୀନରେ ରହିଛି। ତଥାପି ଛାତ୍ରୀମାନଙ୍କଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ ଉପରୋକ୍ତ ଫିଗୁଡିକ ଛାତ୍ରୀମାନଙ୍କ ପାଇଁ ଦେୟମୁକ୍ତ କରାଯାଇଛି। ତେଣୁ ଆଦାୟ ଅର୍ଥ ଗରିବ ଛାତ୍ରୀମାନଙ୍କୁ ଫେରସ୍ତ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାସହ ବର୍ତ୍ତମାନର ମହିଳା ହଷ୍ଟେଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ହଷ୍ଟେଲର ପରିମଳ ଓ ପରିବେଶ ଠିକ୍ ରହୁନାହିଁ। ଅନ୍ତେବାସୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ ହେଉଛି, କିନ୍ତୁ ସେହି ତୁଳନାରେ ଉପଯୁକ୍ତ ସେବା ପ୍ରଦାନ କରାଯାଇ ପାରୁନାହିଁ। ତେଣୁ ଆବଶ୍ୟକ ତଦନ୍ତ କରି କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଯାଜପୁର ଜିଲାପାଳଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ, ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି। ଅଞ୍ଚଳବାସୀଙ୍କ ଉକ୍ତ ଅଭିଯୋଗ ଏବଂ ରାଜ୍ୟ ମହିଳା କମିଶନରଙ୍କ ପତ୍ର ଆଧାରରେ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଜାରି କରିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

**ଧର୍ମଶାଳା,୧୫।୩(ଡି.ଏନ୍.ଡି.)**

ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥ ବ୍ରାହ୍ମଣୀ ସେତୁ ନିକଟରେ ଅଜଣା ଗାଡ଼ି ଧକ୍କାରେ ପରିବା ବ୍ୟବସାୟୀ ଭୁବନ ଗାଁର ସୁବାସ ନାୟକ (୪୨) ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ ଭାଙ୍ଗିବା ସହ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ବୁଧବାର ଭୋରରୁ ସୁବାସ ଲୁନାରେ ବାରବାଟିକୁ ପରିବା ଆଣିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।


## ରେଳ ଚକ କାରଖାନା

ୟେଲାହାଙ୍କା, ବେଙ୍ଗାଲୁରୁ - ୫୬୦ ୦୬୪
ୱେବ୍‌ସାଇଟ୍: www.rwf.indianrailways.gov.in
आज़ादी का अमृत महोत्सव

ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଡବ୍ଲ୍ୟୁଏଫ୍/ଏସ୍/୧୪୬/୨୦୨୨-୨୩/୧୦ ତାରିଖ: ୧୫।୦୩।୨୦୨୩

ଇ-ଟେଣ୍ଡର: ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଆର୍‌ଡବ୍ଲ୍ୟୁଏଫ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞ/ପ୍ରତିଷ୍ଠିତ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍‌ରେ ବୈଦ୍ୟୁତିକ ଟେଣ୍ଡର ଆହ୍ୱାନ କରୁଛି।

| ଟେଣ୍ଡର ନଂ. | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୧୦୦୦_୨୦୨୩-୨୪ | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୨୫୦୦_୨୦୨୩-୨୪ |
|---|---|---|
| ଧାର୍ଯ୍ୟ ତାରିଖ ଓ ସମୟ | ୧୭।୦୪।୨୦୨୩। ଟେଣ୍ଡର ସମାପ୍ତ ସମୟ: ୧୪.୧୫ ଘଟିକା | |
| କାର୍ଯ୍ୟର ପରିସର | ବିଭିନ୍ନ ରେଳ ୟୁନିଟ୍‌ରୁ ପରିତ୍ୟକ୍ତ ଚକ ଡିସ୍କଗୁଡ଼ିକୁ ରେଳ ଚକ କାରଖାନା, ୟେଲାହାଙ୍କା, ବେଙ୍ଗାଲୁରୁ-୫୬୦୦୬୪କୁ ସଡ଼କପଥରେ ପରିବହନ କରିବା। ରେଳପଥ ଦ୍ୱାରା ଲୋଡିଂ ଓ ଅନ୍‌ଲୋଡିଂ ମାଗଣାରେ କରାଯିବ। | |
| ଦୂରତା ସ୍ଲାବ୍ | ୫୦୦ରୁ ୧୦୦୦ କିମିରୁ ଊର୍ଦ୍ଧ୍ୱ | ୧୦୦୦ କିମିରୁ ଅଧିକ (୨୫୦୦ କିମିର ହାରାହାରି ଦୂରତା ସହିତ) |
| ପରିମାଣ | ୬,୦୦୦ ଏମ୍‌ଟି | ୨୬,୦୦୦ ଏମ୍‌ଟି |
| ଅଟକଳ ଟେଣ୍ଡର ମୂଲ୍ୟ | ଟ.୨,୩୦,୪୦,୦୦୦/- | ଟ.୧୬,୬୪,୦୦,୦୦୦/- |
| ଇଏମ୍‌ଡି ପରିମାଣ | ଟ.୨,୬୫,୨୦୦/- | ଟ.୯,୮୨,୦୦୦/- |
| ଠିକା ଅବଧି | କାର୍ଯ୍ୟ ଆରମ୍ଭ ହେବା ତାରିଖରୁ ୧୨ (ବାର) ମାସ। | |

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ



## OFFICE OF THE PANCHAYAT SAMITI, BHANJANAGAR (GANJAM)

E-Mail: ori-bhanjanagar@nic.in, Ph.: 06821-241085
TENDER CALL NOTICE No. 01/2022-23 & 02/2022-23 Dated 10.03.2023
INVITATION FOR COMPETITIVE BIDDING

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper Set (Non-refunable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Constuction of Dining & Multipurpose Hall at Darapangia Ashram School, Darapangia under Bhanjanagar Block | Rs.14,55,362/- | Rs.14,554/- | 6 (Six) Calendar Months | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |
| 2 | Construction of Day Care Sub-Centre cum Health & Wellness Centre at Dihapadhala under Bhanjanagar Block | Rs.34,47,122/- | Rs.34,471/- | 12 (Twelve Calendar Months) | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |

Terms and Conditions:
1. **Cost of Tender Paper:** The tender specification can be obtained from the office of the Block Development Officer, Bhanjanagar on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Bhanjanagar in any Nationalized Bank having its branch at Bhanjanagar on any working day from Dt.16.03.2023 to Dt.30.03.2023 for the above work.
2. **Sale of Tender Papers:** The tender documents will be sold **from Dt.16.03.2023 to Dt.30.03.2023** at Block Office, Bhanjanagar between 10.00 A.M. to 5.00 P.M. on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Bhanjanagar in his official postal address. The last date of receipt of tender papers is 30.03.2023 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. The details tender call notice and the bid documents will be available in the official website of Ganjam i.e. **www.ganjam.nic.in**.

**Sd./- Block Development Officer, Bhanjanagar**

# ଦେଶୀ ବନ୍ଧୁକ କାରଖାନା ଚଢ଼ାଉର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

**ନୟାଗଡ଼ ଅଫିସ,୧୫।୩**



- ଜଗନ୍ନାଥପ୍ରସାଦ ଥାନା ପୋଲିସର କାର୍ଯ୍ୟ ସନ୍ଦେହ ଘେରରେ
- ଚଢ଼ାଉ ପୂର୍ବ ଓ ପରେ ଓଡ଼ଗାଁ ଥାନା ପୋଲିସକୁ କରାଯାଇନି ଅବଗତ
- ଅଭିଯୁକ୍ତଙ୍କଠାରୁ ଜବତ ଲାଇସେନ୍ସ ବନ୍ଧୁକ ଗଲା କୁଆଡେ
- କାଠ କାରିଗରଙ୍କୁ ଫସାଇ ଦେଇଥିବା ଅଭିଯୋଗ

ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ଥାନା ପୋଲିସ ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡାଖୋଲା ଫାଣ୍ଡି ଡିମିରିପଲ୍ଲୀ ଆଦିବାସୀ ସାହି ଉପରେ ଚଢ଼ାଉ କର ଦେଶୀ ବନ୍ଧୁକ କାରଖାନା ଠାବ କରିବା ଘଟଣା ନୂଆ ମୋଡ ନେଇଛି । ଚଢ଼ାଉ ପୂର୍ବ ଓ ଚଢ଼ାଉ ପରେ ଓଡ଼ଗାଁ ଥାନା ପୋଲିସକୁ ଜଗନ୍ନାଥ ପ୍ରସାଦ ଥାନା ପୋଲିସ ଅବଗତ କରିନି । ପୁଣି ଅଭିଯୁକ୍ତଙ୍କଠାରୁ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ନେଇଥିଲେ ମଧ୍ୟ ସେନେଇ ଗଣମାଧ୍ୟମକୁ ସେ ସମ୍ପର୍କରେ ସୂଚନା ଦେଇନି । ଜଣେ କାଠ କାରିଗରକୁ ଦେଶୀ ବନ୍ଧୁକ କାରିଗର ଦର୍ଶାଇ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅଭିଯୋଗ ଉଠିଛି। ଦେଶୀ ବନ୍ଧୁକ କାରଖାନା ଉପରେ ଚଢ଼ାଉକୁ ଅନୁଧ୍ୟାନ କଲେ ଜଗନ୍ନାଥପ୍ରସାଦ ଥାନା ପୋଲିସର କାର୍ଯ୍ୟ ସନ୍ଦେହଘେରକୁ ଆସିଛି।

ଜଗନ୍ନାଥପ୍ରସାଦ ଥାନା ପୋଲିସର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତ ୨୬ ତାରିଖ ରାତିରେ ପାଟ୍ରୋଲିଂ ବେଳେ ଖଇରପଟି ଗାଁରେ ସୁଶାନ୍ତ ନାୟକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରାଯାଇଥିଲା। ସୁଶାନ୍ତଙ୍କଠାରୁ ହାତହତିଆର ଓ ବନ୍ଧୁକ ଜବତ ହୋଇଥିଲା। ପଚରାଉଚୁରା ପରେ ବନ୍ଧୁକଟି ଓଡ଼ଗାଁ ଥାନା ବାହାଡାଖୋଲା ଫାଣ୍ଡି ଡିମିରିପଲ୍ଲୀର ମୋହନ ମଲିକଙ୍କଠାରୁ କିଣିଥିବା ସୁଶାନ୍ତ କହିଥିଲେ । ସୁଶାନ୍ତଙ୍କ ସୂଚନାକୁ ଆଧାର କରି ଜଗନ୍ନାଥପ୍ରସାଦ ଥାନା ପୋଲିସ ଗତ ୧୨ ତାରିଖ ରାତିରେ ଡିମିରିପଲ୍ଲିରେ ଚଢ଼ାଉ କରି ଦେଶୀ ବନ୍ଧୁକ କାରଖାନା ଠାବ କରିଥିଲା । ଏପରିକି ୩ଟି ବନ୍ଧୁକ ଜବତ କରି ମୋହନ ମଲିକଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷେ ବାପ ପୁଅ ବନ୍ଧୁକ ତିଆରି କରୁଥିବା କହୁଥିବାବେଳେ କେବଳ ବାପାଙ୍କ ନାଁରେ ୧୨୬/୨୩ରେ ମାମଲା ରୁଜୁ କରିଥିଲା । ଡିମରିପଲ୍ଲୀରେ ୩୦ ବର୍ଷ ହେଲା ବନ୍ଧୁକ ନିର୍ମାଣ ହେଉଥିଲା । ବନ୍ଧୁକ ନୟାଗଡ, ଦଶପଲ୍ଲା, ଗଞ୍ଜାମ, କନ୍ଧମାଳକୁ ଚାଲାଣ ହେଉଥିଲା ବୋଲି କହିଥିଲା । ସେହିପରି ଅଭିଯୁକ୍ତ ମୋହନ ମଲିକଙ୍କ ପରିବାର ଲୋକଙ୍କ ସୂଚନା ଅନୁସାରେ ୧୨ ତାରିଖ ରାତିରେ ଜଗନ୍ନାଥପ୍ରସାଦ ଥାନା ପୋଲିସ ଅତର୍କିତ ଚଢ଼ାଉ କରିଥିଲେ। ୧୧ ଜଣ ପୋଲିସ ଘରେ ପଶି ତନଖି କରି ଧମକଚମକ ଦେବା ସହ ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଘରୁ କେବଳ ଏକ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଓ ତାର କାଗଜପତ୍ର ନେଇଥିଲେ। ପଚରାଉଚୁରା ପାଇଁ ଥାନାକୁ ନିଆଯାଉଥିବା କହି ବନ୍ଧୁକ ନିର୍ମାଣ କରିବା ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି କହି କାନ୍ଦି ପକାଇଥିଲେ। ଅନ୍ୟପକ୍ଷେ ମୋହନଙ୍କ ପରିବାର ଲୋକେ କାଠ କାମ କରି ପେଟ ପୋଷୁଥିଲେ ବୋଲି କହିଛନ୍ତି। ଅଭିଯୁକ୍ତ ପରିବାର ଓ ଜଗନ୍ନାଥପ୍ରସାଦ ଥାନା ପୋଲିସର ସୂଚନାକୁ ଅନୁଧ୍ୟାନ କଲେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। କେଉଁଠି ନାଁ କେଉଁଠି ତଦନ୍ତରେ କେଁ ରଖାଯାଇ ତଦନ୍ତକୁ ଜାଣିଶୁଣି ବାଟବଣା କରାଯାଉଛି ବୋଲି ଅଭିଯୋଗ ଉଠିଛି । ବାପ ପୁଅ ବନ୍ଧୁକ ତିଆରି କରୁଥିବାବେଳେ ମକଦ୍ଦମାରୁ ପୁଅକୁ କାହିଁକି ବାଦ୍ ଦିଆଗଲା। ପୁଅ କାହିଁକି ତଦନ୍ତ ପରିସର ଭୁକ୍ତ ହେବନି। ଘଟଣା ସମ୍ପର୍କରେ ଓଡ଼ଗାଁ ଥାନା ପୋଲିସ ଜାଣିଥିଲେ ପୁଅ ମଧ୍ୟ ଗିରଫ ହୋଇଥାନ୍ତା । ଦେଶୀ ବନ୍ଧୁକ କାରଖାନା ଠାବ କରିବାରେ ଯଦି ଓଡ଼ଗାଁ ଥାନା ପୋଲିସର କାର୍ଯ୍ୟକଳାପ ଉପରେ ଜଗନ୍ନାଥପ୍ରସାଦ ପୋଲିସର ସନ୍ଦେହ ହେଲା ଗିରଫ ପରେ ନିଜ ଥାନାକୁ ଯାଇ ଘଟଣା ସମ୍ପର୍କରେ ଓଡ଼ଗାଁ ଥାନା ପୋଲିସକୁ ଅବଗତ କରାଯାଇ ପାରିଥାନ୍ତା। ଅଭିଯୁକ୍ତ ଗିରଫ ହେବାର ୪ଦିନ ବିତି ଯିବାକୁ ବସିଥିବାବେଳେ ଓଡ଼ଗାଁ ପୋଲିସକୁ ଏଯାବତ ଜଗନ୍ନାଥପ୍ରସାଦ ଥାନା ପୋଲିସ ସୂଚନା ନଦେବା ସ୍ୱଚ୍ଛତା ଉପରେ ଦାଗ ଲଗାଇଛି । ଦେଶୀ ବନ୍ଧୁକ କାରଖାନା ଠାବ ଓ ଅଭିଯୁକ୍ତ ଗିରଫ ଘଟଣାର କେତେ ସତ୍ୟାସତ୍ୟ ରହିଛି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବାକୁ ପରିବାର ଲୋକେ ଦାବି କରିଛନ୍ତି । ଏନେଇ ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କୁ ପଚାରିବାରୁ କହିଥିଲେ ବାହାଡାଖୋଲା ଫାଣ୍ଡିର ଡିମିରିପଲ୍ଲୀ ଗାଁରେ ଦେଶୀ ବନ୍ଧୁକ କାରଖାନା ଠାବ ଓ ଜଣେ ଗିରଫ ସମ୍ପର୍କରେ ଆମକୁ ଜଗନ୍ନାଥପ୍ରସାଦ ଥାନା ପୋଲିସ ଅବଗତ କରିନି । ଏନେଇ ଆମେ କେବଳ ଶୁଣିଛୁ । ଘଟଣାର ସତ୍ୟାସତ୍ୟ ଜାଣି ନାହୁଁ । ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରୁ କହିଥିଲେ ଚଢ଼ାଉ ପରେ ଅଥବା ପୂର୍ବରୁ ସୂଚନା ଦେବାର ଆବଶ୍ୟକତା ଥିଲା। ତେବେ ଜଗନ୍ନାଥପ୍ରସାଦ ଥାନା ପୋଲିସ ଆମକୁ ଏନେଇ ଅବଗତ କରାଇନି ବୋଲି କହିଛନ୍ତି ।

# ଷ୍ଟିୟରିଂ ଛାଡ଼ି ରାଜରାସ୍ତାରେ ଡ୍ରାଇଭର





ନୟାଗଡ଼ ଓ ଖଣ୍ଡପଡ଼ାରେ ଡ୍ରାଇଭରମାନେ ଧାରଣା ଦେଇଛନ୍ତି।

**ନୟାଗଡ଼ ଅଫିସ/ ଖଣ୍ଡପଡ଼ା/ଦଶପଲ୍ଲା (ସ୍ୱ.ପ୍ର /ଡି.ଏନ୍.ଏ):୧୫।୩**

୧୦ଦଫା ଦାବି ନେଇ ଷ୍ଟିୟରିଂ ଛାଡ଼ି ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛି ଡ୍ରାଇଭର ମହାସଂଘ । ଡ୍ରାଇଭର ପାଣ୍ଠିଗଠନ, ସାମାଜିକ ନିରାପତ୍ତା, ବୀମା, ପେନସନ, ସଡ଼କ ଯାତ୍ରା ବେଳେ ଗାଡି ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ବିଶ୍ରାମଗାର, ଶୌଚାଳୟ ବ୍ୟବସ୍ଥା,ଡ୍ରାଇଭର ପିଲାଙ୍କ ନିମନ୍ତେ ଉଚ୍ଚଶିକ୍ଷା ବ୍ୟବସ୍ଥା, ଡ୍ରାଇଭର ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଭଳି ୧୦ ଦାବି ଉଠାଇ ଆନ୍ଦୋଳନ କରିଛି ଡ୍ରାଇଭର ମହାସଂଘ। ନୟାଗଡ଼ ଜିଲା ସଦର ମହକୁମାର ଟ୍ରାଫିକ ଛକରେ ଖଣ୍ଡପଡା, ଦଶପଲା, ଖୋରଧା, ଓଡ଼ଗାଁ ରାସ୍ତାର ଉଭୟପାର୍ଶ୍ୱରେ ପ୍ରାୟ ୨ ହଜାର ଡ୍ରାଇଭର ଆନ୍ଦୋଳନ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ସହରରେ ବସ, ଟ୍ରକ ଆଦି ଭାରିଯାନ ଚଳାଚଳ ଠପ ହୋଇ ଯାଇଥିବା ବେଳେ ବାଇକ୍ ସମେତ ଜରୁରୀ ସେବାରେ ଥିବା ଆମ୍ବୁଲାନ୍ସ, କ୍ଷୀର ଗାଡି ଆଦି ସ୍ୱାଭାବିକ ଭାବେ ଯାତାୟାତ କରୁଛି । ସଂକ୍ରାନ୍ତି ଯୋଗୁ ନୟାଗଡ଼ ସହରର ଦୋକାନ ବଜାର ବନ୍ଦ ଥିଲା। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ନୟାଗଡ଼ ବ୍ଲକ ସଭାପତି ସଚ୍ଚିକାନ୍ତ ସାହୁ କହିଛନ୍ତି। ଜିଲାର ୮ ବ୍ଲକ ନୟାଗଡ଼, ଓଡ଼ଗାଁ, ରଣପୁର, ଦଶପଲ୍ଲା, ନୂଆଗାଁ, ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ଆନ୍ଦୋଳନ ଚାଲୁ ରହିଛି।

ଓଡିଶା ଡ୍ରାଇଭର ଏକତା ମହାମଞ୍ଚର ଆହ୍ୱାନ



ଦଶପଲ୍ଲା ରାସ୍ତା ଉପରେ ଡ୍ରାଉଭରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଲୁ ରହିବ ଆନ୍ଦୋଳନ

କ୍ରମେ ୧୦ ଦଫା ଦାବି ପୂରଣ ନେଇ ଖଣ୍ଡପଡ଼ା ଡ୍ରାଇଭର ସଂଘର ଶତାଧିକ ସଦସ୍ୟ ବୁଧବାର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଖଣ୍ଡପଡ଼ା ବ୍ଲକ ସମ୍ମୁଖସ୍ଥ ବାଇପାସ୍ ରାସ୍ତାରେ ୨ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିଥିଲେ । ରାଜ୍ୟସରକାର ସମସ୍ତ ଦାବି ପୂରଣ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ସଦସ୍ୟମାନେ ଜଣାଇଛନ୍ତି । ଖଣ୍ଡପଡା ବ୍ଲକ ଡ୍ରାଇଭର ସଂଘର ସଭାପତି ରଜତ କୁମାର ଦାସ, ସମ୍ପାଦକ ସୁଦାମ ଚରଣ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟରତ ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ଯୋଗୁ ଲୋକମାନେ ଯାତାୟତ ନିମନ୍ତେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

# ଆଦର୍ଶ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ନିଲମ୍ବିତ

## କର୍ତ୍ତବ୍ୟରେ ଅବହେଳା, ଅସଦାଚରଣ ଅଭିଯୋଗ

**ଖଣ୍ଡପଡ଼ା,୧୫।୩(ସ୍ୱ.ପ୍ର.)**

କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ସହ ଅସଦାଚରଣ ଅଭିଯୋଗରେ ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନିହାର ରଞ୍ଜନ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ନିର୍ଦ୍ଦେଶନାମା ନଂ.୧୩୭୯/୨୧-୨-୨୦୨୩ରୁ ସୂଚନା ମିଳିଛି । ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା ନେଇ ଅଭିଯୋଗ ଉଠିଥିଲା । ଅଧ୍ୟୟନରତ ପିଲାମାନଙ୍କୁ ଅସଦାଚରଣ କରିବା ନେଇ କେତେଜଣ ଅଭିଭାବକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଜଣାଇଥିଲେ । ଅଧ୍ୟକ୍ଷ ମନୋଜ କୁମାର ବିଶ୍ୱାଳ ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ । ଅଭିଯୋଗ ଓ ତଥ୍ୟକୁ ଆଧାର କରି କର୍ତ୍ତୃପକ୍ଷ ସମ୍ପୃକ୍ତ କ୍ରୀଡା ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ଅଭିଯୋଗ ସମ୍ପର୍କରେ କ୍ରୀଡା ଶିକ୍ଷକ ଦାଶଙ୍କୁ ଯୋଗାଯୋଗ କରିବାରେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର କୋଣସି ସତ୍ୟତା ନ ଥିବା ସେ ପ୍ରକାଶ କରିଛନ୍ତି । ତଦନ୍ତ ପରେ ସତ୍ୟ ସାମନାକୁ ଆସିବ ବୋଲି ସେ କହିଛନ୍ତି।

# ବ୍ୟାଙ୍କରେ ନକଲି ସୁନା ଦେଇ ୫୦ଲକ୍ଷ ଟଙ୍କା ଠକେଇ

**ଶରଣକୁଳ,୧୫।୩(ଡି.ଏନ.ଏ.):** ଶରଣକୁଳ ନିକଟ ଶିଖରପୁର କାନାରା ବ୍ୟାଙ୍କରେ ନକଲି ସୁନା ବନ୍ଧକ ରଖି ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଥିବା ଅଭିଯୋଗ ହୋଇଛି । ବ୍ୟାଙ୍କ ଶାଖା ପରିଚାଳକ ରୋଜାଲିନ ପୃଷ୍ଟିଙ୍କ ନିକଟରୁ ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ବ୍ୟାଙ୍କର ବଣିଆ ଭାବେ କାମ କରୁଥିବା ନୀଳମାଧବ ଆଚାରି ଏଥିରେ ସାମିଲ ଥିବାନେଇ ସ୍ୱୀକାର କରିଛନ୍ତି । ଗତ ୧୦ ତାରିଖରେ ବ୍ୟାଙ୍କର ସୁନା ବନ୍ଧକ ମୂଲ୍ୟାଙ୍କନ ସମୟରେ ଏହି ଜାଲିଆତି ସମ୍ପର୍କରେ ବ୍ୟାଙ୍କ କର୍ମଚାରୀମାନେ ଜାଣିବାକୁ ପାଇଥିଲେ । ପରେ ଶାଖା ପରିଚାଳକ ଏ ସମ୍ପର୍କରେ ରିଜିଓନାଲ ଅଫିସକୁ ରିପୋର୍ଟ କରିଥିଲେ । ରିଜିଓନାଲ ଅଫିସ ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବା ସହ ଭୁବନେଶ୍ୱରରେ ଏଫ୍ଆଇଆର କରିଥିବା ଶାଖା ପରିଚାଳିକ କହିଛନ୍ତି । ପ୍ରାୟ ୨୧ଜଣଙ୍କ ନାମରେ ନକଲି ସୁନା ବନ୍ଧକ ରଖି ଋଣ ନିଆଯାଇଛି। ପରେ ଶାଖା ପରିଚାଳକ ଋଣ ନେଇଥିବା ଉକ୍ତ ୨୧ଜଣଙ୍କୁ ଭେଟି କିପରି ଋଣ ନେଇଥିଲେ ପଚାରି ବୁଝିଥିଲେ । ବ୍ୟାଙ୍କ ବଣିଆ ଉକ୍ତ ଋଣକୁ ପରିଶୋଧ କରିବା ପାଇଁ ୨୦ ଲକ୍ଷ ଟଙ୍କାର ଏକ ଷ୍ଟେଟ ବ୍ୟାଙ୍କ ଚେକ ଶାଖା ପରିଚାଳକଙ୍କୁ ଦେଇଥିଲେ । ହେଲେ ତାଙ୍କ ଆକାଉଣ୍ଟରେ ସେତିକି ଟଙ୍କା ନ ଥିବା ଜଣାପଡିଛି । ଉକ୍ତ ଋଣର ପୁନଃ ଆକଳନ ସହ ମୂଲ୍ୟାଙ୍କନ କରାଯିବ । ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶାଖା ପରିଚାଳକ କହିଛନ୍ତି ।

# ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

**ନୂଆଗାଁ,୧୫।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନାଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ( ଏମ୍‌ଜିଏନ୍‌ଆରଇଜିଏସ୍) ଓ ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା ତଦନ୍ତ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି ।

ଶ୍ରମିକମାନେ ରୋଜଗାର ପାଇଁ ଦାଦନ ନ ଯାଇ ଗାଁରେ ରହି ପରିବାର ପ୍ରତିପୋଷଣ କରିବା ସକାଶେ ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା କରିଛନ୍ତି । ଉକ୍ତ ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ନିୟମ କରିଥିବା ବେଳେ ନୂଆଗାଁ ବ୍ଲକରେ ସବୁ ଆଇନ କାନୁନକୁ ଉଲ୍ଲଂଘନ କରି ଠିକାଦାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ମିଳିମିଶି ଅନୁଦାନ ଲୁଟୁଛନ୍ତି । ଏପରିକି କାମ ନ କରି ଓ ବିନା ସୂଚନା ଫଳରେ ଅନୁଦାନ ଆତ୍ମସାତ୍ ହେଉଛି । ଯାହାର ଉଦାହରଣ କାପ୍ତାପଲି ପଞ୍ଚାୟତ ବଡତାମନାଡୁ ଗ୍ରାମର ସୁରକ୍ଷା ପାଇଁ ଟ୍ରେଞ୍ଚ ଖନନ କାର୍ଯ୍ୟ । ବଡତାମନାଡୁ ଗ୍ରାମର ସୁରକ୍ଷା ଦୃଷ୍ଟିରୁ ପାହାଡ଼ ପାଣି ଗାଁ ଭିତରକୁ ନ ପଶିବା ପାଇଁ ପାହାଡ ପାଦଦେଶରେ ଟ୍ରେଞ୍ଚ ଖୋଳିବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ତା ୪।୧।୨୧ ରିଖରେ ୮ ଲକ୍ଷ ୩୩ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇ ତା ୧।୮।୨୧ ରିଖରୁ ଜେସିବି ମାଧ୍ୟମର ବିନା ସୂଚନା ଫଳକରେ କାମ ଆରମ୍ଭ କରାଯାଇଥିଲା । ସେହି ସମୟରେ ସେହି କାମ ବାବଦକୁ ଠିକାଦାର ପ୍ରାୟ ୩ ଲକ୍ଷ ୨୦ ହଜାର ଟଙ୍କା ବିଲ କରି ନେଇଥିଲେ । ଚଳିତ ବର୍ଷ କୌଣସି କାର୍ଯ୍ୟ ନ କରି ସେହି ୨ ବର୍ଷ ପୂର୍ବରୁ ପୁରୁଣା କାମକୁ ଦେଖାଇ ତା ୧୨।୧।୨୩ ରିଖଠାରୁ ୧୮।୧।୨୩ ରିଖ ପର୍ଯ୍ୟନ୍ତ ୬୬ ହଜାର ଟଙ୍କା ବିଲ ହୋଇଛି । ସେହିପରି ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରୀଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ କାହାରି ଅଭିଯୋଗ ନ ଶୁଣି ପୂର୍ବଭଳି କାମ କରାଯାଇଥିଲା। ଫଳସ୍ୱରୂପ କେଉଁ ସ୍କୁଲର ସିଲିଂ ଖସିଲାଣି ତ କେଉଁ ସ୍କୁଲର କାନ୍ଥ ଫାଟିଲାଣି । ଆଉ କେଉଁ ସ୍କୁଲର କାନ୍ଥରେ ଗଛ ଉଠି କାନ୍ଥ ଫାଟି ଭୁଶୁଡିବାକୁ ବସିଲାଣି । ଚାହାଳି ଓ ଅନ୍ୟାନ୍ୟ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଓ ଭତ୍ତା ଟଙ୍କାରେ ଅନିୟମିତତା ହୋଇଥିବା ଅଭିଯୋଗ ମଧ୍ୟ ହେଉଛି । ନିମ୍ନମାନର କାମ ହେବାଫଳରେ ତିନି ମାସ ନ ହେଉଣୁ ମାଳିସାହି ପଞ୍ଚାୟତର କଂକ୍ରିଟ ରାସ୍ତା ଫାଟି ଆଁ କଲାଣି । ହେଲେ ମାଟିର ଦୋଷ କହି କଥାକୁ ଏଡାଇ ଯାଉଛନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡା । ଏତେ ସବୁ ଅଭିଯୋଗ ପରେ ବି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ଅଧିକାରୀ କାହା ଛତ୍ରଛାୟା ତଳେ ରହି କାମ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅଭିଯୋଗ ପରେ ତଦନ୍ତ ନ ହେବା ବାବଦରେ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଅନିୟମିତତାଗୁଡିକୁ ମୋତେ ଲିଖିତ ଭାବେ ଜଣାନ୍ତୁ । ମୁଁ ତଦନ୍ତ କରିବି ବୋଲି କହିଛନ୍ତି ।




ନୂଆଗାଁ ବ୍ଲକ କାର୍ଯ୍ୟାଳୟ ।

## ପୁରୁଣା କାମକୁ ଦେଖାଇ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଆତ୍ମସାତ୍

# ନୟାଗଡ଼ରୁ ଭଦ୍ରକ ରେଳ ଚଳାଚଳ ଦାବି

## ଚିଠି ଲେଖିଲେ ନୟାଗଡ଼ ବିଧାୟକ

**ନୟାଗଡ଼ ଅଫିସ,୧୫।୩**

ନୟାଗଡ଼ରୁ ଭଦ୍ରକ ରେଳ ଚଳାଚଳ ପାଇଁ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ମନୋଜ ଶର୍ମାଙ୍କୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଚିଠି ଲେଖିଛନ୍ତି । ନୟାଗଡ଼ ଜିଲାର ଅନେକ ବାସିନ୍ଦା ଭଦ୍ରକ, ବାଲେଶ୍ୱର, କଟକ ଜିଲାରେ ରହୁଥିବାବେଳେ ନୟାଗଡ଼କୁ ଆସୁଥିବା ଟ୍ରେନର ସଦୁପଯୋଗ କରି ପାରୁନାହାନ୍ତି । ନୟାଗଡ଼ବାସୀଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସୁଧାର ଆଣିବା ପାଇଁ ନୟାଗଡ଼ରୁଭଦ୍ରକଙ୍କୁରେଳଚଳାଚଳନିହାତି ଦରକାର ବୋଲି ଚିଠିରେ ଲେଖିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବେନ୍ଦ୍ର



@ ଗୋପୀନାଥ



@ ମାନସୀ



@ ପୁପୁନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ରେଳ ଚକ କାରଖାନା

ୟେଲାହାଙ୍କା, ବେଙ୍ଗାଲୁରୁ - ୫୬୦ ୦୬୪

ୱେବ୍‌ସାଇଟ୍: www.rwf.indianrailways.gov.in

ଆଜାଦୀ କା ଅମୃତ ମହୋତ୍ସବ

ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଡବ୍ଲ୍ୟୁଏଫ୍/ଏସ୍/୧୪୬/୨୦୨୨-୨୩/୧୦ ତାରିଖ: ୧୫।୦୩।୨୦୨୩

ଇ-ଟେଣ୍ଡର: ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଆର୍‌ଡବ୍ଲ୍ୟୁଏଫ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞ/ପ୍ରତିଷ୍ଠିତ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍‌ରେ ବୈଦ୍ୟୁତିକ ଟେଣ୍ଡର ଆହ୍ୱାନ କରୁଛି ।

| ଟେଣ୍ଡର ନଂ. | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୧୦୦୦_୨୦୨୩-୨୪ | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୨୫୦୦_୨୦୨୩-୨୪ |
|---|---|---|
| ଧାର୍ଯ୍ୟ ତାରିଖ ଓ ସମୟ | ୧୭।୦୪।୨୦୨୩ । ଟେଣ୍ଡର ସମାପ୍ତ ସମୟ: ୧୪.୧୫ ଘଟିକା | |
| କାର୍ଯ୍ୟର ପରିସର | ବିଭିନ୍ନ ରେଳ ୟୁନିଟ୍‌ରୁ ପରିତ୍ୟକ୍ତ ଚକ ଡିସ୍କଗୁଡ଼ିକୁ ରେଳ ଚକ କାରଖାନା, ୟେଲାହାଙ୍କା, ବେଙ୍ଗାଲୁରୁ-୫୬୦୦୬୪କୁ ସଡ଼କପଥରେ ପରିବହନ କରିବା । ରେଳପଥ ଦ୍ୱାରା ଲୋଡିଂ ଓ ଅନ୍‌ଲୋଡିଂ ମାଗଣାରେ କରାଯିବ । | |
| ଦୂରତା ସ୍ଲାବ୍ | ୫୦୦ରୁ ୧୦୦୦ କିମିରୁ ଊର୍ଦ୍ଧ୍ୱ | ୧୦୦୦ କିମିରୁ ଅଧିକ (୨୫୦୦ କିମିର ହାରାହାରି ଦୂରତା ସହିତ) |
| ପରିମାଣ | ୬,୦୦୦ ଏମ୍‌ଟି | ୨୬,୦୦୦ ଏମ୍‌ଟି |
| ଅଟକଳ ଟେଣ୍ଡର ମୂଲ୍ୟ | ଟ.୨,୩୦,୪୦,୦୦୦/- | ଟ.୧୬,୬୪,୦୦,୦୦୦/- |
| ଇଏମ୍‌ଡି ପରିମାଣ | ଟ.୨,୬୫,୨୦୦/- | ଟ.୯,୮୨,୦୦୦/- |
| ଠିକା ଅବଧି | କାର୍ଯ୍ୟ ଆରମ୍ଭ ହେବା ତାରିଖରୁ ୧୨ (ବାର) ମାସ । | |

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ



## OFFICE OF THE PANCHAYAT SAMITI, BHANJANAGAR (GANJAM)

E-Mail: ori-bhanjanagar@nic.in, Ph.: 06821-241085

TENDER CALL NOTICE No. 01/2022-23 & 02/2022-23 Dated 10.03.2023

INVITATION FOR COMPETITIVE BIDDING

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper Set (Non-refunable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Constuction of Dining & Multipurpose Hall at Darapangia Ashram School, Darapangia under Bhanjanagar Block | Rs.14,55,362/- | Rs.14,554/- | 6 (Six) Calendar Months | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |
| 2 | Construction of Day Care Sub-Centre cum Health & Wellness Centre at Dihapadhala under Bhanjanagar Block | Rs.34,47,122/- | Rs.34,471/- | 12 (Twelve Calendar Months) | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |

**Terms and Conditions:**

1. **Cost of Tender Paper:** The tender specification can be obtained from the office of the Block Development Officer, Bhanjanagar on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Bhanjanagar in any Nationalized Bank having its branch at Bhanjanagar on any working day from Dt.16.03.2023 to Dt.30.03.2023 for the above work.
2. **Sale of Tender Papers:** The tender documents will be sold **from Dt.16.03.2023 to Dt.30.03.2023** at Block Office, Bhanjanagar between 10.00 A.M. to 5.00 P.M. on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Bhanjanagar in his official postal address. The last date of receipt of tender papers is 30.03.2023 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. The details tender call notice and the bid documents will be available in the official website of Ganjam i.e. **www.ganjam.nic.in**.

**Sd./- Block Development Officer, Bhanjanagar**


ଯାଜପୁର ଟାଉନ୍ ଡ୍ରାଇଭର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।


କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡ୍ରାଇଭରମାନେ ବିକ୍ଷୋଭ କରୁଛନ୍ତି।

# ଷ୍ଟିୟରିଂ ଛାଡ଼ିଲେ ଡ୍ରାଇଭର

## ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ସମ୍ପନ୍ନ

ଯାଜପୁରର ଅଫିସ,୧୫।୩

ଯାଜପୁର ଜିଲାର ବିଭିନ୍ନ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଓ ପୂର୍ତ୍ତ ବିଭାଗ ରାସ୍ତାର ଛକଗୁଡ଼ିକରେ ବୁଧବାର ସକାଳୁ ଡ୍ରାଇଭର ମହାସଂଘ ପକ୍ଷରୁ ୧୦ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଏହି ଆନ୍ଦୋଳନ ହୋଇଥିଲେ ହେଁ ଯାତ୍ରୀ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କେତେକ ସ୍ଥାନରେ ଆନ୍ଦୋଳନ ଜାରି ରହିଛି। ଯାଜପୁର ଟାଉନ୍ ଏବଂ ବ୍ୟାସନଗର ସହରର ବସଷ୍ଟାଣ୍ଡରୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ଗଡ଼ିନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଓ ମିଲଟାରୀ ଛକ ସମେତ ଗୋଲେଇ ଛକରେ ଡ୍ରାଇଭରମାନେ ପିକେଟିଂ କରି ଡ୍ରାଇଭରମାନଙ୍କୁ ବୁଝାଶୁଝା କରି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଶିଳ୍ପାଞ୍ଚଳ ଏବଂ ଖଣି ଅଞ୍ଚଳ ରାସ୍ତାରେ କଞ୍ଚାମାଲ ପରିବହନ ଟ୍ରକଗୁଡିକ ଲମ୍ବା ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନରେ ଟ୍ରକ, ବସ୍, ଅଟୋ, କାର ଆଦି ଗାଡ଼ିର ଡ୍ରାଇଭର ସାମିଲ ହୋଇଛନ୍ତି। ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ ଠପ୍ ହୋଇପଡ଼ିଛି। ଫଳରେ ସରକାର ବିପୁଳ ଖଣି ରାଜସ୍ୱ ହରାଇଥିବା ସୂଚନା ମିଳିଛି।


ଅରେଇ ଛକରେ ବିଞ୍ଝାରପୁର ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

**କାଳିଆପାଣି :** ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ କ୍ରୋମାଇଟ ଜୋନ କାଳିଆପାଣି ଖଣି ଅଞ୍ଚଳରୁ ପରିବହନ ଠପ୍ ହୋଇଛି। ଡ୍ରାଇଭର ମହାସଂଘ ପକ୍ଷରୁ କିଛି ଦିନ ପୂର୍ବେ ବିଭିନ୍ନ ଦାବି ନେଇ ଭୁବନେଶ୍ୱରରେ ବିକ୍ଷୋଭ କରାଯାଇଥିଲା। ତେବେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏହାକୁ ନେଇ ମହାସଂଘ ପକ୍ଷରୁ ବୁଧବାରଠାରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଛି। ସୁକିନ୍ଦା ବ୍ଲକ ଡ୍ରାଇଭର ମହାସଂଘ ସଭାପତି ସମ୍ଭୁନାଥ ମହାନ୍ତ ଓ ସମ୍ପାଦକ କୁନାଲ ମହାନ୍ତଙ୍କ ନେତୃତ୍ୱରେ ବ୍ଲକର ୧ ହଜାରରୁ ଅଧିକ ଡ୍ରାଇଭର ଖଣି ଅଞ୍ଚଳର କଲରଙ୍ଗୀଛକଠାରେ ଏକତ୍ରି ହୋଇ ରାସ୍ତାକଡ଼ରେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ମହାନ୍ତ ପ୍ରକାଶ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭେରିୟସ ଟପୋ ଓ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଉପସ୍ଥିତ ରହିଥିଲେ।

**ଜେନାପୁର:** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର କାନ୍ତପଡ଼ା ଛକଠାରେ ୧୦ ଦଫା ଦାବିନେଇ ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଆନ୍ଦୋଳନ ହୋଇଛି। ବିଜୟ ବେହେରା, ବସନ୍ତ ପରିଡ଼ା, ଅନିରୁଦ୍ଧ ମଲିକଙ୍କ ନେତୃତ୍ୱରେ ୧୮ଟି ପଞ୍ଚାୟତର ଡ୍ରାଇଭର ସାମିଲ ହୋଇ ଧାରଣାରେ ବସିଥିଲେ।

**କଳିଙ୍ଗନଗର:** ଦାନଗଦି ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଜିତେନ୍ଦ୍ର ପଣ୍ଡା ଓ କିଶୋର ପାଲଙ୍କ ନେତୃତ୍ୱରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ମାର୍ଗରେ ୨୦୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର କଳିଙ୍ଗନଗର-ଯାଜପୁରରୋଡ୍ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ କଳିଙ୍ଗନଗର କାରଖାନା ଓ ସୁକିନ୍ଦା ଖଣି ଉପତ୍ୟକା ସମେତ ସମଗ୍ର ଜିଲାରେ ପରିବହନ ଠପ ହୋଇ ଯାଇଥିଲା। ଏହି ଆନ୍ଦୋଳନ ଯୋଗୁ କାରଖାନାଗୁଡ଼ିକର ଉତ୍ପାଦନରେ ବାଧା ସୃଷ୍ଟି ହେବା ଆଶଙ୍କାରେ କର୍ମଚାରୀମାନେ ଭୋର୍ ସମୟରେ କାରଖାନାକୁ ଯାଇଥିଲେ। ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା।

**ଦଶରଥପୁର:** ଦଶରଥପୁର ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଯାଜପୁର-କୟାଁଗୋଲା ମୁଖ୍ୟରାସ୍ତାର ବରହଟା ଛକ ନିକଟରେ ଜାତୀୟ ରାଜପଥ-୨୦କୁ ଦୀର୍ଘ ସମୟ ଧରି ଅବରୋଧ କରି ରହିଛନ୍ତି। ରାତି ୮ଟାରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିଛି। ଫଳରେ ଅତି ଜରୁରୀ ବ୍ୟତୀତ ଅନ୍ୟ ସମସ୍ତ ଯାନବାହନ ବନ୍ଦ ରହିଥିବା ଦେଖାଯାଇଛି। ସଂଘର ବ୍ଲକ ସଭାପତି ସେକ ହମିରୁଦ୍ଦିନ, ଉପସଭାପତି ବଳରାମ ବେହେରା, ସମ୍ପାଦକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଡ୍ରାଇଭର ଧର୍ମଘଟରେ ସାମିଲ ହୋଇଛନ୍ତି।

**ଯାଜପୁର ଟାଉନ୍:** ଯାଜପୁର ଜିଲା ଗାଡ଼ିଚାଳକ ସଂଘ ପକ୍ଷରୁ ଯାଜପୁରସ୍ଥିତ ମୋକେଇପୁରଠାରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। ଆଗାମୀ ଦିନରେ ସରକାର ଏହି ଦାବିଗୁଡ଼ିକୁ ପୂରଣ ନ କଲେ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି। ସଭାପତି ଜାକିର ଖାଁ, ଉପସଭାପତି ଜଲାଲ ଖାଁ, ସମ୍ପାଦକ ସଞ୍ଜୟ ବେହେରା, ସହସମ୍ପାଦକ ସଂଗ୍ରାମ ବେହେରା, କୋଷାଧ୍ୟକ୍ଷ ଅମର ନନ୍ଦ ପ୍ରମୁଖ ଶତାଧିକ ଚାଳକ ସଂଘ କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଛନ୍ତି।


ଜେନାପୁର ଅଞ୍ଚଳରେ ଡ୍ରାଇଭରଙ୍କ ଆନ୍ଦୋଳନ।

**ପ୍ରୀତିପୁର:** ବିଞ୍ଝାରପୁର ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ଅରେଇ ଛକଠାରେ ଦୀର୍ଘ ସମୟଧରି ଅବରୋଧ କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିଥିଲା। ସଂଘର ବ୍ଲକ ସଭାପତି ଅଶୋକ କୁମାର ରଥଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଡ୍ରାଇଭର ଧର୍ମଘଟରେ ସାମିଲ ହୋଇଛନ୍ତି।

**ଚଣ୍ଡିଖୋଲ:** ବଡ଼ଚଣା ଡ୍ରାଇଭର ସଂଘ ପକ୍ଷରୁ ଚଣ୍ଡିଖୋଲ ଛକଠାରେ ୫ଶହରୁ ଊର୍ଦ୍ଧ୍ୱ ଚାଳକ ଆନ୍ଦୋଳରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁ ଚଣ୍ଡିଖୋଲଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥ ଓ ୫୩ନଂ. ଜାତୀୟ ରାଜପଥରେ ଗାଡ଼ିଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ସହ ସମ୍ପାଦକ ମାନସ ରଞ୍ଜନ ଦେବତା, ଜିଲା ଚାଳକ ସଂଘ ଉପସଭାପତି ଅମର ପତି, ଜିଲା ସମ୍ପାଦକ ଶରତ ବେହେରା, ସହସମ୍ପାଦକ ଅନିଲ ଭାଇ, ଉପଦେଷ୍ଟା ସଞ୍ଜୟ କୁମାର ଓଝାଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଚାଳକ ଏ ଧାରଣାରେ ବସିବା ସହିତ ଏକ ପଥପ୍ରାନ୍ତ ସଭାମାଧ୍ୟମରେ ସରକାର ତୁରନ୍ତ ଦାବି ପୂରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ୧୬ ନଂ ଜାତୀୟ ରାଜପଥ ଜାରକା ଛକଠାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ଶତାଧିକ ଡ୍ରାଇଭର ପ୍ଲାକାର୍ଡ ଧରି ନାରାବାଜି କରି ସରକାରଙ୍କ ପ୍ରତି ନିଜର ଅସନ୍ତୋଷ ଜାହିର କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରିରହିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ଲୋକନାଥ ପୁରୀ, ସମ୍ପାଦକ ଅମୂଲ୍ୟ କୁମାର ମଲିକ ଓ ଅଖିଳ ସାମଲ ପ୍ରମୁଖ ଏହି ଆନ୍ଦୋଳରେ ସାମିଲ ହୋଇଥିଲେ। ଆନ୍ଦୋଳନବେଳେ ଜରୁରୀ ସେବାରେ ଯାଉଥିବା ଗାଡ଼ିଗୁଡିକୁ ଛାଡି ଦିଆଯାଇଥିଲା।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅରେଇ ଛକଠାରେ ବିଞ୍ଝାରପୁର ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ବିଞ୍ଝାରପୁର ବ୍ଲକ ସଂଘ ସଭାପତି ଅଶୋକ ରଥ, ଉପସଭାପତି ସେକ୍ ମହମ୍ମଦ ଉମର ଫରକ, ସମ୍ପାଦକ ଚନ୍ଦନ କୁମାର ଜେନାଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨ ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇ ଆନ୍ଦୋଳନ କରିଥିଲେ।


ଦଶରଥପୁର ଡ୍ରାଇଭର ସଂଘର ଧାରଣା।


ଚଣ୍ଡିଖୋଲଠାରେ ଡ୍ରାଇଭର ସଂଘର ଧାରଣା।


ଧର୍ମଶାଳା ଡ୍ରାଇଭର ସଂଘ କର୍ମକର୍ତ୍ତା ଆନ୍ଦୋଳନ କରୁଛନ୍ତି।

# ଯୁବତୀଯୁବକଙ୍କୁ ୧୦ ବର୍ଷ ଗାଁ ମନା

## ପ୍ରେମ ବିବାହକୁ ନେଇ କାଳିଆପାଣି ଗାଁରେ କଙ୍ଗାରୁକୋର୍ଟ

- ସହଯୋଗୀଙ୍କୁ ୧୦ ହଜାର ଟଙ୍କା ଜରିମାନା

କାଳିଆପାଣି,୧୫।୩(ଡି.ଏନ.ଏ.): ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗାଁରେ ପ୍ରେମ ବିବାହକୁ ନେଇ କଙ୍ଗାରୁକୋର୍ଟ ହୋଇଛି। କୋର୍ଟ ନିଷ୍ପତ୍ତି ଅନୁସାରେ ପ୍ରେମ ବିବାହ କରିଥିବା ଯୁବତୀଯୁବକଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଗାଁରେ ପଶିବାକୁ ମନା କରାଯାଇଛି। ଏଥିସହିତ ତାଙ୍କୁ ସହଯୋଗ କରିଥିବା ଜଣେ ଯୁବକଙ୍କୁ ୧୦ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ହୋଇଛି। ଏହା ମଧ୍ୟରେ ନବଦମ୍ପତି ଗାଁକୁ ଆସିଥିଲେ ମଧ୍ୟ ସେମାନଙ୍କୁ ରହିବାକୁ ସୁଯୋଗ ଦିଆଯାଇନାହିଁ। ଫଳରେ ସେମାନେ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ଯୁବତୀଯୁବକ ଗୋଟିଏ ଗାଁର ହୋଇଥିବାବେଳେ ଦୀର୍ଘଦିନ ହେବ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ରହିଥିଲା। ତେବେ ଯୁବତୀଙ୍କ ବଡ଼ ଭଉଣୀ ବିବାହ ନ କରିବା ପର୍ଯ୍ୟନ୍ତ ଏମାନଙ୍କ ବିବାହ ସମ୍ଭବ ହୋଇ ନ ଥିଲା। ଏପରି କି ପୁଅ ଅନ୍ୟଜାତିର ହୋଇଥିବାରୁ ଯୁବତୀଙ୍କ ପରିବାର ବିବାହକୁ ବିରୋଧ କରୁଥିଲେ। ଏହାମଧ୍ୟରେ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ନେଇ ଫେରାର ହେବାସହ କୋର୍ଟରେ ବିବାହ କରିଥିଲେ। ମାତ୍ର ସେମାନଙ୍କ ଫେରାର ଓ ବିବାହକୁ ନେଇ ଗ୍ରାମରେ ଯୁବତୀଙ୍କ ପରିବାର ପକ୍ଷରୁ କେତେଜଣ ମୁରବୀ ଶ୍ରେଣୀର ଲୋକଙ୍କ ମିଳିତ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଏହି ବେଆଇନ ନିଷ୍ପତ୍ତିକୁ ଗ୍ରାମର ଯୁବକମାନେ ବିରୋଧ କରିଛନ୍ତି। ଯୁବକ ଗାଁ ନିକଟ ଏକ କମ୍ପାନୀରେ ସ୍ଥାୟୀ କର୍ମଚାରୀ ହୋଇଥିବା ବେଳେ ଅଧିକ ଦିନ କାମରେ ଅନୁପସ୍ଥିତ ରହିଲେ ଚାକିରି ଚାଲିଯିବା ଭୟ ମଧ୍ୟ ରହିଛି। ଏ ସମ୍ପର୍କରେ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ ମିଶ୍ରଙ୍କୁ ପଚାରିବାରେ ତାଙ୍କ ନିକଟରେ ଏଭଳି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

# ଧର୍ମଶାଳାରୁ ସାମିଲ ହେଲେ ୧୧ ବାଳିକାବାଳକ

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଧର୍ମଶାଳା,୧୫।୩(ଡି.ଏନ୍.ଏ.)

ପୁରୀ ରେଲୱେ କଲ୍ୟାଣ ମଣ୍ଡପରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ସବ୍ ଜୁନିୟର କ୍ୟୁରୋଗୀ ଓ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଧର୍ମଶାଳା ବ୍ଲକରୁ ୧୧ ବାଳିକାବାଳକ ସାମିଲ ହୋଇଥିଲେ। ସେଥିମଧ୍ୟରୁ ସବ୍ ଜୁନିୟର ବାଳକ ବିଭାଗରୁ କ୍ୟୁରୋଗୀ (ଫାଇଟ୍) ୧୮ କେଜି ମଧ୍ୟରେ ନୀତେଶ ସାହୁ ସ୍ୱର୍ଣ୍ଣ, ୨୭ କେଜି ମଧ୍ୟରେ ଚନ୍ଦନ ନାୟକ କାଂସ୍ୟ, ୪୧ କେଜି ମଧ୍ୟରେ ଓମକ୍ରିଷ୍ଣା କାଂସ୍ୟ, ୩୨ କେଜି ମଧ୍ୟରେ ଜି.ଏମ୍ କାମ୍ୟା କାଂସ୍ୟ ପଦକ ହାସଲ କରିଛନ୍ତି। କ୍ୱାଡେଡ୍ ବିଭାଗରୁ ୩୩ କେଜି ବାଳକ ମଧ୍ୟରେ ଶୁଭ୍ରାଂଶୁ ସାହୁ କାଂସ୍ୟପଦକ ହାସଲ କରିଛନ୍ତି। ସବ୍‌ଜୁନିୟର ବିଭାଗର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ନୀତେଶ ୧୮ କେଜି ବାଳକ ବିଭାଗରୁ ଚଳିତ ମାସ ୨୮ରୁ ୩୧ ମଧ୍ୟରେ ରାଜସ୍ଥାନଠାରେ ହେବାକୁ ଥିବା ଜାତୀୟସ୍ତରର ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନ୍ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ଆସୋସିଏସନ୍‌ର ସଭାପତି କର୍ଣ୍ଣାଟ କେଶରୀ ଦାଶ, ସାଧାରଣ ସମ୍ପାଦକ ଯଯାତି କେଶରୀ ଧଳ, ଯୁଗ୍ମ ସମ୍ପାଦକ ଓ ପ୍ରଶିକ୍ଷକ ସମର ସିଂହ ପ୍ରମୁଖ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୋଳ ମେଲଣ ଉଦ୍‌ଯାପିତ

ଜେନାପୁର,୧୫।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ଅଧୀନ ମା' ବାଘୁଆ ବ୍ରାହ୍ମଣୀ ଦେବୀ ପୂଜା କମିଟି ଆନୁକୂଲ୍ୟରେ ୫୧ତମ ବାଲିସାହି ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମେଳଣରେ ମୁରାରୀପୁର, ଅଭୟପୁର, ମଧୁବନ, ପାଞ୍ଚଗୋଛିଆ, ଲୁଣିବେର, ବଉଳମାଳ ସମେତ ୮ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ଦୋଳ ବିମାନ ଯୋଗଦେଇଥିଲେ। ବୁଧବାର ସକାଳୁ କୀର୍ତ୍ତନ ଓ ଅବିର ରଙ୍ଗ ଖେଳସହ ବିମାନଗୁଡ଼ିକ ମେଲେଣ ପଡ଼ିଆରେ ପହଞ୍ଚିଥିଲେ। ପରେ ଭୋଗ ନୈବେଦ୍ୟ ସହ ଦକ୍ଷିଣା ଦିଆଯାଇଥିଲା। ପରେ ସମସ୍ତ ବିମାନ ମୁରାଲିପୁର ବିମାନ ଥାନପତି ସହ ଆସନ ଅଲଙ୍କୃତ କରିଥିଲେ। ଏହାପରେ ସମସ୍ତ ମୁଖ୍ୟ ପରିଚାଳକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇଥିଲା। ପରିଚାଳନା କମିଟି ସଭାପତି ବଟକୃଷ୍ଣ ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ ପ୍ରଧାନ, ବାଇଧର ସାହୁ, ରଘୁନାଥ ପ୍ରଧାନ,ପାଣ୍ଡବ ଚରଣ ବେହେରା, କୈଳାସ ଚନ୍ଦ୍ର ରାଉତ, ବଂଶୀଧର ମହାରଣା, କାଙ୍ଗାଳୀ ଚରଣ ସେଠୀ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରବିତ୍ର ସାହୁ ସମେତ ସମସ୍ତ ସଭ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ ।


ମେଲଣରେ ସାମଲ ହୋଇଥିବା ବିମାନ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦିଗହରା

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

- ସବୁଜାଣି ନୀରବଦ୍ରଷ୍ଟା ଅଧିକାରୀ
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ବରୀ,୧୫।୩(ଡି.ଏନ.ଏ.):




ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦିଗହରା ହୋଇଛି। ଉକ୍ତ ଅଭିଯାନ ମାଧ୍ୟରେ ଗର୍ଭବତୀଙ୍କୁ ଯେଉଁ ସୁବିଧା ପ୍ରଦାନ କରାଯିବା କଥା ତାହା କରାଯାଉନାହିଁ। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମର ନିୟମ ମୁତାବକ ଗର୍ଭବତୀଙ୍କୁ ପ୍ରତ୍ୟେକ ମାସର ୯ ତାରିଖରେ ପରୀକ୍ଷା କରିବା ସହ ସେମାନଙ୍କୁ ୮୦ ଟଙ୍କାର ଶୁଖିଲା ଖାଦ୍ୟ ଦେବା କଥା। ମାତ୍ର ଖାଦ୍ୟ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ପରୀକ୍ଷା ପାଇଁ ଆସୁଥିବା ଗର୍ଭବତୀଙ୍କୁ କେବଳ ଏକ ୫ ଟଙ୍କିଆ ବିସ୍କୁଟ, ୧୦ ଟଙ୍କିଆ ବ୍ରେଡ୍, ୨ଟି କଦଳୀ, ୫୦ ଗ୍ରାମ ଅଙ୍ଗୁର ଓ ଗୋଟିଏ ପାଣି ବଟଲ ଦେଉଛନ୍ତି। ଏସବୁ ସାମଗ୍ରୀର ମୂଲ୍ୟ ୩୫ରୁ ୪୦ ଟଙ୍କା ମଧ୍ୟରେ ହେବ। ବଳକା ଅର୍ଥକୁ ସମ୍ପୃକ୍ତ କର୍ମଚାରୀ ହଡ଼ପ କରୁଛନ୍ତି। ଏତଦ୍‌ବ୍ୟତୀତ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ପ୍ରସୂତିଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦିଆଯିବାକୁ ନିୟମ ରହିଥିବାବେଳେ ଏହା ମଧ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଉଚ୍ଚ ପଦସ୍ଥ ଅଧିକାରୀ ଆସି ତଦନ୍ତ କରି ଫେରିଛନ୍ତି। ହେଲେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ତଦନ୍ତ ଧର୍ମକୁ ଆଖିଠାର ସଦୃଶ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ୫-ଟି ଅଧୀନରେ ସ୍ୱାସ୍ଥ୍ୟ ବିଭାଗ ରହିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ବ୍ୟାପକ ହରିଲୁଟ୍ ଘଟଣାକୁ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ୫-ଟି ସଚିବଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି। ହେଲେ ଘଟଣା ଉପରେ କୌଣସି ପଦକ୍ଷେପ ନ ନିଆଯିବା ଯୋଗୁ ଏଠାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ବାଧ୍ୟ ହୋଇ ଅନେକ ରୋଗୀ ଘରୋଇ ଚିକିତ୍ସାଳୟକୁ ଯାଉ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଏସବୁ ଘଟଣା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସବ୍ୟସାଚୀ ଦାସଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଘଟଣା ସମ୍ପର୍କରେ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର (ବିପିଏମ୍) ପବିତ୍ର ଗୌରବ ଦାସଙ୍କୁ ପଚାରିବାରେ ସେ ଗଣମାଧ୍ୟମକୁ କୌଣସି ତଥ୍ୟ ଦେବାକୁ ବାଧ୍ୟ ନୁହେଁ ବୋଲି କହିଛନ୍ତି।

## ସଂକ୍ଷେପରେ

### ସମୁଦ୍ରରେ ଡଙ୍ଗାରୁ ଖସି ମତ୍ସ୍ୟଜୀବୀ ମୃତ

ପାରାଦୀପ,୧୫।୩ (ସ୍ୱ.ପ୍ର.) : ପାରାଦୀପ ଷଣ୍ଢକୁଦ ସୀମାରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଡଙ୍ଗାରୁ ଜଣେ ମତ୍ସ୍ୟଜୀବୀ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଷଣ୍ଢକୁଦ ବସ୍ତିର ଇରିପାଲୀ ଶ୍ରୀଲୁ (୨୮)। ସେ ଅନ୍ୟ ୫ ଜଣଙ୍କ ସହ ସମୁଦ୍ରରେ ମାଛ ଧରିବା ବେଳେ ଅସାବଧାନତା ଯୋଗୁ ଡଙ୍ଗାରୁ ଖସି ପଡିଥିଲେ। ତାଙ୍କୁ ସାଥୀ ମତ୍ସ୍ୟଜୀବୀମାନେ ଦୀର୍ଘ ସମୟ ପରେ ସମୁଦ୍ରରୁ ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ନିକଟରେ ଅଭିଯୋଗ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସରପଞ୍ଚଙ୍କୁ ମାଡ଼

ପଟ୍ଟାମୁଣ୍ଡାଇ,୧୫।୩(ସ୍ୱ.ପ୍ର.) ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଓ ତାଙ୍କ ବଡ଼ ଭାଇ ଦେବବ୍ରତ ଓଝାଙ୍କୁ ବୁଧବାର ଅପରାହ୍ନରେ କେତେଜଣ ବ୍ୟକ୍ତି ସଂଘବଧ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ସରପଞ୍ଚ ଓଝା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଦେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ବଳଭଦ୍ରପୁର ସରପଞ୍ଚ ଓ ତାଙ୍କ ଭାଇ ବ୍ୟବସାୟର ବାକି ପଇସା ଆଣିବା ପାଇଁ ଡାମରପୁର ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଡାମରପୁର ଗାଁର କେତେଜଣ ବ୍ୟକ୍ତି ତାଙ୍କୁ ମାଡ ମାରିବା ସହ ସଂଘବଧ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ପାଖରୁ ଥିବା ୧ ଲକ୍ଷ ୭୦ ହଜାରେ ଟଙ୍କା ଓ ସୁନା ଚେନ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଘଟଣାସ୍ଥଳକୁ ଯିବା ବେଳେ ସେମାନେ ପୋଲିସ ଉପରକୁ ଢେଲା ପଥର ମାଡ଼ କରିବା ସହ ଭ୍ୟାନର କାଚକୁ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହେବା ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଗ୍ରାମାଞ୍ଚଳ ଥାନା ପରିସରରେ ଧାରଣାରେ ବସିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଗ୍ରାମାଞ୍ଚଳ ଥାନାରେ ପହଞ୍ଚି ଆନ୍ଦୋଳନକାରୀ ସରପଞ୍ଚମାନଙ୍କ ସହ ଆଲୋଚନା କରି ଅଭିଯୁକ୍ତମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ପୋଲିସକୁ ତଦନ୍ତ କାର୍ଯ୍ୟରେ ବାଧା ଦେଇଥିବା ଓ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ଅନ୍ତର୍ଯ୍ୟାମୀ ବିଶ୍ୱାଳ କହିଛନ୍ତି।

# ୫-ଟି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି

ନାଉଗାଁ,୧୫।୩ (ସ୍ୱ.ପ୍ର.)




- ଏରେଡ଼ାରେ ୮ ଶ୍ରେଣୀକୁ ୩ ଶିକ୍ଷକ
- ବାଲି ମଝିପଡ଼ାରେ ୭ ଶ୍ରେଣୀକୁ ୨ ଶିକ୍ଷକ
- ପାଠପଢ଼ାରେ ସମସ୍ୟା

ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଦାରୀ ପଞ୍ଚାୟତରେ ରହିଛି ପଞ୍ଚାୟତିରାଜ ସରକାରୀ ଉଚ୍ଚ ବିଦ୍ୟାଳୟ ଏରେଡ଼ା। ଏହି ବିଦ୍ୟାଳୟଟିକୁ ସରସ, ସୁନ୍ଦର କରିବା ସହ ଅତ୍ୟାଧୁନିକ ଶୈଳୀରେ ଶ୍ରେଣୀ ଗୃହ ଓ ପାଠ ପଢା ଶୈଳୀକୁ ପରିବର୍ତ୍ତନ କରିବାକୁ ସରକାରଙ୍କର ୫-ଟି ବିଦ୍ୟାଳୟ ରୂପାନ୍ତିକରଣ କରାଯାଇଛି। ଏହି ଯୋଜନାରେ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଛି। ବିଦ୍ୟାଳୟକୁ ପିଲା ଆସୁଛନ୍ତି ସତ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠ ପଢାରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୮ ଜଣ ଛାତ୍ରୀଛାତ୍ର ରହିଛନ୍ତି। ୮ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟର ପରିୟଡ଼ ଅନୁସାରେ ୩ଟି ଶ୍ରେଣୀ ଗୃହରେ ପାଠ ପଢା ସମୟରେ ଅନ୍ୟ ୫ଟି ଶ୍ରେଣୀର ପିଲାଙ୍କର ପାଠ ପଢା ବନ୍ଦ ରହିଥାଏ। ଏପରି କି ପରୀକ୍ଷା ପୂର୍ବରୁ ଅଧିକାଂଶ ବିଷୟ ପଢାଇବା ସମ୍ଭବ ହୋଇ ନ ଥାଏ। କେବଳ ସେତିକି ନୁହେଁ ପ୍ରଧାନ ଶିକ୍ଷକ ବିଦ୍ୟାଳୟର କୌଣସି କାର୍ଯ୍ୟରେ ବ୍ଲକ କିମ୍ବା ଜିଲା କାର୍ଯ୍ୟାଳୟ ଗଲେ ବିଦ୍ୟାଳୟରେ ରୁହନ୍ତି ୨ ଜଣ ଶିକ୍ଷକ। ସେହିପରି ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଅନ୍ୟ ଶିକ୍ଷକମାନଙ୍କର କୌଣସି ଜରୁରୀ କାମ ପଡ଼ିଲେ ଛୁଟିରେ ରହିବା ମଧ୍ୟ କଷ୍ଟ ସାଧ୍ୟ ଅଟେ ବୋଲି ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ରାଉତ କହିଛନ୍ତି। ଆବଶ୍ୟକ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠ ପଢ଼ାରେ ଏକ ପ୍ରକାର ସମସ୍ୟା ଉପୁଜୁଛି। ଏ ବିଷୟରେ ବାରମ୍ବାର ଉଚ୍ଚ ପଦସ୍ଥ ଶିକ୍ଷାଅଧିକାରୀଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ସେହିପରି କୋରୁଆ ପଞ୍ଚାୟତରେ ରହିଛି ବାଲି- ମଝିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୬୦ ଜଣ ପିଲା ପଢୁଛନ୍ତି। ୭ଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନ ଶିକ୍ଷକଙ୍କ ସହ ଜଣେ ସହକାରୀ ଶିକ୍ଷକ ରହିଛନ୍ତି। ଶିକ୍ଷକ ନ ଥିବାରୁ ପିଲାମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ଏଥିସହ ବିଦ୍ୟାଳୟ କାର୍ଯ୍ୟରେ ମଧ୍ୟ ସମସ୍ୟା ଉପୁଜୁଥିବା ପ୍ରଧାନ ଶିକ୍ଷକ ବିଜ୍ଞାନ ଭୂଷଣ ପରିଡା କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ବେହେରାଙ୍କୁ ପଚାରିବାରେ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରୋସେସିଂ ଚାଲିଛି ବୋଲି ମତବ୍ୟକ୍ତ କରିଥିଲେ।

# ପାରାଦୀପରେ ପଣ୍ୟ କାରବାର ପ୍ରଭାବିତ



ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଅଠରବାଙ୍କୀ ଛକରେ ଡମ୍ଫରଗୁଡିକ ରହିଛି।

ପାରାଦୀପ,୧୫।୩(ସ୍ୱ.ପ୍ର.)

ସମଗ୍ର ରାଜ୍ୟରେ ବୁଧବାର ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହାର ପ୍ରଭାବରେ ପାରାଦୀପ ବନ୍ଦର ଓ ସ୍ଥାନୀୟ ଶିଳ୍ପ ସଂସ୍ଥାର ପଣ୍ୟ କାରବାର ବାଧାପ୍ରାପ୍ତ ହୋଇଛି। ସକାଳ ସମୟରେ ଲୁହାପଥର ବୋଝେଇ ଟ୍ରକ୍‌ଗୁଡିକ ପ୍ରାୟତଃ ବନ୍ଦ ରହିଥିଲା। ଅପରାହ୍ନରେ ୨୦୦ରୁ ୨୫୦ ଟ୍ରକ ବନ୍ଦର ମଧ୍ୟରେ ପ୍ରବେଶ କରିଛନ୍ତି। ସାଧାରଣତଃ ଦିନକୁ ୧୮ ଶହରୁ ୨ ହଜାର ଲୁହାପଥର ଟ୍ରକ ବନ୍ଦର ମଧ୍ୟରେ ପ୍ରବେଶ କରିଥାଏ ବୋଲି ଜଗନ୍ନାଥ ଟ୍ରକ ମାଲିକ ସଂଘର ସମ୍ପାଦକ ମାନସ ପାତ୍ର କହିଛନ୍ତି। ବନ୍ଦର ନିଷିଦ୍ଧାଞ୍ଚଳରେ ଆନ୍ତଃ ପରିବହନ ହାଇୱା ସ୍ୱାଭାବିକ ଚାଲିଛି ବୋଲି ଡମ୍ଫର ସଂଘ ସଭାପତି ବିଜୟ ନାୟକ କହିଛନ୍ତି। ସେହିପରି ଅନ୍ୟ ଶିଳ୍ପ ସଂସ୍ଥା ଉତ୍ପାଦନ ସ୍ୱାଭାବିକ ଥିବା ବେଳେ ପରିବହନ କିଛିକାଂଶରେ ବାଧାପ୍ରାପ୍ତ ହୋଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଘରୋଇ ବସ, ଅନ୍ୟ ଛୋଟ ଯାତ୍ରୀ ପରିବହନ ଗାଡି ବାଧାପ୍ରାପ୍ତ ହୋଇଛି। ସୂଚନାଯୋଗ୍ୟ ଡ୍ରାଇଭର ସଂଘ ପାରାଦୀପ ଶାଖା ପକ୍ଷରୁ ବଡ଼ପଡ଼ିଆ ଥାନା ଛକ, ଅଠରବାଙ୍କି, ଦୋଛକିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା ବୋଲି ସଂଘର ସଭାପତି ନିରଞ୍ଜନ ସାହୁ କହିଛନ୍ତି।

# ପଲିଥିନ୍ ବ୍ୟବହାର ବଢୁଛି, ପ୍ରଶାସନ ନୀରବ

ପଟ୍ଟାମୁଣ୍ଡାଇ,୧୫।୩(ସ୍ୱ.ପ୍ର.)

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ପଲିଥିନ୍ ଏବଂ ଥର୍ମୋକୁଲ ବ୍ୟବହାର ଦିନକୁଦିନ ବଢ଼ିବାରେ ଲାଗିଛି। ପଟ୍ଟାମୁଣ୍ଡାଇ ବଜାର ଡେଲି ମାର୍କେଟ, କଲେଜ ରୋଡ ଓ ରାଧାରମଣ ମଠ ନିକଟରେ ବ୍ୟବହାର କରାଯାଇଥିବା କୁଢ଼କୁଢ଼ ପଲିଥିନ ଗ୍ଲାସ ଓ ଥର୍ମୋକୁଲ ଥାଳି, ଗିନା ପଡିଛି। ବଜାରରେ ଏହା ଖୁଲମଖୁଲା ବିକ୍ରି ଓ ବ୍ୟବହାର ହେଉଛି। ହୋଟେଲ, ପାନ ଦୋକାନ, ଜଳଖିଆ ଦୋକାନ, ପନିପରିବା, ତେଜରାତି, ମାଛ, ମାଂସ ଦୋକାନରେ ପଲିଥିନ୍ ଓ ଥର୍ମୋକୁଲ ଥାଳି, ଗିନା ବ୍ୟବହାର କରାଯାଉଛି। ଖାଲୁଆ ଜାଗାରେ ପଲିଥିନ୍ ପଡ଼ିବା ସହ ଏଣେତେଣେ ଉଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସର୍ବସାଧାରଣ ରାସ୍ତାରେ ପଲିଥିନ ଜମି ରହିବାରୁ ସେଥିରୁ ଦୁର୍ଗନ୍ଧ ବାହାରୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୌର ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଦିନକୁଦିନ ପଲିଥିନ୍ ବେପାର ଜମୁଛି। ସକାଳୁ ପୌରସଂସ୍ଥାର ସ୍ୱଚ୍ଛ ସବାରି ଗାଡ଼ି ସାହି ଗଳିକନ୍ଦିରେ ବୁଲୁଥିବାବେଳେ ସେଥିରେ ଲାଗିଥିବା ଡ଼ାକବାଜି ଯନ୍ତ୍ରରେ ସ୍ୱଚ୍ଛତାକୁ ନେଇ ସଙ୍ଗୀତ ବାଜୁଛି। କିନ୍ତୁ ସହରର ବିଭିନ୍ନ ସ୍ଥାନରେ ଏବେ ପଲିଥିନ ଗ୍ଲାସ ଓ ଥର୍ମୋକୁଲ ଅଳିଆ ଆବର୍ଜନା ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା ଆଇନ ଧାରା ୧୫ ଓ ୧୬/୧୯୮୬ ଅନୁଯାୟୀ ୨୦ ମାଇକ୍ରୋନରୁ କମ୍ ପଲିଥିନ୍ ଆମଦାନୀ, ଗଚ୍ଛିତ ଓ ବିକ୍ରୟ ଅପରାଧ ହୋଇଥିବା ବେଳେ ପ୍ରଦୂଷଣମୁକ୍ତ କରିବାକୁ ପଲିଥିନ ବ୍ୟବହାର ନିଷେଧ ହୋଇଛି। ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପଲିଥିନମୁକ୍ତ ଓ ସଚେତନତା ସୃଷ୍ଟି କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କୁ ପଚାରିବାରୁ ପୌର ପରିଷଦ ପକ୍ଷରୁ ସମସ୍ତ ଦୋକାନୀ ଓ ହୋଲସେଲରମାନଙ୍କୁ ନୋଟିସ୍ କରାଯାଇଛି। ଯଦି ନିର୍ଦ୍ଦେଶକୁ କେହି ଅବମାନନା କରନ୍ତି, ତେବେ ଆସନ୍ତା ମାସରେ ସେମାନଙ୍କୁ ଜରିମାନା କରାଯିବ ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପଲିଥିନ ପଡ଼ି ରହିଛି।

# ଷ୍ଟିୟରିଂ ଛାଡ଼ି ଡ୍ରାଇଭର ରାସ୍ତାରେ

ଜଗତ୍‌ସିଂହପୁର ଅଫିସ, ୧୫।୩

୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟ ସହ ଷ୍ଟିୟରିଂ ଛାଡି ରାସ୍ତାରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସକାଳୁ ଜିଲା ମୁଖ୍ୟାଳୟ ବସ୍ ଷ୍ଟପ ନିକଟରେ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ସ୍ଲୋଗାନ ଦେବା ସହ ଧାରଣାରେ ବସିଥିଲେ। ଏଥିଯୋଗୁ ସହରରେ ବସ୍, ଟ୍ରକ୍ ଆଦି ଭାରିଯାନ ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଜରୁରୀ ସେବାରେ ଥିବା ଆମ୍ବୁଲାନ୍ସ, କ୍ଷୀର ଗାଡ଼ି, ପୋଲିସ, ଅଗ୍ନିଶମ ବାହିନୀର ଗାଡିଗୁଡ଼ିକ ସ୍ୱାଭାବିକ ଭାବେ ଚାଲିଥିଲା। ଏ ସମ୍ପର୍କରେ ଓଡ଼ିଶା ମୋଟର ଚାଳକ ମହାସଂଘର ଜିଲା ସଭାପତି ଅରୁଣ ମହାନ୍ତି ଓ ଜଗତ୍‌ସିଂହପୁର ସଦର ବ୍ଲକ ଉପସଭାପତି ଦେବାଶିଷ ବଡ଼ିଆ ପ୍ରମୁଖ କହିଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘ, ମୋଟର ଚାଳକ ସଂଘ, ଅଲ୍ ଓଡ଼ିଶା ପରିବହନ ସଂଘ ଓ ଜଗତ୍‌ସିଂହପୁରର ନାଇଟ କ୍ୟାପ ହେଲ୍ପ ଗ୍ରୁପକୁ ମିଶାଇ ମୋଟ ୬ଟି ସଙ୍ଗଠନ ପକ୍ଷରୁ ମିଳିତ ମହାମଞ୍ଚ ଗଠନ କରାଯାଇଛି। ରାଜ୍ୟରେ ୫ ଲକ୍ଷ ୭୦ ହଜାର ଡ୍ରାଇଭର କାମ କରୁଛନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁଠି ଡ୍ରାଇଭରଙ୍କ ଆବଶ୍ୟକତା ପଡୁଛି। କିନ୍ତୁ ଡ୍ରାଇଭରମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ତେଣୁ ମହାମଞ୍ଚ ପକ୍ଷରୁ ୧୦ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ କରାଯାଉଛି। ଏହି ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଦୁର୍ଘଟଣାରେ ମୃତକଙ୍କୁ ୨୦ ଲକ୍ଷ, ପଙ୍ଗୁ ହେଲେ ୧୦ ଲକ୍ଷ, ମେଡ଼ିକାଲରେ ଭର୍ତ୍ତି ହେଲେ ଚିକିତ୍ସା ଆଦି ଖର୍ଚ୍ଚ ବାବଦରେ ୫ ଲକ୍ଷ ଟଙ୍କା ଦିଆଯାଉ। ଡ୍ରାଇଭରମାନଙ୍କୁ ସଙ୍ଗଠିତ ସହ ପଞ୍ଜୀକୃତ ଓ ୬୦ ବର୍ଷ ବୟସ ହୋଇଗଲେ ପେନସନ୍ ଲାଗୁ କରାଯାଉ। ସେହିପରି ଡ୍ରାଇଭରଙ୍କ ବିଶ୍ରାମ ଓ ଅନ୍ୟ ସୁବିଧା ପାଇଁ ୧୦୦ କିଲୋମିଟର ଅନ୍ତରରେ ଶୌଚାଳୟ, ମେଡିକାଲ ଓ ଅନ୍ୟାନ୍ୟ ସୁବିଧା ଯୋଗାଯାଉ। ଏସବୁ ଦାବି ପୂରଣ ପାଇଁ ରାଜଧାନୀରେ ଆନ୍ଦୋଳନ କରାଯାଇଥିଲା। ରାଜ୍ୟ ସରକାର ୨୦୨୨ ଡିସେମ୍ବର ସୁଦ୍ଧା ନିଷ୍ପତ୍ତି ନେବେ ବୋଲି କହିଥିଲେ। କିନ୍ତୁ କିଛି ହେଲାନି। ତେଣୁ ବାଧ୍ୟ ହୋଇ ଡ୍ରାଇଭରମାନେ ଷ୍ଟିୟରିଂ ଛାଡି ରାଜରାସ୍ତାକୁ ଆସିଛନ୍ତି। ଦାବି ପୂରଣ ନ ହେଲେ ସରକାର କ୍ଷତିରେ ପଡିବେ ବୋଲି ମହାସଂଘ ନେତାମାନେ ଚେତାବନୀ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲାର ୮ ବ୍ଲକରେ ଡ୍ରାଇଭରମାନେ ଆନ୍ଦୋଳନ କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ୧୦ମ, ଦ୍ୱାଦଶ ଓ ଯୁକ୍ତ ୩ ପରୀକ୍ଷା ଥିବାବେଳେ ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ଯାତାୟାତ ନିମନ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। ଯଦି ରାତି ସୁଦ୍ଧା ସରକାର ସମସ୍ୟାର ସମାଧାନ ନ କରନ୍ତି ଗୁରୁବାର ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧାର ସମ୍ମୁଖିନ ହୋଇପାରନ୍ତି ବୋଲି କେତେଜଣ ଅଭିଭାବକ କହିଛନ୍ତି।


ଏରସମାରେ ଡ୍ରାଇଭରମାନେ ଆନ୍ଦୋନରେ ସାମିଲ ହୋଇଛନ୍ତି।

**୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ**

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

ଲଙ୍ଗଳେଶ୍ୱର,୧୫।୩ (ଡି.ଏନ.ଏ.)

ମାସ ମାସ ଧରି ଭତ୍ତା ପାଇ ନ ଥିବା ହିତାଧିକାରୀ ବୁଧବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତରେ ତାଲା ପକାଇ ଥିଲେ। ବହୁ ହିତାଧିକାରୀ ଦୀର୍ଘ ୩ ମାସ ହେଲା ଭତ୍ତା ନ ପାଇବା, ବାରମ୍ବାର ବ୍ୟାଙ୍କ ଏବଂ ଆଧାର କପିର ନକଲ ମାଗିବା, ଜାନୁୟାରୀରେ ଇନ୍ଦିରା ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଭତ୍ତା ନ ମିଳିବା, ଶଯ୍ୟାଶାୟୀ ହିତାଧିକାରୀଙ୍କୁ ବ୍ୟାଙ୍କରେ ଭତ୍ତା ଦେବା, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଙ୍କ ମାଧ୍ୟମରେ ଭତ୍ତାର ପରିମାଣ କମାଇ ୫୦୦ ଟଙ୍କା ଦେବା ଆଦି ହିତାଧିକାରୀଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ବୈକୁଣ୍ଠ ମୈକାପ, ସୁଗନ୍ଧା ମଲ୍ଲିକ, ନିୟତି ସିଂ, ଅତୁଳ ମୈକାପ, ଗେହ୍ଲାମଣି ପାତ୍ର, ପୂର୍ଣଚନ୍ଦ୍ର ଗିର ପ୍ରମୁଖ ହିତାଧିକାରୀ ଭତ୍ତା ନ ପାଇବା ଯୋଗୁ ପରିବାର ଚଳାଇବା, ଔଷଧ କିଣିବା ଭଳି ଅସୁବିଧା ହେଉଛି ବୋଲି କହିଥିଲେ। ଏଥିପାଇଁ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ସେମାନେ ଦାୟୀ କରିଥିଲେ। ହିତାଧିକାରୀ ବାଧ୍ୟ ହୋଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଫିସରେ ତାଲା ପକାଇ ବାଲିଆପାଳ ବିଡିଓଙ୍କୁ ଆସିବାକୁ ଫୋନ ଯକରିଥିଲେ। ମାତ୍ର ବିଡିଓ ଘଟଣାସ୍ଥଳକୁ ଆସି ନ ଥିଲେ। ପରେ ସରପଞ୍ଚ ଏବଂ ସମିତି ସଭ୍ୟାଙ୍କ ପ୍ରତିନିଧି ଆସି ହିତାଧିକାରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଧାନ କ୍ରୟ ନେଇ ରେଢୁଆ ସମିତି ସମ୍ମୁଖରେ ବିକ୍ଷୋଭ

ରଘୁନାଥପୁର,୧୫।୩(ଡି.ଏନ.ଏ.)


ଧାନ ବିକ୍ରି ପାଇଁ ସମିତି ସମ୍ମୁଖରେ ଚାଷୀମାନେ ।

- ୨୭ ଟୋକନ ଲାପ୍‌ସ, ଆଶଙ୍କାରେ ୧୨୧ ଚାଷୀ
- ୪ ହଜାର କୁଇଣ୍ଟାଲ ଟାର୍ଗେଟ ପାଇଁ ଦାବି

ରଘୁନାଥପୁର ବ୍ଲକ ରେଢୁଆ କୃଷି ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ଧାନମଣ୍ଡିରେ ଧାନ କ୍ରୟ ପାଇଁ ଅନିଶ୍ଚିତତା ଦେଖାଦେଇଛି। ଫଳରେ ଧାନ ବିକ୍ରୟ ପାଇଁ ପୂର୍ବରୁ ଅନ୍‌ଲାଇନରେ ପଞ୍ଜୀକୃତ ଥିବା ଚାଷୀମାନେ ବୁଧବାର ସମିତି କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିପାଇଁ ସମିତି ସମ୍ପାଦକଙ୍କୁ ସେମାନେ ଦାୟି କରିଛନ୍ତି। ଧାନକ୍ରୟ ପାଇଁ ଅନ୍‌ଲାଇନ ପଞ୍ଜୀକୃତରେ ଅନିୟମିତତା ଓ ଧାନକ୍ରୟରେ ଚଞ୍ଚକତା ଯୋଗୁ ରେଢୁଆ ଅଞ୍ଚଳର ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରୟରୁ ବଞ୍ଚିତ ହେଉଛନ୍ତି ବୋଲି ରବୀନ୍ଦ୍ରନାଥ ବେହେରା ଓ ପ୍ରମୋଦ କୁମାର ନାୟକ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସମିତି ସଭାପତି ପ୍ରଦୀପ୍ତ ମହାନ୍ତି ସମ୍ପାଦକଙ୍କୁ ସ୍ପଷ୍ଟୀକରଣ ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ଏହାଛଡା ଗତ ୧୪ ତାରିଖରେ ଟୋକନ ଲାପସ ହୋଇଥିବା ୨୭ ଚାଷୀଙ୍କ ସହ ଆଗକୁ ଧାନ ଦେବାପାଇଁ ଅନ୍‌ଲାଇନରେ ଥିବା ମୋଟ ୧୨୧ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ଦାବି କରି ଚାଷୀମାନେ କାର୍ଯ୍ୟାଳୟରେ ହୋହାଲ୍ଲା କରିଥିଲେ। ସମିତି କର୍ମଚାରୀମାନେ ଚାଷୀଙ୍କ ନାମ ପଞ୍ଜୀକରଣ ସମୟରେ ବାହାର ଚାଷୀଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କ ଜରିଆରେ ମାଲାମାଲ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସଭାପତି ମହାନ୍ତି, ବୋର୍ଡ ଡାଇରେକ୍ଟର ଗୋବିନ୍ଦ ଚନ୍ଦ୍ର ବାରିକ, ନବକିଶୋର ନାୟକ, ଅମରେନ୍ଦ୍ର ମିଶ୍ର, ରାଜେନ୍ଦ୍ର ନାରାୟଣ ମହାପାତ୍ର, ରବୀନ୍ଦ୍ର ମଲ୍ଲିକ, ବିଜନ ମହାପାତ୍ର, ଧାନକ୍ରୟ କମିଟି ସଦସ୍ୟ ପ୍ରିୟରଞ୍ଜନ ମହାପାତ୍ର, ବିନୋଦ କୁମାର ନାୟକ, ପୂର୍ବତନ ସମିତି ସଭାପତି ବିଜୟ କୁମାର ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ତପନ ମଲ୍ଲିକ କାର୍ଯ୍ୟାଳୟରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଏ ସମ୍ପର୍କରେ ତଥ୍ୟ ରଖିବାକୁ କହିଥିଲେ।

ସମ୍ପାଦକଙ୍କ ଅନୁପସ୍ଥିତରେ ସହସମ୍ପାଦକ ପ୍ରକାଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୋଟ ୩୬୦ ଚାଷୀଙ୍କ ୧୪ ହଜାର ୬ ଶହ କୁଇଣ୍ଟାଲ ଧାନ ବିକ୍ରୟ କରାଯାଇଛି। ଆଉ ୪ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦିଆଗଲେ ସମସ୍ତ ଚାଷୀ ଧାନ ଦେଇପାରିବେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଚାଷୀମାନେ ମଙ୍ଗଳବାର ସିଏସ୍‌ଓ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖରା କାକରରେ କେତେଜଣ ଚାଷୀ ଧାନ ମଣ୍ଡିରେ ପଡ଼ିଛନ୍ତି। ଯଦି ସମସ୍ତ ଚାଷୀଙ୍କ ଧାନ କ୍ରୟ କରା ନ ଯାଏ ତାହା ହେଲେ ଆଗାମୀଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।

# ଖାଉଟି ସଚେତନ ହେଲେ ଠକାମିରୁ ରକ୍ଷା ପାଇବେ

ତିର୍ତ୍ତୋଲ, ୧୫।୩ (ଡି.ଏନ.ଏ.)

**ଜିଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଦିବସ**

ଉପଭୋକ୍ତା ଓ ଖାଉଟି ସଚେତନ ହେଲେ ଠକାମିରୁ ରକ୍ଷା ପାଇପାରିବେ। ଏବେ ବି ଉପଭୋକ୍ତା ଓ ଖାଉଟି ସଚେତନ ଅଭାବରୁ ଠକାମିରେ ପଡୁଛନ୍ତି। ଏଥିଲାଗି ସଚେତନତା ଏକମାତ୍ର ମାଧ୍ୟମ ବୋଲି ବକ୍ତାମାନେ ବିଶ୍ୱ ଉପଭୋକ୍ତା ଦିବସରେ ମତବ୍ୟକ୍ତ କରିଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ମୁନିଗୋସାଇଁ ମଠ ଆଦିକବି ଭବନ ପରିସରରେ ବୁଧବାର ବିଶ୍ୱ ଉପଭୋକ୍ତା ଦିବସ ପାଳିତ ହୋଇଥିଲା। ଏଥିରେ ବହୁ ବକ୍ତା ସେମାନଙ୍କ ବକ୍ତବ୍ୟରେ ଉପରୋକ୍ତ ମତ ପୋଷଣ କରିଥିଲେ। ଏଥିରେ ଅଖିଳ ଭାରତୀୟ ଖାଉଟି କଲ୍ୟାଣ ପରିଷଦର ରାଜ୍ୟ ମହିଳା ସଙ୍ଗଠନ ସଭାପତି ତଥା ଆଞ୍ଚଳିକ ଖାଉଟି ସୁରକ୍ଷା ମଞ୍ଚର ସମ୍ପାଦିକା ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଏହି ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଜଗତ୍‌ସିଂହପୁର ଜିଲା କଞ୍ଜୁମର ଫୋରମ ସଭାପତି ପ୍ରଭାତ କୁମାର ପାଢ଼ୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା କଞ୍ଜୁମର କୋର୍ଟର ସଭ୍ୟା ମଧୁସ୍ମିତା ସ୍ୱାଇଁ ଯୋଗଦେଇ ଉପଭୋକ୍ତାଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କିତ ବାର୍ତ୍ତା ରଖିଥିଲେ।

୨୦୧୯ କଞ୍ଜୁମର ପ୍ରୋଟେକ୍ସନ ନିୟମଗୁଡିକ ବ୍ୟାଖ୍ୟା କରାଯାଇଥିଲା। ଉକ୍ତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ଓ ଓଡ଼ିଶା ରାଜ୍ୟ ସମ୍ପାଦକ ଡ. ସୁନାକର ବେହେରା ସଭା ସଞ୍ଚାଳନ କରିଥିଲେ। ଉପଭୋକ୍ତା କର୍ମୀ ତଥା ବ୍ଲକ ଆମ୍ବା ଅଧକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସାମାଜିକ କର୍ମୀ, ଖବରଦାତା ଏବଂ ବହୁ ଉପଭୋକ୍ତା ସାମିଲ ହୋଇଥିଲେ। ଆମେ ସମସ୍ତେ ଜଣେ ଜଣେ ଉପଭୋକ୍ତା ହୋଇଥିବାରୁ ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ଆଇନକୁ ସରଳ ଭାବେ ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚା ଯିବା ଦରକାର। ଉପଭୋକ୍ତା ସୁରକ୍ଷା ରାଜ୍ୟ ସଙ୍ଗଠନର ସଙ୍ଗଠକ ସ୍ୱର୍ଗତ ବୈଂଶୀଧର ଆଚାର୍ଯ୍ୟ ଦେଖିଥିବା ଉପଭୋକ୍ତାମାନଙ୍କ ସ୍ୱପ୍ନକୁ କିପରି ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରିବ ସେଥି ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଜଗତ୍‌ସିଂହପୁର ଜିଲାର ପୂର୍ବତନ ଡେପୁଟି ଜିଲାପାଳ ସୁରେଶ କୁମାର ମହାନ୍ତି ପରାମର୍ଶ ଦେଇଥିଲେ। ସଭାରେ ଉପଭୋକ୍ତା ସ୍ୱରର ଖବରଦାତା ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ସଭ୍ୟ ଶୁଭଙ୍କର ଜେନା, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝଙ୍କଡ଼ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଗୋଲଖ ବିହାରୀ ପଲାଇ, ପ୍ରେମାନନ୍ଦ ମିଶ୍ର, ଯାମିନୀକାନ୍ତ ନନ୍ଦ, ମନୋଜ କୁମାର ପ୍ରଧାନ, ବ୍ୟାସ ଫାଉଣ୍ଡେଶନ ଉପସଭାପତି ରଶ୍ମିତା ନାୟକ, ଝୁଲାରାମ ଦାସ, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ କୋଷାଧ୍ୟକ୍ଷ ଯଶୋବନ୍ତ ରାଉତ ଧନ୍ୟବାଦ ଦେଇଥିଲେ।


ଉପଭୋକ୍ତା ଦିବସରେ ଅନୁଷ୍ଠିତ ସଭାରେ ଅତିଥିମାନେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଲେକ ଭିୟୁ ପାର୍କ, ବୋଟିଂ


ତାମ୍ପରା ଲେକ ଭିୟୁ ପାର୍କ


ବୋଟିଂ

## ବିଶ୍ୱବିଦିତ ହୋଇଛି ହୁମୁରୀ ତାମ୍ପରା ହ୍ରଦ

ଛତ୍ରପୁର, ୧୫।୩(ଡି.ଏନ୍.ଏ): ଗଞ୍ଜାମ ଜିଲା ଛତ୍ରପୁର ନିକଟ ହୁମୁରୀ ତାମ୍ପରା ହ୍ରଦ ବିଶ୍ୱବିଦିତ ହୋଇଛି। ରାମସାରର ଅର୍ନ୍ତଜାତୀୟ ୱେଟଲ୍ୟାଣ୍ଡ (ଆର୍ଦ୍ରଭୂମି) ସାଇଟ୍‌ର ମାନ୍ୟତା ତାମ୍ପରା ହ୍ରଦକୁ ମିଳିଛି। ଏଥିଲାଗି ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ଥିବା ତାମ୍ପରା ଲେକ ଭିୟୁ ପାର୍କ ଏବଂ ତାମ୍ପରା ହ୍ରଦର ପ୍ରାକୃତିକ ଓ ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ତଥା ସୁବିସ୍ତିର୍ଣ୍ଣ ଜଳରାଶିର ଭଣ୍ଡାର ହୁମୁରୀ ତାମ୍ପରା ହ୍ରଦ। ଜାତୀୟ ରାଜପଥ ଠାରୁ ଅତି ନିକଟରେ ରହିଛି ଏହି ହ୍ରଦ୍। ଗୋଟିଏ ପାର୍ଶ୍ୱରେ ରହିଛି ଜାତୀୟ ରାଜପଥ ଏବଂ ଅନ୍ୟପାର୍ଶ୍ୱରେ ଝାଉଁବଣ ଓ କାଜୁ ଜଙ୍ଗଲ ଏବଂ ତା'ପରେ ବିସ୍ତିର୍ଣ୍ଣ ସମୁଦ୍ର ବେଳାଭୂମି। ତାମ୍ପରା ହ୍ରଦ ମଧ୍ୟରେ ରହିଛି ୭.୫ କିମି ବ୍ୟାପ୍ତ ବିସ୍ତିର୍ଣ୍ଣ ଜଳରାଶି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ତାମ୍ପରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଛି। ଏଠାରେ ରହିଛି ବୋଟିଂ କ୍ଲବ । ୱାଟର ସ୍ପୋର୍ଟସ, ଜେଟି ଆଦି ବିଭିନ୍ନ ପ୍ରକାରର ବୋଟିଂର ମଜା ନେଉଛନ୍ତି ପର୍ଯ୍ୟଟକ। ରାଜ୍ୟ ବାହାରୁ ଏବଂ ଜିଲା ବାହାରୁ ଏଠାକୁ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପର୍ଯ୍ୟଟକଙ୍କ ବୋଟିଂ ବେଳେ ଯେପରି କୌଣସି କ୍ଷତି ହେବନାହିଁ ସେଥିଲାଗି ଲାଇଫ ଜ୍ୟାକେଟ ବିନା ବୋଟିଂକୁ କାହାରିକୁ ଛଡ଼ା ଯାଉନାହିଁ । ଏଠାକୁ ଯେପରି ଅଧିକରୁ ଅଧିକ ପର୍ଯ୍ୟଟକ ଆସି ଏହି ତାମ୍ପର ହ୍ରଦରେ ବୋଟିଂ ଓ ପିକନିକ୍‌ର ମଜା ନେଇପାରିବେ ତାର ଉତ୍ତମ ବ୍ୟବସ୍ଥା ହୋଇଛି । ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ସେଠାରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ସହ ପୋଲିସ ଓ ଘରୋଇ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ପିଲାମାନଙ୍କ ପାଇଁ ଗେମ୍ ଜୋନ୍ ବ୍ୟବସ୍ଥା ଥିବାବେଳେ କାଫେ ରହିଛି । ପାନୀୟ ଜଳ ଠାରୁ ଆରମ୍ଭ କରି ଟଏଲେଟ୍‌ର ବ୍ୟବସ୍ଥା ହୋଇଛି । ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ବହୁ ଘରୋଇ ରିସୋର୍ଟ, ହୋଟେଲ ଓ ଅତ୍ୟାଧୁନିକ କାଫେ ସୁବିଧା ମଧ୍ୟ ରହିଛି । ତାମ୍ପରା ହ୍ରଦ ଓ ତାର ଚତୁଃପାର୍ଶ୍ୱ କିଭଳି ସଫା ରହିବ ସେ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଆସୁଛି । ପ୍ଲାଷ୍ଟିକ୍ ଫ୍ରି ଉପରେ ଧ୍ୟାନ ଦିଆଯାଉଛି ।

# ତ୍ରାହି ଅଚ୍ୟୁତ ଜମି କେଳେଙ୍କାରୀ ମାମଲା
# କେସ୍ ଡାଏରୀ ମଗାଇବା ଆବେଦନ ଖାରଜ

ଛତ୍ରପୁର,୧୫।୩(ଡି.ଏନ୍.ଏ.): ତ୍ରାହି ଅଚ୍ୟୁତ ଜମି କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିଛି। ୨୦୨୧ ଡିସେମ୍ବର ୧୮ ତାରିଖରେ ତ୍ରାହି ଅଚ୍ୟୁତ ଜମି କେଳେଙ୍କାରୀ ମାମଲାର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ରନାଥ ମିଶ୍ର ଓରଫ ସୁର ବାବାଙ୍କ ମୃତ୍ୟୁ ପରେ ଉଚ୍ଚ ନ୍ୟାୟାଳୟ କ୍ରିମିନାଲ ମିସ୍ କେସ ନମ୍ବର ୩୦୬୮/ ୨୦୧୯ ଅନୁଯାୟୀ ଉକ୍ତ ମାମଲାରେ ଛତ୍ରପୁର ଏସଡିଜେଏମ କୋର୍ଟ ନେଇଥିବା କଗ୍ନିଜାନ୍ସ ଓ ତତ୍ ସମ୍ବନ୍ଧୀୟ ସମସ୍ତ କେସ୍‌କୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ମାମଲାରେ ସୁର ବାବା ଓ ତାଙ୍କ ପରିବାରବର୍ଗଙ୍କ ନିକଟରୁ ଛତ୍ରପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ଦ୍ୱାରା ଜବତ ହୋଇଥିବା ଅଚଳାଚଳ ସମ୍ପତ୍ତି, ସୁନାଗହଣା, ଜମି, ଅଚ୍ୟୁତାନନ୍ଦଙ୍କ ପୋଥି କାହା ହେପାଜତରେ ଦିଆହେବ ସେ ନେଇ ପ୍ରଶ୍ନ ଉଠିଥିଲା । ପରେ ସୁରବାବାଙ୍କ ପକ୍ଷରୁ ଲଢୁଥିବା ଓକିଲ ଶିବରାମ ରେଡ୍ଡୀ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଯାହାଠାରୁ ଯାହା ଜବତ କରାଯାଇଛି ସେହି ସମ୍ପତ୍ତି ତାକୁ ଦିଆଯାଉ। ଏହି କ୍ରମରେ ସେ କେସ୍ ନମ୍ବର ଜି.ଆର. ୨୫୮/୨୦୧୫ର କେସ୍ ଡାଏରୀ ମଗେଇବାକୁ କୋର୍ଟକୁ ପ୍ରାର୍ଥନା କରିବା ସହ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। କିନ୍ତୁ ଏଥିରେ କ୍ରାଇମବ୍ରାଞ୍ଚ ତରଫରୁ ଲଢୁଥିବା ସରକାରୀ ଓକିଲ ରାଜେଶ କୁମାର ମିଶ୍ର ଏହାକୁ ଦୃଢ଼ ବିରୋଧ କରିଥିଲେ । ବର୍ତ୍ତମାନ ମାମଲାଟି ଉଚ୍ଚ ନ୍ୟାୟାଳୟରେ ଖାରଜ ହୋଇଯାଇଛି ଓ ଏବେର ପିଟିସନ ଯାହାକି କେସ ଡାଏରୀ ମଗେଇବାକୁ ନେଇ ରହିଛି, ତାହା ଆଇନ ଅନୁଯାୟୀ ସଠିକ ନୁହେଁ। ଏହି ମାମଲାରେ ମଧ୍ୟ ବହୁ ବର୍ଷ ପୂର୍ବରୁ ଚାର୍ଜସିଟ ଦିଆଯିବା ସମୟରେ ମୁଦଲାଙ୍କୁ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ପ୍ରଦାନ କରାଯାଇଛି। ତେଣୁ ବର୍ତ୍ତମାନ ଆଉ କେସ ଡାଏରୀ ମଗାଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଶ୍ରୀ ମିଶ୍ର ଶକ୍ତି ସିଂହ ବନାମ ଓଡ଼ିଶା ସରକାର ମାମଲାରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ନିଷ୍ପତ୍ତିକୁ ପାଳନ କରିବାକୁ ନ୍ୟାୟାଳୟକୁ ପ୍ରାର୍ଥନା କରି କହିଥିଲେ ଯେ, କେସ ଡାଏରୀ ଦେଖିପାରିବାର ଅଧିକାର ମୁଦଲାମାନଙ୍କର ନାହିଁ। ତେଣୁ ଏହି ପିଟିସନ ଖାରଜ କରାଯାଉ ବୋଲି ସେ ନ୍ୟାୟାଳୟକୁ ପ୍ରାର୍ଥନା କରିଥିଲେ। ଏହି ସଂକ୍ରାନ୍ତରେ ବୁଧବାର ଛତ୍ରପୁରର ଏସଡ଼ିଜେଏମ ସୌମ୍ୟା ପ୍ରଧାନ ଉକ୍ତ ମାମଲାର ବିଚାର କରି କହିଥିଲେ ଯେ, କେସ ଡାଏରୀ ଦେଖିବାର ଅଧିକାର କେବଳ ପୋଲିସ ଓ ତଦନ୍ତକାରୀ ସଂସ୍ଥାର ରହିଛି। ଯେଉଁଠି ଅଦାଲତରେ ତଦନ୍ତ ଉପରେ କିଛି ଜାଣିବାର ଥିବ, ସେଠାରେ ସେମାନେ କେସ ଡାଏରୀକୁ ଦେଖିପାରିବେ। କିନ୍ତୁ ବର୍ତ୍ତମାନ ଯେହେତୁ ମାମଲା ଉଚ୍ଚ ନ୍ୟାୟାଳୟରେ ଖାରଜ ହୋଇସାରିଛି ତଥା ଏହି ମାମଲାର ଚାର୍ଜସିଟ ବହୁ ପୂର୍ବରୁ ଦିଆସରିଛି ; ତେଣୁ ଏହି ପରିପ୍ରେକ୍ଷୀରେ ଏବେ ଆଉ ଥରେ କ୍ରାଇମବ୍ରାଞ୍ଚ ଠାରୁ କେସ ଡାଏରୀ ମଗେଇବା ଆଇନ ବିରୋଧୀ ହେବ। ତେଣୁ ସୁର ବାବାଙ୍କ ତରଫରୁ ପଡିଥିବା ପିଟିଶନ ଖାରଜ କରିଦିଆଗଲା। ପ୍ରାପ୍ତ ସୂଚନା ମୁତାବକ ବର୍ତ୍ତମାନ ସୁରବାବାଙ୍କ ନିକଟରୁ ଜବତ ସମ୍ପତ୍ତି ଛତ୍ରପୁର କୋର୍ଟ ଅଧୀନରେ ରହିଛି।

# ଗଞ୍ଜାମ, ଗଜପତି ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ଡ୍ରାଇଭର ମହାସଂଘ ପକ୍ଷରୁ ଧର୍ମଘଟ


ବାଲିଗୁଡା



ବେଗୁନିଆପଡା


ପୋଲସରା


ଆର. ଉଦୟଗିରି


ପାରଳାଖେମୁଣ୍ଡିରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିବାରୁ ଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ।


ଚିକିଟି



ଜଗନ୍ନାଥପ୍ରସାଦ


ହିଞ୍ଜିଳିକାଟୁ


ପାତ୍ରପୁର


ଫୁଲବାଣୀ


ବୁଗୁଡା

## ସଂକ୍ଷେପରେ

### ୬ ବଖରା ସହ ତେଜରାତି ଦୋକାନ ଜଳିଗଲା



ରାଜନଗର,୧୫।୩(ଡି.ଏନ.ଏ.):ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୬ବଖରା ଘର ସହିତ ଗୋଟିଏ ତେଜରାତି ଦୋକାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ରାତି ପ୍ରାୟ ସାଢେ ୧୧ଟା ସମୟରେ ଏହି ଗାଁର ଉଷାରାଣୀ ରାଉଳ ଓ କାମଦେବ ରାଉଳଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। କେହି କିଛି ବୁଝିବା ପୂର୍ବରୁ ନିଆଁ ସମ୍ପୂର୍ଣ୍ଣ ଘରକୁ କବଳିତ କରି ସାରିଥିଲା। ପରିବାର ଲୋକେ ନିଦରୁ ଉଠି ନିଜ ଜୀବନ ବଞ୍ଚାଇବା ପାଇଁ ପଦାକୁ ଚାଲି ଆସିଥିଲେ। ମାତ୍ର ତାଙ୍କର ଘର ସହିତ ସମସ୍ତ ଆସବାସପତ୍ର, ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ନିଆଁର ଗତି ଏତେ ଭୟଙ୍କର ଥିଲା ଯେ ଦୁଇଟି ଘର ନିକଟରେ ଥିବା ଅଞ୍ଜନ କୁମାର ରାଉଳଙ୍କ ତେଜରାତି ଦୋକାନ ମଧ୍ୟ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଗାଁ ଲୋକେ ଉଠିଥିଲେ ମଧ୍ୟ ନିଆଁକୁ ଆୟତ କରି ପାରି ନ ଥିଲେ। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବୁଧବାର ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୩ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି ଓ ଅନ୍ୟାନ୍ୟ ସରକାରୀ ସହାୟତା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଚାଉଳ ଓ ୩ ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି।

### ଦିନ ଦ୍ୱିପ୍ରହରରେ ଘରେ ପଶି ଲୁଟିଲେ ଦୁର୍ବୃତ୍ତ

ବ୍ରହ୍ମବରଦା,୧୫।୩(ଡି.ଏନ.ଏ.): ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ବ୍ୟାଙ୍କ ଛକସ୍ଥିତ ଏସ୍‌ଏସ୍ ପ୍ୟାଲେସ ନିକଟରୁ ମଙ୍ଗଳବାର ଦ୍ୱିପ୍ରହରରେ ଲୁଟ୍ ହୋଇଛି। ବ୍ୟାଙ୍କ ଛକସ୍ଥିତ ସେକ୍ ଇସ୍ତିୟାକ ହୋସେନଙ୍କ ଘର ଗ୍ରିଲ୍ ତାଡ଼ି କେତେଜଣ ଦୁର୍ବୃତ୍ତ ଘରେ କଳାକନା ବୁଲାଇଛନ୍ତି। ସେମାନେ ଘରେ ପଶି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହିତ ୧୦ଭରି ସୁନା ଓ ରୁପା ଗହଣା ଚୋରି କରି ନେଇଛନ୍ତି। ଏନେଇ ସେକ୍ ଇସ୍ତିୟାକ ହୋସେନଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଥାନା ଅଧିକାରୀ ଏସ୍ ଦାଶରଥି ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବୁଧବାର ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। ମଙ୍ଗଳବାର ସକାଳେ ସେକ୍ ଇସ୍ତିୟାକ ହୋସେନଙ୍କ ପରିବାର କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇ ରାତି ୮ଟାରେ ଫେରିଥିଲେ। ସେମାନେ ଘରେ ପହଞ୍ଚି ଦେଖିଲେ ଯେ ଘରର ସମସ୍ତ କବାଟ ଖୋଲା ରହିଛି। ଭିତରକୁ ଯାଇ ଦେଖନ୍ତି ତ ଦୁର୍ବୃତ୍ତ ବେଡ୍‌ରୁମରେ ପଶି ଗଡ୍ରେଜ୍ ଭାଙ୍ଗି ଟଙ୍କା ସହିତ ସୁନା ଓ ରୁପା ଗହଣା ଚୋରି କରିଛନ୍ତି। ଏନେଇ ଥାନାରେ ନଂ.୨୫/୨୩ରେ ଏକ ମାମଲା ରୁଜୁ ହୋଇଛି।

# ବିଶ୍ୱ ପ୍ରସିଦ୍ଧ ଗହୀରମଥା ମହୋତ୍ସବ ଦାବି ଜୋର ଧରିଲା

ମହାକାଳପଡ଼ା,୧୫।୩(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଗହୀରମଥାରେ ମହୋତ୍ସବ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦାବି ଜୋର ଧରିଛି। ବିଶେଷକରି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ରାଜନଗର ବ୍ଲକ ଅଧୀନ ନଳିତାପାଟିଆରେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ମହୋତ୍ସବ ପାଳନ କରାଯାଇଛି। ବିଦେଶାଗତ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଭୂସ୍ୱର୍ଗ ଓ ଅନ୍ତୁଡ଼ିଶାଳ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଲକ୍ଷାଧିକ କଇଁଛଙ୍କ ଅଣ୍ଡାଦାନ ପାଇଁ ସମାଗମ ହୋଇଥାଏ। ଏହି ସାମୁଦ୍ରିକ ଅଭୟାରଣ୍ୟ ବାଲୁକା ଶଯ୍ୟାକୁ ଆକୃଷ୍ଟ ହୋଇ ଶ୍ରୀଲଙ୍କା, କୋଷ୍ଟାରିକା, ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ସମୁଦ୍ର ପଥରେ ଲକ୍ଷ ଲକ୍ଷ ଯୋଜନ ଅତିକ୍ରମ କରି ମିଳନ ଓ ସାମୂହିକ ଅଣ୍ଡାଦାନ କରିବାକୁ ଅଲିଭ୍ ରିଡ୍‌ଲେ କଇଁଛ ଧାଇଁ ଆସିଥାନ୍ତି। ଜିଲାର ଐତିହ୍ୟ ଅବଲୋକନ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ି ଭିତରକନିକା ମହୋତ୍ସବକୁ ପ୍ରଚାର ପ୍ରସାର କରି କରୁଛନ୍ତି। ତେବେ ଜିଲାର ମହାକାଳପଡ଼ା ବ୍ଲକରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମହୋତ୍ସବ ପାଳନ କରିବାକୁ ସାଗରିକା ସାହିତ୍ୟ ସଂସଦ, ବିଭିନ୍ନ ଅନୁଷ୍ଠାନ



ଗହୀରମଥା ବାଲୁକାଶଯ୍ୟାରେ ଅଲିଭ ରିଡ଼ଲେ କଇଁଛମାନଙ୍କ ଅଣ୍ଡାଦାନ ସ୍ଥଳରେ ସମାଗମ।




ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ସୌରଶକ୍ତିରେ ଚାଳିତ ଭାସମାନ ବଇଆଁ ବା ସଂକେତ ଚିହ୍ନଟ।

- ବାଲୁକା ଶଯ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଜାରି
- ଟ୍ରଲରଗୁଡ଼ିକ ଜଙ୍ଗଲ ନିକଟ ଯୋର, ନାଳରେ ରହୁଛି

ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଦାବି ଜୋର୍ ଧରିଛି। ଅଦ୍ୟାବଧି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ବାଲୁକାଶଯ୍ୟାରେ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ସାମୂହିକ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ତେବେ ବନ ବିଭାଗ ପକ୍ଷରୁ ଏହାର ସୁରକ୍ଷା ପାଇଁ କଡାକଡି ନିୟମ କରାଯାଇଛି। ଅପରପକ୍ଷରେ ଏହି ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସମୁଦ୍ର ମଧ୍ୟରେ ଶତାଧିକ ଟ୍ରଲର ବେଆଇନ ଭାବେ ମାଛ ମାରୁଛନ୍ତି।

ସୂଚନାଯୋଗ୍ୟ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମହାନଦୀ ଅବବାହିକା ତ୍ରିକୋଣଭୂମି ମୁହାଣଠାରୁ ୧୬ଶହ ବର୍ଗ କିମିରେ ୧୪ଟି ଭାସମାନ ସୌରଶକ୍ତିରେ ଚାଳିତ ବଇଆଁ ଚିହ୍ନଟ ବା ସଂକେତ ରହିଛି। ସ୍ଥଳଭାଗରୁ ୨୦ କିମି ପର୍ଯ୍ୟନ୍ତ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ଖୁଲମ୍‌ଖୁଲା ରାତିରେ ଟ୍ରଲରଗୁଡ଼ିକ ମାଛ ଧରି ସକାଳ ସୁଦ୍ଧା ନିକଟ ନଦୀ, ଯୋରିରେ ଆଶ୍ରୟ ନେଉଥିବା କେତେଜଣ ମତ୍ସ୍ୟଜୀବୀ (ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଧାମରା ଅଞ୍ଚଳର) ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଆଉ କେତେଜଣ ମତ୍ସ୍ୟଜୀବୀ କହିଛନ୍ତି, ବନ ବିଭାଗର କେତେଜଣ ତଳିଆ କର୍ମଚାରୀ ଆଗୁଆ ସୂଚନା ଦେଉଥିବାରୁ ବିଭାଗୀୟ ଚଢ଼ାଉ ପୂର୍ବରୁ ସମୁଦ୍ର ମଧ୍ୟରେ ଟ୍ରଲରଗୁଡିକ ଖସିଯିବା ସହଜ ହେଉଥିବା କହିଛନ୍ତି, ଯାହାକି ଏବେ ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତବର୍ଷ ବିଳମ୍ବ ହେଲେ ମଧ୍ୟ ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ଆଗମନକୁ ନେଇ ପରିବେଶବିତ୍‌ମାନେ ଖୁସି ପ୍ରକଟ କରିଛନ୍ତି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ରାଜନଗରରେ ଭିତରକନିକା ମହୋତ୍ସବ ପାଳନ କରାଯାଉଛି, ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଶ୍ୱପ୍ରସିଦ୍ଧ ଗହୀରମଥା ମହୋତ୍ସବ ପାଳନ ହେଲେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଉପରେ ବିସ୍ତୃତ ଆଲୋଚନା ହେବ। ଏହାସହ ଦେଶୀ ଓ ବିଦେଶାଗତ ପକ୍ଷୀମାନଙ୍କ ଉପରେ ଅଧିକ ସଚେତନତା ସୃଷ୍ଟି କରାଯାଇପାରିବ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କୁ ଅବଗତ କରାଯାଇଛି। ଅପରପକ୍ଷରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଗହୀରମଥା ମହୋତ୍ସବ ପାଳନକୁ ସ୍ୱାଗତ କରୁଛି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ସେ ଆଲୋଚନା କରିବାକୁ ସହମତି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ଓ ସୁରକ୍ଷିତ ଅଣ୍ଡାଦାନ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ କଡ଼ାକଡ଼ି ନଜର ରଖାଯାଇଛି। ସମୁଦ୍ର ମଧ୍ୟରେ ୨୪ ଘଣ୍ଟିଆ ପାଟ୍ରୋଲିଂ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି।

## ଡ୍ରାଇଭରଙ୍କ ସୁରକ୍ଷା ପ୍ରତି ଅବହେଳା ବରଦାସ୍ତ ଯୋଗ୍ୟ ନୁହେଁ

କେନ୍ଦ୍ରାପଡ଼ା ଅଫିସ, ୧୫।୩

ଦେଶର ପରିଚାଳନାରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଚକ ନ ଗଡିଲେ ଦେଶର ବିକାଶ ବନ୍ଦ ହେବ । ପିଇବା ପାଣି ଠାରୁ ଆରମ୍ଭ କରି ଜୀବନ ବଞ୍ଚାଇବା ଔଷଧ, ସାମଗ୍ରୀ ପରିବହନରେ ଗାଡିଚାଳକ ସଦାସର୍ବଦା ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି । ଦେଶ ବିକାଶରେ ଏହି ଗାଡିଚାଳକ ପ୍ରମୁଖ ଭୂମୀକା ଗ୍ରହଣ କରୁଥିବା ବେଳେ ସଦାସର୍ବଦା ଅବହେଳାର ଶୀକାର ହେଉଛନ୍ତି । ଡ୍ରାଇଭରଙ୍କ ସୁରକ୍ଷା ଅବହେଳା ଏବେ ବରଦାସ୍ତ ଯୋଗ୍ୟ ନୁହେଁ ଦର୍ଶାଇ କେନ୍ଦ୍ରାପଡା ଜିଲା ଡ୍ରାଇଭର ସଂଘ ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ ଆନ୍ଦୋଳନ ଚାଲିଛି । ସହରର ଦୁହୁରିଆ ନିକଟ ଜାତୀୟ ଓ ରାଜ୍ୟପଥଠାରେ ସମ୍ମିଳିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫଳରେ ସାଧାରଣ କାର୍, ବାଇକ୍ ବ୍ୟତୀତ ଘରୋଇ



କେନ୍ଦ୍ରାପଡାରେ ଡ୍ରାଇଭରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଓ ସରକାରୀ ବସ ଚଳପ୍ରଚଳ ହୋଇ ପାରି ନ ଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହୋଇଛନ୍ତି । ଏସମ୍ପର୍କରେ ଡ୍ରାଇଭର ସଂଘର କର୍ମକର୍ତ୍ତା ରଞ୍ଜନ କୁମାର ଦାସ, ରଞ୍ଜନ ମହାନ୍ତି, ମହମ୍ମଦ ଆଜମଲ, ପ୍ରକାଶ ଚନ୍ଦ୍ର ଦାସ, ସତ୍ୟବ୍ରତ ମଲ୍ଲିକ, ସେକ ମୁସ୍ତାକିମ ପ୍ରମୁଖ କହିଛନ୍ତିଯେ, ଗାଡି ଡ୍ରାଇଭରଙ୍କ ଆୟ ସୀମିତ । ତେବେ ସମସ୍ୟା ଅନେକ ଅଛି । ସମସ୍ୟା ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହାର ସମାଧାନ ନ ହେବାରୁ ମହାସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ଡାକରା ଦିଆଯାଇଛି । ପ୍ରାଣହରାଉଥିବା ଡ୍ରାଇଭରଙ୍କୁ ୨୦ ଲକ୍ଷ ଟଙ୍କାର ବୀମାଭୂକ୍ତ କରାଇବା ସହ ଅକର୍ମଣ୍ୟଙ୍କୁ ଅନୂନ୍ୟ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ୫୫ ବର୍ଷରେ ପେନସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ପାର୍କିଂ ସ୍ଥାନ ଓ ଶୌଚାଳୟ ସୁବିଧା, ଆବସ ଗୃହ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଲାଇସେନ୍ସ ପାଇଁ ଧାର୍ଯ୍ୟ ଦରର କମ କରିବା, ଡ୍ରାଇଭରଙ୍କୁ ଦେଶର ଦ୍ୱିତୀୟ ସୈନିକର ମାନ୍ୟତା ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି । ଏହି ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନ ଚାଲିବ ବୋଲି ସେମାନେ ପ୍ରକାଶ କରିଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ଜିଲାସ୍ତରୀୟ ଯୁବ ଉତ୍ସବ

ଡେରାବିଶ,୧୫।୩ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ଥାନୀୟ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯୁବ ଉତ୍ସବରେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ମଧୁସୂଦନ କାମିଳା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଆଚାରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜାତୀୟ ସେବା ସଂସ୍ଥାର ସଂଯୋଜିକା ପଦ୍ମଜା କବି ଶତପଥୀ, ଗଙ୍ଗାଧର ସାହୁ, ପୂର୍ବତନ ଡିପିଓ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ସମ୍ମାନିତ ଯୋଗ ଦେଇ ମହାପୁରୁଷ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପଦେଶ ଦେବା ସହ ଦେଶ ଜାତିର ଉତ୍‌ଥାନ ପାଇଁ ଯୁବଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। କାରଣ ଭାରତ ଭଳି ବିକାଶମୁଖୀ ଦେଶର ମେରୁଦଣ୍ଡ ହେଉଛି ଦେଶର ଯୁବଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ୩୦ ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାଂସ୍କୃତିକ ଦଳ ହିନ୍ଦି ଓ ଇଂରାଜିରେ ବକ୍ତୃତା, ଚିତ୍ରାଙ୍କନ, ଫଟୋ ୱାର୍କସପ୍, କବିତା ଲିଖନ ଓ ପଠନ ସହ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଓ ଅଧ୍ୟାପକ ଗୁରୁଚରଣ ସେଠୀ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶୁଭେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।



ଯୁବ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

ମାର୍ଶାଘାଇ, ୧୫।୩(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ଦକ୍ଷତା ଭିତ୍ତିକ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଓ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୦୧ ବେକାର ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ।




ନିଯୁକ୍ତି ପରାମର୍ଶମେଳାରେ ଯୋଗଦେଇଥିବା ଅତିଥି।

୧୧ଟି ପ୍ରୋଜେକ୍ଟ ଇମ୍ପ୍ଲିମେଶନ ଏଜେନସିର ପଦାଧିକାରୀ ଯୋଗଦେଇ ଯୁବତୀଯୁବକଙ୍କ ନାମ ଟ୍ୟାଗ କରି ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ୨୩୯ ଜଣଙ୍କୁ ଟ୍ୟାଗ କରାଯାଇଥିବା ବେଳେ ପିଏଲଟିପିରେ ୪୦ଜଣ ପ୍ରାର୍ଥୀ ଆଇଟିଆଇରେ ଆଡିମିଶନ ଓ ୧୧ ଜଣ ପଲିଟେକନିକରେ ଆଡ଼ମିସନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଘନଶ୍ୟାମ ସା, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ ଓ ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ମିଶନ ଶକ୍ତି ପକ୍ଷରୁ ବିକାଶ ମହାନ୍ତି, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳିକା ସଂଜ୍ଞା ସାଗରିକା ପଣ୍ଡା, ବିଜ୍ଞାନ ସେନାପତି, ରତ୍ନମଞ୍ଜରୀ ବାରିକ ଓ ସୁଭଦର୍ଶିନୀ ବାରିକ ସହାୟତା କରିଥିଲେ।

## ଡେରାବିଶ କ୍ରିକେଟ ଟିମ୍ ଚାମ୍ପିୟନ

ଡେରାବିଶ,୧୫।୩ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ କୁସୁନପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ମା'ବୁଢୀ ଜାଗୁଳାଈ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ଆନୁକୁଲ୍ୟରେ ବିଭିନ୍ନ ଜିଲାର ବଛାବଛା ୮ ଟି ଦଳକୁ ନେଇ ଖେଳା ଯାଇଥିଲା। ବୁଧବାର ଫାଇନାଲ ମ୍ୟାଚରେ ଯାଜପୁର ଜିଲାର ଗୋଲଡେନ ଷ୍ଟାର, ଗମ୍ଭୁ ଦଳକୁ ଏକ ପାଖିଆ ଭାବେ ୯ ଉଇକେଟରେ ହରାଇ ଡେରାବିଶ କ୍ରିକେଟ କ୍ଲବ ଲଗାତାର ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୋଲଡେନ ଷ୍ଟାର, ଯାଜପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଡେରାବିଶ ଦଳ ମାତ୍ର ୧୪.୫ ଓଭରରେ ଏକମାତ୍ର ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଫାଇନାଲ ଖେଳର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିବା ଡେରାବିଶ ଦଳର ଅମିତ କୁମାର ସାହୁ ଦଳ ପକ୍ଷରୁ ସର୍ବାଧିକ ବିସ୍ଫୋରକ ୬୭ (୪୧ ବଲ) ସଂଗ୍ରହ କରିଥିଲେ। ହରିହର ବେହେରା ଓ ବିନୋଦ ପଣ୍ଡା ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ପରେ ଆୟୋଜକ କ୍ଲବର ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ବରିଷ୍ଠ କ୍ରୀଡାବିତ ଶ୍ରୀକାନ୍ତ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ଗଙ୍ଗାଧର କବି, ଅଜୟ କୁମାର ଦାସ, କ୍ରୀଡାବିତ ସାହାଜାନ ଖାଁ, ସାମାଜିକ କର୍ମୀ ତ୍ରିଲୋଚନ ରାଉତ, ସୁକାନ୍ତ ସେଠୀ ଓ ଆୟୋଜକ କ୍ଲବର ସମ୍ପାଦକ ବିଶ୍ୱଜିତ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଡେରାବିଶ ଦଳକୁ ଚାମ୍ପିୟନ ଟ୍ରଫି ଓ ଉପ ବିଜେତା ଯାଜପନୁର ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଯାଜପୁର ଦଳର କାର୍ତ୍ତିକ ପତିଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ଆୟୋଜକ ଦଳର ପ୍ରଶାନ୍ତ ନାୟକ, ପ୍ରଦୀପ ଜଗତି, ଅଜିତ ଘଡାଇ, ଆନନ୍ଦ ବେହେରା ଓ ବୀରବର ମଲିକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଚାମ୍ପିୟନ ଦଳର ଖେଳାଳୀଙ୍କ ସହ ଅତିଥି।

**ମା' ବୁଢୀଜାଗୁଳାଈ କପ କ୍ରିକେଟ ଟୁର୍ନାମେଣ୍ଟ**

## ଗୋଟିଏ ପରିବାରର ୩୭ବର୍ଷ ଶାସନର ଜବାବ ମାଗିଲା ବିଜେଡି

ରାଜନଗର,୧୫।୩(ଡି.ଏନ.ଏ.)

ଭିତରକନିକା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ଛାତ୍ର ଜୀବନ ପରେ ନବେ ଦଶକରେ ପରିବେଶର ସୁରକ୍ଷା ସହିତ ଅଞ୍ଚଳର ବିକାଶ ଓ ଖଟିଖିଆ, ମେହନତି ଓ ମଳିମୁଣ୍ଡିଆ ଲୋକଙ୍କୁ ସମୃଦ୍ଧ କରିବା ପାଇଁ ରାଜନୀତିରେ ପ୍ରବେଶ କରିଥିଲି ବୋଲି କହିଥିଲେ। ବିଧାୟକ ମଳିମୁଣ୍ଡିଆ ଶବ୍ଦ କହି ସ୍ୱାଭିମାନକୁ କୁଠାରଘାତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିବା ସହ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲା । ଏଥିସହିତ କ୍ଷମା ପ୍ରାର୍ଥନା ପାଇଁ ଦାବି କରିଥିଲା । ଏହାକୁ ନେଇ ବୁଧବାର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ କଂଗ୍ରେସର ସ୍ୱାଭିମାନ ଓ ଗୋଟିଏ ପରିବାରର ୩୭ ବର୍ଷ ଶାସନର ଜବାବ ମାଗିଛନ୍ତି।

ବ୍ଲକ ବିଜେଡି ସଭାପତି ତଥା କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି । ସେ କହିଛନ୍ତି, ନବେ ଦଶକରେ ଯେତେବେଳେ ରାଜନଗର ଅଞ୍ଚଳରେ ପରିବେଶ ଓ ପ୍ରଗତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଜଙ୍ଗଲ ଆଇନ ଯୋଗୁ ରାଜନଗରରେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା, ସେତେବେଳର ନେତୃତ୍ୱ ଅଞ୍ଚଳର ବିକାଶ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ବର୍ତ୍ତମାନର ବିଧାୟକ ତାଙ୍କ ଛାତ୍ର ଜୀବନ ପରେ ନବେ ଦଶକରେ ପରିବେଶ ବଞ୍ଚିବ ଓ ଅଞ୍ଚଳର ପ୍ରଗତି ହେବ, ସେହି ନାରା ଦେଇ ସବୁଠୁ ଅବହେଳିତ ଲୋକଙ୍କ ସେବା କରିବା ପାଇଁ ରାଜନୀତିକୁ ଆସିଥିଲେ। ବିଧାୟକ ଭିତରକନିକା ମହୋତ୍ସବର ଶେଷ ସନ୍ଧ୍ୟାର ତାଙ୍କ ଭାଷଣରେ ନବେ ଦଶକର ରାଜନଗରର ସ୍ଥିତି ଓ ସେ କ'ଣ ପାଇଁ ରାଜନୀତିକୁ ଆସିଲେ ସେ କଥା କହିଥିଲେ । ସେତେବେଳର ନେତୃତ୍ୱ ରାଜନଗରର ବିକାଶ ପ୍ରତି ଆଖି ବୁଜି ଦେଇଥିଲେ। ଦିବଂଗତ ନେତୃତ୍ୱ ସବୁବେଳେ ରାଜନଗରକୁ ୧୫୧୨ ଲାଇନ କହୁଥିଲେ। ନିଜେ ମନ୍ତ୍ରୀ ଥାଇ ମଧ୍ୟ ଅଞ୍ଚଳର ବିକାଶ ନ କରି ଅବହେଳିତ କରି ରଖିଥିଲେ। ଯେଉଁ ସ୍ୱାଭିମାନ କଥା କଂଗ୍ରେସ କହୁଛି, ସେ ସ୍ୱାଭିମାନ କଂଗ୍ରେସର ଅଛି ତ ? ପଞ୍ଚାୟତ ନିର୍ବାଚନରେ ୩୨ନଂ. ଜୋନରେ କଂଗ୍ରେସ ଭୋଟ ପଦ୍ମକୁ ଗଲା, ଏହା କଣ ତାଙ୍କର ସ୍ୱାଭିମାନ । ନେତାଙ୍କ କାର୍ଯ୍ୟକ୍ରମରେ ହାତ ଚିହ୍ନ ଗାଏବ, ଏହା କଣ ତାଙ୍କ ସ୍ୱାଭିମାନ ବୋଲି ବ୍ଲକ ବିଜେଡି ସଭାପତି ପ୍ରତିହାରୀ ପ୍ରଶ୍ନ କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ଜାଣିଛନ୍ତି, କାହା ନେତୃତ୍ୱରେ ରାଜନଗରର ବିକାଶ ପ୍ରକ୍ରିୟା ଆଗକୁ ଯାଇଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ତାର ପ୍ରମାଣ। ଆଜିର ବିଧାୟକ ଅଗାମୀ ନିର୍ବାଚନ ପରେ ପୁଣି ବିଧାୟକ ରହିବେ ବୋଲ ଦୃଢୋକ୍ତି ବାଢିଥିଲେ। ବରିଷ୍ଠ ବିଜେଡି ନେତା ବିଜୟ କୁମାର ନାୟକ କହିଛନ୍ତି, ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ୧୯୯୦ ଦଶକ କଥା କୁହାଯାଇଥିଲା। ସେତେବେଳେ ରାଜନଗର ଅଞ୍ଚଳକୁ ଗୋଟିଏ ପରିବାର ଅବହେଳିତ କରି ରଖିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଥିବା ବେଳେ ଭାଷଣକୁ ଦ୍ୱିଅର୍ଥ ବୋଧକ କରି କୁଶ ପୁତ୍ତଳିକା ଦାହ ହୀନ ରାଜନୀତିର ପରିଚୟ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତ, ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ଛାତ୍ର ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇ କଂଗ୍ରେସ ଉପରେ ବର୍ଷି ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ଓ କର୍ମୀ।

## ସଂକ୍ଷେପରେ

### ୬ ବଖରା ସହ ତେଜରାତି ଦୋକାନ ଜଳିଗଲା



ରାଜନଗର,୧୫।୩(ଡି.ଏନ.ଏ.):ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୬ବଖରା ଘର ସହିତ ଗୋଟିଏ ତେଜରାତି ଦୋକାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ରାତି ପ୍ରାୟ ସାଢେ ୧୧ଟା ସମୟରେ ଏହି ଗାଁର ଉଷାରାଣୀ ରାଉଳ ଓ କାମଦେବ ରାଉଳଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। କେହି କିଛି ବୁଝିବା ପୂର୍ବରୁ ନିଆଁ ସମ୍ପୂର୍ଣ୍ଣ ଘରକୁ କବଳିତ କରି ସାରିଥିଲା। ପରିବାର ଲୋକେ ନିଦରୁ ଉଠି ନିଜ ଜୀବନ ବଞ୍ଚାଇବା ପାଇଁ ପଦାକୁ ଚାଲି ଆସିଥିଲେ। ମାତ୍ର ତାଙ୍କର ଘର ସହିତ ସମସ୍ତ ଆସବାସପତ୍ର, ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ନିଆଁର ଗତି ଏତେ ଭୟଙ୍କର ଥିଲା ଯେ ଦୁଇଟି ଘର ନିକଟରେ ଥିବା ଅଞ୍ଜନ କୁମାର ରାଉଳଙ୍କ ତେଜରାତି ଦୋକାନ ମଧ୍ୟ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଗାଁ ଲୋକେ ଉଠିଥିଲେ ମଧ୍ୟ ନିଆଁକୁ ଆୟତ କରି ପାରି ନ ଥିଲେ। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବୁଧବାର ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୩ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି ଓ ଅନ୍ୟାନ୍ୟ ସରକାରୀ ସହାୟତା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଚାଉଳ ଓ ୩ ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି।

### ଦିନ ଦ୍ୱିପ୍ରହରରେ ଘରେ ପଶି ଲୁଟିଲେ ଦୁର୍ବୃତ୍ତ

ବ୍ରହ୍ମବରଦା,୧୫।୩(ଡି.ଏନ.ଏ.): ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ବ୍ୟାଙ୍କ ଛକସ୍ଥିତ ଏସ୍‌ଏସ୍ ପ୍ୟାଲେସ ନିକଟରୁ ମଙ୍ଗଳବାର ଦ୍ୱିପ୍ରହରରେ ଲୁଟ୍ ହୋଇଛି। ବ୍ୟାଙ୍କ ଛକସ୍ଥିତ ସେକ୍ ଇସ୍ତିୟାକ ହୋସେନଙ୍କ ଘର ଗ୍ରିଲ୍ ତାଡ଼ି କେତେଜଣ ଦୁର୍ବୃତ୍ତ ଘରେ କଳାକନା ବୁଲାଇଛନ୍ତି। ସେମାନେ ଘରେ ପଶି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହିତ ୧୦ଭରି ସୁନା ଓ ରୁପା ଗହଣା ଚୋରି କରି ନେଇଛନ୍ତି। ଏନେଇ ସେକ୍ ଇସ୍ତିୟାକ ହୋସେନଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଥାନା ଅଧିକାରୀ ଏସ୍ ଦାଶରଥି ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବୁଧବାର ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। ମଙ୍ଗଳବାର ସକାଳେ ସେକ୍ ଇସ୍ତିୟାକ ହୋସେନଙ୍କ ପରିବାର କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇ ରାତି ୮ଟାରେ ଫେରିଥିଲେ। ସେମାନେ ଘରେ ପହଞ୍ଚି ଦେଖିଲେ ଯେ ଘରର ସମସ୍ତ କବାଟ ଖୋଲା ରହିଛି। ଭିତରକୁ ଯାଇ ଦେଖନ୍ତି ତ ଦୁର୍ବୃତ୍ତ ବେଡ୍‌ରୁମରେ ପଶି ଗଡ୍ରେଜ୍ ଭାଙ୍ଗି ଟଙ୍କା ସହିତ ସୁନା ଓ ରୁପା ଗହଣା ଚୋରି କରିଛନ୍ତି। ଏନେଇ ଥାନାରେ ନଂ.୨୫/୨୩ରେ ଏକ ମାମଲା ରୁଜୁ ହୋଇଛି।

# ବିଶ୍ୱ ପ୍ରସିଦ୍ଧ ଗହୀରମଥା ମହୋତ୍ସବ ଦାବି ଜୋର ଧରିଲା

ମହାକାଳପଡ଼ା,୧୫।୩(ଡି.ଏନ.ଏ.)



ଗହୀରମଥା ବାଲୁକାଶଯ୍ୟାରେ ଅଲିଭ ରିଡ଼ଲେ କଇଁଛମାନଙ୍କ ଅଣ୍ଡାଦାନ ସ୍ଥଳରେ ସମାଗମ।




ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ସୌରଶକ୍ତିରେ ଚାଳିତ ଭାସମାନ ବଇଆଁ ବା ସଂକେତ ଚିହ୍ନଟ।

- ବାଲୁକା ଶଯ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଜାରି
- ଟ୍ରଲରଗୁଡ଼ିକ ଜଙ୍ଗଲ ନିକଟ ଯୋର, ନାଳରେ ରହୁଛି

ବିଶ୍ୱପ୍ରସିଦ୍ଧ ଗହୀରମଥାରେ ମହୋତ୍ସବ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦାବି ଜୋର ଧରିଛି। ବିଶେଷକରି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ରାଜନଗର ବ୍ଲକ ଅଧୀନ ନଳିତାପାଟିଆରେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ମହୋତ୍ସବ ପାଳନ କରାଯାଇଛି। ବିଦେଶାଗତ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଭୂସ୍ୱର୍ଗ ଓ ଅନ୍ତୁଡ଼ିଶାଳ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଲକ୍ଷାଧିକ କଇଁଛଙ୍କ ଅଣ୍ଡାଦାନ ପାଇଁ ସମାଗମ ହୋଇଥାଏ। ଏହି ସାମୁଦ୍ରିକ ଅଭୟାରଣ୍ୟ ବାଲୁକା ଶଯ୍ୟାକୁ ଆକୃଷ୍ଟ ହୋଇ ଶ୍ରୀଲଙ୍କା, କୋଷ୍ଟାରିକା, ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ସମୁଦ୍ର ପଥରେ ଲକ୍ଷ ଲକ୍ଷ ଯୋଜନ ଅତିକ୍ରମ କରି ମିଳନ ଓ ସାମୂହିକ ଅଣ୍ଡାଦାନ କରିବାକୁ ଅଲିଭ୍ ରିଡ୍‌ଲେ କଇଁଛ ଧାଇଁ ଆସିଥାନ୍ତି। ଜିଲାର ଐତିହ୍ୟ ଅବଲୋକନ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ି ଭିତରକନିକା ମହୋତ୍ସବକୁ ପ୍ରଚାର ପ୍ରସାର କରି କରୁଛନ୍ତି। ତେବେ ଜିଲାର ମହାକାଳପଡ଼ା ବ୍ଲକରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମହୋତ୍ସବ ପାଳନ କରିବାକୁ ସାଗରିକା ସାହିତ୍ୟ ସଂସଦ, ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଦାବି ଜୋର୍ ଧରିଛି। ଅଦ୍ୟାବଧି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ବାଲୁକାଶଯ୍ୟାରେ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ସାମୂହିକ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ତେବେ ବନ ବିଭାଗ ପକ୍ଷରୁ ଏହାର ସୁରକ୍ଷା ପାଇଁ କଡାକଡି ନିୟମ କରାଯାଇଛି। ଅପରପକ୍ଷରେ ଏହି ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସମୁଦ୍ର ମଧ୍ୟରେ ଶତାଧିକ ଟ୍ରଲର ବେଆଇନ ଭାବେ ମାଛ ମାରୁଛନ୍ତି।

ସୂଚନାଯୋଗ୍ୟ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମହାନଦୀ ଅବବାହିକା ତ୍ରିକୋଣଭୂମି ମୁହାଣଠାରୁ ୧୬ଶହ ବର୍ଗ କିମିରେ ୧୪ଟି ଭାସମାନ ସୌରଶକ୍ତିରେ ଚାଳିତ ବଇଆଁ ଚିହ୍ନଟ ବା ସଂକେତ ରହିଛି। ସ୍ଥଳଭାଗରୁ ୨୦ କିମି ପର୍ଯ୍ୟନ୍ତ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ଖୁଲମ୍‌ଖୁଲା ରାତିରେ ଟ୍ରଲରଗୁଡ଼ିକ ମାଛ ଧରି ସକାଳ ସୁଦ୍ଧା ନିକଟ ନଦୀ, ଯୋରିରେ ଆଶ୍ରୟ ନେଉଥିବା କେତେଜଣ ମତ୍ସ୍ୟଜୀବୀ (ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଧାମରା ଅଞ୍ଚଳର) ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଆଉ କେତେଜଣ ମତ୍ସ୍ୟଜୀବୀ କହିଛନ୍ତି, ବନ ବିଭାଗର କେତେଜଣ ତଳିଆ କର୍ମଚାରୀ ଆଗୁଆ ସୂଚନା ଦେଉଥିବାରୁ ବିଭାଗୀୟ ଚଢ଼ାଉ ପୂର୍ବରୁ ସମୁଦ୍ର ମଧ୍ୟରେ ଟ୍ରଲରଗୁଡିକ ଖସିଯିବା ସହଜ ହେଉଥିବା କହିଛନ୍ତି, ଯାହାକି ଏବେ ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତବର୍ଷ ବିଳମ୍ବ ହେଲେ ମଧ୍ୟ ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ଆଗମନକୁ ନେଇ ପରିବେଶବିତ୍‌ମାନେ ଖୁସି ପ୍ରକଟ କରିଛନ୍ତି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ରାଜନଗରରେ ଭିତରକନିକା ମହୋତ୍ସବ ପାଳନ କରାଯାଉଛି, ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଶ୍ୱପ୍ରସିଦ୍ଧ ଗହୀରମଥା ମହୋତ୍ସବ ପାଳନ ହେଲେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଉପରେ ବିସ୍ତୃତ ଆଲୋଚନା ହେବ। ଏହାସହ ଦେଶୀ ଓ ବିଦେଶାଗତ ପକ୍ଷୀମାନଙ୍କ ଉପରେ ଅଧିକ ସଚେତନତା ସୃଷ୍ଟି କରାଯାଇପାରିବ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କୁ ଅବଗତ କରାଯାଇଛି। ଅପରପକ୍ଷରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଗହୀରମଥା ମହୋତ୍ସବ ପାଳନକୁ ସ୍ୱାଗତ କରୁଛି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ସେ ଆଲୋଚନା କରିବାକୁ ସହମତି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ଓ ସୁରକ୍ଷିତ ଅଣ୍ଡାଦାନ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ କଡ଼ାକଡ଼ି ନଜର ରଖାଯାଇଛି। ସମୁଦ୍ର ମଧ୍ୟରେ ୨୪ ଘଣ୍ଟିଆ ପାଟ୍ରୋଲିଂ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି।

# ଡ୍ରାଇଭରଙ୍କ ସୁରକ୍ଷା ପ୍ରତି ଅବହେଳା ବରଦାସ୍ତ ଯୋଗ୍ୟ ନୁହେଁ

କେନ୍ଦ୍ରାପଡ଼ା ଅଫିସ, ୧୫।୩




କେନ୍ଦ୍ରାପଡାରେ ଡ୍ରାଇଭରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦେଶର ପରିଚାଳନାରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଚକ ନ ଗଡିଲେ ଦେଶର ବିକାଶ ବନ୍ଦ ହେବ । ପିଇବା ପାଣି ଠାରୁ ଆରମ୍ଭ କରି ଜୀବନ ବଞ୍ଚାଇବା ଔଷଧ, ସାମଗ୍ରୀ ପରିବହନରେ ଗାଡିଚାଳକ ସଦାସର୍ବଦା ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି । ଦେଶ ବିକାଶରେ ଏହି ଗାଡିଚାଳକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ସଦାସର୍ବଦା ଅବହେଳାର ଶୀକାର ହେଉଛନ୍ତି । ଡ୍ରାଇଭରଙ୍କ ସୁରକ୍ଷା ଅବହେଳା ଏବେ ବରଦାସ୍ତ ଯୋଗ୍ୟ ନୁହେଁ ଦର୍ଶାଇ କେନ୍ଦ୍ରାପଡା ଜିଲା ଡ୍ରାଇଭର ସଂଘ ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ ଆନ୍ଦୋଳନ ଚାଲିଛି । ସହରର ଦୁହୁରିଆ ନିକଟ ଜାତୀୟ ଓ ରାଜ୍ୟପଥଠାରେ ସମ୍ମିଳିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫଳରେ ସାଧାରଣ କାର୍, ବାଇକ୍ ବ୍ୟତୀତ ଘରୋଇ ଓ ସରକାରୀ ବସ ଚଳପ୍ରଚଳ ହୋଇ ପାରି ନ ଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହୋଇଛନ୍ତି। ଏସମ୍ପର୍କରେ ଡ୍ରାଇଭର ସଂଘର କର୍ମକର୍ତ୍ତା ରଞ୍ଜନ କୁମାର ଦାସ, ରଞ୍ଜନ ମହାନ୍ତି, ମହମ୍ମଦ ଆଜମଲ, ପ୍ରକାଶ ଚନ୍ଦ୍ର ଦାସ, ସତ୍ୟବ୍ରତ ମଲ୍ଲିକ, ସେକ ମୁସ୍ତାକିମ ପ୍ରମୁଖ କହିଛନ୍ତିଯେ, ଗାଡି ଡ୍ରାଇଭରଙ୍କ ଆୟ ସୀମିତ । ତେବେ ସମସ୍ୟା ଅନେକ ଅଛି। ସମସ୍ୟା ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହାର ସମାଧାନ ନ ହେବାରୁ ମହାସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରାଣହରାଉଥିବା ଡ୍ରାଇଭରଙ୍କୁ ୨୦ ଲକ୍ଷ ଟଙ୍କାର ବୀମାଭୁକ୍ତ କରାଇବା ସହ ଅକର୍ମଣ୍ୟଙ୍କୁ ଅନ୍ୟୁନ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ୫୫ ବର୍ଷରେ ପେନସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ପାର୍କିଂ ସ୍ଥାନ ଓ ଶୌଚାଳୟ ସୁବିଧା, ଆବସ ଗୃହ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଲାଇସେନ୍ସ ପାଇଁ ଧାର୍ଯ୍ୟ ଦରର କମ କରିବା, ଡ୍ରାଇଭରଙ୍କୁ ଦେଶର ଦ୍ୱିତୀୟ ସୈନିକର ମାନ୍ୟତା ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନ ଚାଲିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ଜିଲାସ୍ତରୀୟ ଯୁବ ଉତ୍ସବ

ଡେରାବିଶ,୧୫।୩ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ଥାନୀୟ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯୁବ ଉତ୍ସବରେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧକ୍ଷ ମଧୁସୂଦନ କାମିଲା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଆଚାରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜାତୀୟ ସେବା ସଂସ୍ଥାର ସଂଯୋଜିକା ପଦ୍ମଜା କବି ଶତପଥୀ, ଗଙ୍ଗାଧର ସାହୁ, ପୂର୍ବତନ ଡିପିଓ ଅଧାପକ ଶିଶିରକାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ସମ୍ମାନିତ ଯୋଗ ଦେଇ ମହାପୁରୁଷ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପଦେଶ ଦେବା ସହ ଦେଶ ଜାତିର ଉତ୍‌ଥାନ ପାଇଁ ଯୁବଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। କାରଣ ଭାରତ ଭଳି ବିକାଶମୁଖୀ ଦେଶର ମେରୁଦଣ୍ଡ ହେଉଛି ଦେଶର ଯୁବଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ୩୦ ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାଂସ୍କୃତିକ ଦଳ ହିନ୍ଦି ଓ ଇଂରାଜିରେ ବକ୍ତୃତା, ଚିତ୍ରାଙ୍କନ, ଫଟୋ ୱାର୍କସପ୍, କବିତା ଲିଖନ ଓ ପଠନ ସହ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଓ ଅଧାପକ ଗୁରୁଚରଣ ସେଠୀ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶୁଭେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।



ଯୁବ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

ମାର୍ଶାଘାଇ, ୧୫।୩(ଡି.ଏନ.ଏ.)




ନିଯୁକ୍ତି ପରାମର୍ଶମେଳାରେ ଯୋଗଦେଇଥିବା ଅତିଥି।

ମାର୍ଶାଘାଇ ବ୍ଲକ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ଦକ୍ଷତା ଭିତ୍ତିକ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଓ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୦୧ ବେକାର ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୧୧ଟି ପ୍ରୋଜେକ୍ଟ ଇମ୍ପ୍ଲିମେଶନ ଏଜେନସିର ପଦାଧିକାରୀ ଯୋଗଦେଇ ଯୁବତୀଯୁବକଙ୍କ ନାମ ଟ୍ୟାଗ କରି ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ୨୩୯ ଜଣଙ୍କୁ ଟ୍ୟାଗ କରାଯାଇଥିବା ବେଳେ ପିଏଲଟିପିରେ ୪୦ଜଣ ପ୍ରାଥୀ ଆଇଟିଆଇରେ ଆଡିମିଶନ ଓ ୧୧ ଜଣ ପଲିଟେକନିକରେ ଆଡ଼ମିସନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଘନଶ୍ୟାମ ସା, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ ଓ ବ୍ଲକ ଉପାଧାକ୍ଷା ଉର୍ମିଳା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ମିଶନ ଶକ୍ତି ପକ୍ଷରୁ ବିକାଶ ମହାନ୍ତି, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳିକା ସଂଜ୍ଞା ସାଗରିକା ପଣ୍ଡା, ବିଜ୍ଞାନ ସେନାପତି, ରତ୍ନମଞ୍ଜରୀ ବାରିକ ଓ ସୁଭଦର୍ଶନୀ ବାରିକ ସହାୟତା କରିଥିଲେ।

# ଡେରାବିଶ କ୍ରିକେଟ ଟିମ୍ ଚାମ୍ପିୟନ

ଡେରାବିଶ,୧୫।୩ (ସ୍ୱ.ପ୍ର.)



ଚାମ୍ପିୟନ ଦଳର ଖେଳାଳୀଙ୍କ ସହ ଅତିଥି।

### ମା' ବୁଢୀଜାଗୁଲାଇ କପ କ୍ରିକେଟ ଟୁର୍ନାମେଣ୍ଟ

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ କୁସୁନପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ମା'ବୁଢୀ ଜାଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ଆନୁକୁଲ୍ୟରେ ବିଭିନ୍ନ ଜିଲାର ବଛାବଛା ୮ ଟି ଦଳକୁ ନେଇ ଖେଳା ଯାଇଥିଲା। ବୁଧବାର ଫାଇନାଲ ମ୍ୟାଚରେ ଯାଜପୁର ଜିଲାର ଗୋଲଡେନ ଷ୍ଟାର, ଗମ୍ଭ ଦଳକୁ ଏକ ପାଖିଆ ଭାବେ ୯ ଉଇକେଟରେ ହରାଇ ଡେରାବିଶ କ୍ରିକେଟ କ୍ଲବ ଲଗାତାର ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୋଲଡେନ ଷ୍ଟାର, ଯାଜପୁର ଦଳ ନିର୍ଦ୍ଧାରୀତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଡେରାବିଶ ଦଳ ମାତ୍ର ୧୪.୫ ଓଭରରେ ଏକମାତ୍ର ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଫାଇନାଲ ଖେଳର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିବା ଡେରାବିଶ ଦଳର ଅମିତ କୁମାର ସାହୁ ଦଳ ପକ୍ଷରୁ ସର୍ବାଧିକ ବିସ୍ଫୋରକ ୬୭ (୪୧ ବଲ) ସଂଗ୍ରହ କରିଥିଲେ। ହରିହର ବେହେରା ଓ ବିନୋଦ ପଣ୍ଡା ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ପରେ ପରେ ଆୟୋଜକ କ୍ଲବର ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ବରିଷ୍ଠ କ୍ରୀଡାବିତ ଶ୍ରୀକାନ୍ତ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ଗଙ୍ଗାଧର କବି, ଅଜୟ କୁମାର ଦାସ, କ୍ରୀଡାବିତ ସାହାଜାନ ଖାଁ, ସାମାଜିକ କର୍ମୀ ତ୍ରିଲୋଚନ ରାଉତ, ସୁକାନ୍ତ ସେଠୀ ଓ ଆୟୋଜକ କ୍ଲବର ସମ୍ପାଦକ ବିଶ୍ୱଜିତ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଡେରାବିଶ ଦଳକୁ ଚାମ୍ପିୟନ ଟ୍ରଫି ଓ ଉପ ବିଜେତା ଯାଜପୁର ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଯାଜପୁର ଦଳର କାର୍ତ୍ତିକ ପତିଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ଆୟୋଜକ ଦଳର ପ୍ରଶାନ୍ତ ନାୟକ, ପ୍ରଦୀପ ଜଗତି, ଅଜିତ ଘଡାଇ, ଆନନ୍ଦ ବେହେରା ଓ ବୀରବର ମଲିକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୋଟିଏ ପରିବାରର ୩୭ବର୍ଷ ଶାସନର ଜବାବ ମାଗିଲା ବିଜେଡି

ରାଜନଗର,୧୫।୩(ଡି.ଏନ.ଏ.)

ଭିତରକନିକା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ଛାତ୍ର ଜୀବନ ପରେ ନବେ ଦଶକରେ ପରିବେଶର ସୁରକ୍ଷା ସହିତ ଅଞ୍ଚଳର ବିକାଶ ଓ ଖଟିଖିଆ, ମେହନତି ଓ ମଲିମୁଣ୍ଡିଆ ଲୋକଙ୍କୁ ସମୃଦ୍ଧ କରିବା ପାଇଁ ରାଜନୀତିରେ ପ୍ରବେଶ କରିଥିଲି ବୋଲି କହିଥିଲେ। ବିଧାୟକ ମଲିମୁଣ୍ଡିଆ ଶବ୍ଦ କହି ସ୍ୱାଭିମାନକୁ କୁଠାରଘାତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିବା ସହ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲା । ଏଥିସହିତ କ୍ଷମା ପ୍ରାର୍ଥନା ପାଇଁ ଦାବି କରିଥିଲା। ଏହାକୁ ନେଇ ବୁଧବାର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ କଂଗ୍ରେସର ସ୍ୱାଭିମାନ ଓ ଗୋଟିଏ ପରିବାରର ୩୭ ବର୍ଷ ଶାସନର ଜବାବ ମାଗିଛନ୍ତି।

ବ୍ଲକ ବିଜେଡି ସଭାପତି ତଥା କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି । ସେ କହିଛନ୍ତି, ନବେ ଦଶକରେ ଯେତେବେଳେ ରାଜନଗର ଅଞ୍ଚଳରେ ପରିବେଶ ଓ ପ୍ରଗତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଜଙ୍ଗଲ ଆଇନ ଯୋଗୁ ରାଜନଗରରେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା, ସେତେବେଳର ନେତୃତ୍ୱ ଅଞ୍ଚଳର ବିକାଶ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ବର୍ତ୍ତମାନର ବିଧାୟକ ତାଙ୍କ ଛାତ୍ର ଜୀବନ ପରେ ନବେ ଦଶକରେ ପରିବେଶ ବଞ୍ଚିବ ଓ ଅଞ୍ଚଳର ପ୍ରଗତି ହେବ, ସେହି ନାରା ଦେଇ ସବୁଠୁ ଅବହେଳିତ ଲୋକଙ୍କ ସେବା କରିବା ପାଇଁ ରାଜନୀତିକୁ ଆସିଥିଲେ। ବିଧାୟକ ଭିତରକନିକା ମହୋତ୍ସବର ଶେଷ ସନ୍ଧ୍ୟାର ତାଙ୍କ ଭାଷଣରେ ନବେ ଦଶକର ରାଜନଗରର ସ୍ଥିତି ଓ ସେ କ'ଣ ପାଇଁ ରାଜନୀତିକୁ ଆସିଲେ ସେ କଥା କହିଥିଲେ । ସେତେବେଳର ନେତୃତ୍ୱ ରାଜନଗରର ବିକାଶ ପ୍ରତି ଆଖି ବୁଜି ଦେଇଥିଲେ। ଦିବଂଗତ ନେତୃତ୍ୱ ସବୁବେଳେ ରାଜନଗରକୁ ୧୫୧୨ ଲାଇନ କହୁଥିଲେ। ନିଜେ ମନ୍ତ୍ରୀ ଥାଇ ମଧ୍ୟ ଅଞ୍ଚଳର ବିକାଶ ନ କରି ଅବହେଳିତ କରି ରଖିଥିଲେ। ଯେଉଁ ସ୍ୱାଭିମାନ କଥା କଂଗ୍ରେସ କହୁଛି, ସେ ସ୍ୱାଭିମାନ କଂଗ୍ରେସର ଅଛି ତ ? ପଞ୍ଚାୟତ ନିର୍ବାଚନରେ ୩୨ନଂ. ଜୋନରେ କଂଗ୍ରେସ ଭୋଟ ପଦ୍ମକୁ ଗଲା, ଏହା କଣ ତାଙ୍କର ସ୍ୱାଭିମାନ । ନେତାଙ୍କ କାର୍ଯ୍ୟକ୍ରମରେ ହାତ ଚିହ୍ନ ଗାଏବ, ଏହା କଣ ତାଙ୍କ ସ୍ୱାଭିମାନ ବୋଲି ବ୍ଲକ ବିଜେଡି ସଭାପତି ପ୍ରତିହାରୀ ପ୍ରଶ୍ନ କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ଜାଣିଛନ୍ତି, କାହା ନେତୃତ୍ୱରେ ରାଜନଗରର ବିକାଶ ପ୍ରକ୍ରିୟା ଆଗକୁ ଯାଇଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ତାର ପ୍ରମାଣ। ଆଜିର ବିଧାୟକ ଅଗାମୀ ନିର୍ବାଚନ ପରେ ପୁଣି ବିଧାୟକ ରହିବେ ବୋଲ ଦୃଢୋକ୍ତି ବାଢିଥିଲେ। ବରିଷ୍ଠ ବିଜେଡି ନେତା ବିଜୟ କୁମାର ନାୟକ କହିଛନ୍ତି, ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ୧୯୯୦ ଦଶକ କଥା କୁହାଯାଇଥିଲା। ସେତେବେଳେ ରାଜନଗର ଅଞ୍ଚଳକୁ ଗୋଟିଏ ପରିବାର ଅବହେଳିତ କରି ରଖିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଥିବା ବେଳେ ଭାଷଣକୁ ଦ୍ୱିଅର୍ଥ ବୋଧକ କରି କୁଶ ପୁତ୍ତଳିକା ଦାହ ହୀନ ରାଜନୀତିର ପରିଚୟ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତ, ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ଛାତ୍ର ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇ କଂଗ୍ରେସ ଉପରେ ବର୍ଷି ଥିଲେ।




ଖବରଦାତା ସମ୍ମିଳନୀରେ ବିଜେଡି ନେତା ଓ କର୍ମୀ।

**ସଂକ୍ଷେପରେ**

## ଓଡ଼ିଶାରେ ସରକାରୀ ମେଡିକାଲରେ ପ୍ରଥମ
## ଏମ୍‌କେସିଜିରେ ଓସିଟି ପଦ୍ଧତିରେ ଆଞ୍ଜିଓପ୍ଲାଷ୍ଟି

**ବ୍ରହ୍ମପୁର ଅଫିସ,୧୫।୩:** ବ୍ରହ୍ମପୁର ବଡ ମେଡିକାଲ ହୃଦ୍‌ରୋଗ ବିଭାଗରେ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ଓସିଟି(ଅପ୍ଟିକାଲ୍ କୋହେରାନ୍ସ ଟମୋଗ୍ରାଫି) ପଦ୍ଧତିରେ ବୁଧବାର ଆଞ୍ଜିଓପ୍ଲାଷ୍ଟି ଆରମ୍ଭ ହୋଇଛି। ଯାହାକି ଓଡ଼ିଶାରେ ସରକାରୀ ଡାକ୍ତରଖାନାରେ ପ୍ରଥମ ବୋଲି ଏମ୍‌କେସିଜି ହୃଦ୍‌ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଛବି ଶତପଥୀ ସୂଚନା ଦେଇଛନ୍ତି। ଏହି ପଦ୍ଧତି ଇଣ୍ଟ୍ରାଭାସ୍କ୍ୟୁଲାର୍ ଅଲ୍‌ଟ୍ରାସାଉଣ୍ଡ୍ (ଆଇଭିୟୁଏସ୍) ସମୟରେ ଲାଇଟ୍ ୱେଭ୍ ଜରିଆରେ ବ୍ଲକେଜ୍‌ର ପ୍ରକୃତ ସ୍ଥିତି ନିର୍ଦ୍ଧାରଣ କରିପାରିବ। ଫଳରେ ରୋଗୀଙ୍କ ଚିକିତ୍ସା ଠିକ୍ ହୋଇପାରିବ ବୋଲି ପ୍ରଫେସର ଶତପଥୀ ସୂଚନା ଦେଇଛନ୍ତି। ଗତ ଫେବୃୟାରୀରେ ଇଣ୍ଟ୍ରାଭାସ୍କ୍ୟୁଲାର୍ ଅଲ୍‌ଟ୍ରାସାଉଣ୍ଡ୍ (ଆଇଭିୟୁଏସ୍) ପଦ୍ଧତିରେ ହୃଦ୍‌ରୋଗୀଙ୍କ ଆଞ୍ଜିଓପ୍ଲାଷ୍ଟି ଆରମ୍ଭ ହୋଇଥିଲା। ଏବେ ଓସିଟି ପଦ୍ଧତିରେ ଆଞ୍ଜିଓପ୍ଲାଷ୍ଟି ଆରମ୍ଭ କରାଯାଇଛି। ଏହି ପଦ୍ଧତି ଦ୍ୱାରା କ୍ୟାଥୋଡରରେ କ୍ୟାମେରା ଓ ଏକ ଲାଇଟ୍ ଏକା ସାଙ୍ଗରେ ଧମନୀରେ ପ୍ରବେଶ କରି ୱେଭ୍ ଦ୍ୱାରା ଧମନୀର ବ୍ଲକେଜ୍ ସ୍ଥାନକୁ ଠିକ୍ ଭାବେ ନିରୂପଣ କରାଯାଇ ପାରିବ। ଫଳରେ ଧମନୀରେ କେଉଁ ଆକାରରେ ଷ୍ଟେଣ୍ଟ୍ ଲାଗିବ ଓ ତାହା ଧମନୀରେ କେତେ ପରିମାଣରେ ଖୋଲିବ ତାହା ଜଣାପଡ଼ିବ। ଏମ୍‌କେସିଜି ହୃଦ୍‌ରୋଗ ବିଭାଗରେ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଯାଇଛି।

## ଦୁର୍ଘଟଣାରେ ଯୁବକ ମୃତ

**ରମ୍ଭା,୧୫।୩:** ରମ୍ଭା ଥାନା ଇଲାକା ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ସଡ଼କ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଲଙ୍ଗ ପଞ୍ଚାୟତ ରାଣିବର ଗ୍ରାମର କେଶବ ପ୍ରଧାନଙ୍କ ପୁଅ ବାବୁଲି (୨୬)। ସନ୍ଧ୍ୟା ୬ଟାରେ ବ୍ରହ୍ମପୁରଠାରୁ କଟକ ଅଭିମୁଖେ ଏକ ଯାତ୍ରୀବାହି କାର (ନଂ ଓଆର୦୨ବିବି ୧୮୫୭) ଦ୍ରୁତ ଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ରମ୍ଭା ତିନି ମୁଣ୍ଡିଆ ଚଣ୍ଡୀପୁର ଛକଠାରୁ କାମ ସାରି ଘରକୁ ଫେରୁଥିବା ଜଣେ ଶ୍ରମିକ ଧକ୍କା ପାଇ ମୃତ୍ୟୁ ଘଟିଥିଲା।

## ମନ୍ଦିର ପରିସରରୁ ଯୁବକଙ୍କ ମୃତଦେହ ଜବତ

**ଛତ୍ରପୁର,୧୫।୩(ଡି.ଏନ.ଏ):** ଛତ୍ରପୁର ସ୍ଥିତ ଗୌରୀ ଶଙ୍କର ମନ୍ଦିର ପରିସରରୁ ଜଣେ ଯୁବକଙ୍କ ମୃତଦେହ ବୁଧବାର ରାତିରେ ଜବତ ହୋଇଛି। ମୃତକ ଜଣକ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ପାଲିଆ ଛତ୍ରପୁର ଗ୍ରାମର ସୁଶାନ୍ତ କୁମାର ଶତପଥି। ମନ୍ଦିରର ବାରଣ୍ଡାରେ ସୁଶାନ୍ତଙ୍କ ମୃତ ପଡ଼ିଥିବା ଦେଖି ସ୍ଥାନୀୟ ବାସିନ୍ଦାମାନେ ଛତ୍ରପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ଦିଗପହଣ୍ଡିରେ ଇଣ୍ଡୋନେସିଆ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଟିମ୍

### ପରିଦର୍ଶନ କଲେ କଇଠଖଣ୍ଡି ପଞ୍ଚାୟତ ଉପ ସ୍ୱାସ୍ଥ୍ୟକେନ୍ଦ୍ର

**ଦିଗପହଣ୍ଡି,୧୫।୩(ଡି.ଏନ.ଏ.)**

ଇଣ୍ଡୋନେସିଆ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ଟିମ୍ ବୁଧବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ପଞ୍ଚାୟତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ରାଜ୍ୟ ଆୟୁର୍ବେଦ ଚିକିତ୍ସାଧିକାରୀ ଡ. ବିଜୟଙ୍କ ନେତୃତ୍ୱରେ ଇଣ୍ଡୋନେସିଆର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଡ. ଫ୍ରେମବ୍ରିଆନା ସ୍ୟାରିଫା, ଫେବି ଅଙ୍ଗାରାଇନୀ, ଶିଜିଟି ସୁଲିଷ୍ଟିୟା ଓ ନିମେଡ ଦିହା ପ୍ରେମାତା ଲକ୍ଷ୍ମଣ ଡି ପ୍ରମୁଖ ପଞ୍ଚାୟତରେ ପହଞ୍ଚି ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡଙ୍କ ସହ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସରପଞ୍ଚଙ୍କ ସହଧର୍ମିଣୀ ପଲ୍ଲବୀ ରାଣୀ ଗୌଡ ଦୂରରୁ ଆସିଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ସେମାନେ ପଞ୍ଚାୟତ ଅଧୀନ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ମିଶନ ଶକ୍ତି ଗୃହ, କିଛି ବିଦ୍ୟାଳୟ ପରିଦର୍ଶନ କରି ଖୁବ୍ ପ୍ରଶଂସା କରିଥିଲେ। ଏଥିସହ ପଞ୍ଚାୟତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରତି ଅମୂଲ୍ୟ ଅବଦାନ ରହିଥିବାରୁ ସରପଞ୍ଚଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡ. ରାମଚନ୍ଦ୍ର ବେହେରା, ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡ. ଶିଶିରକାନ୍ତ ମିଶ୍ର, ଆୟୁର୍ବେଦ ଚିକିତ୍ସକ ଡ. ଅନିଲ କୁମାର ସାହୁ, ଅଜିତ କୁମାର ତିୱାରୀ, ଆୟୁଷ ଡାକ୍ତର ଉତ୍ତରା ପଟ୍ଟନାୟକ, କଇଠଖଣ୍ଡି ଆୟୁର୍ବେଦ ଚିକିତ୍ସକ ଡା. ବିଜୟଲକ୍ଷ୍ମୀ ପୃଷ୍ଟି, ଆୟୁର୍ବେଦ ସହାୟକ ଜସ୍ମିନ ମହାନ୍ତି, ଯୋଗ ପ୍ରଶିକ୍ଷକ ଅନିଲ ପାତ୍ର, ପ୍ରଶିକ୍ଷିକା ଶ୍ରୀମତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ମିଶନ ଶକ୍ତି ମହିଳା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଦସ୍ୟାବୃନ୍ଦ ଉପସ୍ଥିତ ଥିଲେ।


ସରପଞ୍ଚଙ୍କୁ ପୁରସ୍କୃତ କରାଯାଉଛି।

# ଅନ୍ତର୍ଜାତୀୟ ଉପଭୋକ୍ତା ଅଧିକାର ଦିବସ



ଉପଭୋକ୍ତା ଅଧିକାର ଦିବସ ସଭାରେ ମଞ୍ଚାସୀନ ଅତିଥି।

**ନୟାଗଡ଼ ଅଫିସ,୧୫।୩**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆନ୍ତର୍ଜାତୀୟ ଉପଭୋକ୍ତା ଅଧିକାର ଦିବସରେ ସ୍ୱଚ୍ଛ ଶକ୍ତି ସଂକ୍ରମଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାରୂପେ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚର ପୂର୍ବତନ ସଭାପତି ନାରାୟଣ ମହାପାତ୍ର ଯୋଗ ଦେଇ ଥିବାବେଳେ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ, ବୈଧ ମାପ ବିଜ୍ଞାନର ଉପନିୟନ୍ତ୍ରକ ମୋନାଲିସା ରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ବକ୍ତାମାନେ ନିଜ ଭାଷଣରେ କହିଥିଲେ କାହାକୁ ଠକିବା ନାହିଁ। ଅତିରଞ୍ଜିତ ବିଜ୍ଞାପନରେ ଲୋଭଗ୍ରସ୍ତ ନ ହୋଇ ବୁଝି ବିଚାରି କ୍ରୟ କରିବା ଦରକାର। କ୍ରୟ ସମୟରେ ରସିଦ୍, କ୍ୟାସ୍ ମେମୋ ସଂଗ୍ରହ କରିବା ଉଚିତ୍। ସୁନା ଅଳଙ୍କାର, ପେଟ୍ରୋଲ, ଗ୍ୟାସ୍ ଓ ନିତ୍ୟ ବ୍ୟବହାର ଯୋଗ୍ୟ ଉପକରଣ କ୍ରୟ ବେଳେ ଓଜନ, ମାପ, ମୂଲ୍ୟ ପ୍ରତି ଧ୍ୟାନ୍ ଦେବା ଦରକାର। ଅଧିକାର ମାଗିଲେ ମିଳେନା, ତାହାକୁ ହାସଲ କରିବାକୁ ପଡେ। ଖାଉଟି ପ୍ରତି ହେଉଥିବା ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୋଧରେ ସଂଘବଦ୍ଧ ହୋଇ ସ୍ୱର ଉତ୍ତୋଳନ କରନ୍ତୁ। କେବଳ ଆନ୍ତର୍ଜାତୀୟ ଉପଭୋକ୍ତା ଅଧିକାର ଦିବସରେ ଭାଷଣବାଜି ନ କରି ସବୁ ଦିନ ସଚେତନତା ରୁହନ୍ତୁ ଓ ସଚେତନତା ସୃଷ୍ଟି କରାନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଇନଜିବୀ ଚନ୍ଦ୍ର ବିଜୟୀ ମିଶ୍ର ପରିଚାଳନା କରିଥିବାବେଳେ ଖବରଦାତା ରାମକୃଷ୍ଣ ରଥ ଧନ୍ୟବାଦ ଦେଇଥିଲେ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଆସିକା,୧୫।୩(ଡି.ଏନ.ଏ)**

ଆସିକା ବ୍ଲକ ସଭାଗୃହରେ ବୁଧବାର ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଏକ ବୈଠକ ମଧ୍ୟ ହୋଇଥିଲା। ବିଡିଓ ଫକୀର ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ସିଡିପିଓ ଭାରତୀ ମହାପାତ୍ର ଓ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ସମିତିର ସଂଯୋଜକ ଶିବ ପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ଆଇନ, ଶିଶୁମାନଙ୍କ ବିଭିନ୍ନ ସମସ୍ୟା, ଶିଶୁ ଶ୍ରମିକ ପ୍ରଥା, ଯୌନ ନିର୍ଯ୍ୟାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା, ଶିକ୍ଷାରୁ ବଞ୍ଚିତ ହେଉଥିବା ଶିଶୁଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଯତ୍ନବାନ ହେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଗାଁ ସାଥୀଙ୍କ ଜିଲାସ୍ତରୀୟ ବୈଠକ

**ଆସିକା ୧୫।୩(ଡି.ଏନ.ଏ)**

ଗଞ୍ଜାମ ଜିଲା ଗାଁ ସାଥି ସଂଘର ଏକ ଜିଲାସ୍ତରୀୟ ବୈଠକ ବୁଧବାର ସହର ଉପକଣ୍ଠ ପୁଡୁଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ରବିନ୍ଦ୍ର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ରବିନ୍ଦ୍ର କୁମାର ପ୍ରଧାନଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ସାମିଲ ଥିଲେ। ୨୦୦୮ରୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ବ୍ଲକ ପ୍ରଶାସନ ମାଧ୍ୟମରେ ଗ୍ରାମାଞ୍ଚଳରେ ହେଉଥିବା ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟର ନେସନାଲ ମୋବାଇଲ ମନିଟରିଂ ସିଷ୍ଟମ ମାଧ୍ୟମରେ ଫଟୋ ଉଠାଇବା ଓ ହାଜିରା ପକାଇବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଗାଁ ସାଥିମାନଙ୍କୁ ଏଥିରୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରାଯାଇଥିଲା। ତାସାଙ୍ଗଙ୍କୁ ପାରିଶ୍ରମିକ ବାବଦରେ ଅଦ୍ୟାବଧି କୌଣସି ନିତି ପ୍ରଣୟନ କରାଯାଇନଥିବା ଓ କାର୍ଯ୍ୟ କଲେ କାର୍ଯ୍ୟ ଦିବସରେ ଦୈନିକ ୩୭୩ ଟଙ୍କା ଦେବା ଲାଗି ରହିଥିବା ବ୍ୟବସ୍ଥାକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା। ମାସିକ ଅନ୍ତତଃ ପକ୍ଷେ ଗାଁ ସାଥିମାନଙ୍କୁ ୮ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ଏହାସାଙ୍ଗକୁ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଗାଁ ସାଥିମାନେ ସେମାନଙ୍କ ନ୍ୟାର୍ଯ୍ୟ ହକ ହାସଲ ଲାଗି ଐକ୍ୟବଦ୍ଧ ହେବା ଲାଗି ନିବେଦନ କରାଯାଇଥିଲା।

# ୪ଦିନ ହେଲା ନୟାଗଡ଼ରେ ଜଳଯୋଗାଣ ବନ୍ଦ

■ଟରବାଇନ ଅଚଳ ପରେ ଟ୍ରାନ୍ସଫର୍ମର ପୋଡ଼ିଲା
■ଉତ୍କଟ ରୂପ ନେଲା ପାନୀୟଜଳ ସମସ୍ୟା

ନୟାଗଡ଼ ଅଫିସ,୧୫।୩–ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ବଡବାଣପୁରଠାରେ ପାନୀୟଜଳ ପ୍ରକଳ୍ପର ୨ଟି ଟରବାଇନ ନଷ୍ଟ ହେବା ପରେ ନୟାଗଡ଼ ସହରକୁ ପାନୀୟ ଜଳ ଯୋଗାଣ ୪ଦିନ ହେଲା ଠପ୍ ହୋଇ ପଡିଛି। ୧୪ଟି ଟ୍ୟାଙ୍କର ଯୋଗେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳକୁ ହେଉଥିଲେ ମଧ ସମୁଦ୍ରକୁ ଶଙ୍ଖେ। ଏଭଳିସ୍ଥଳେ ଗୋଟିଏ ଟରବାଇନ ମରାମତି ହୋଇଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗୁରୁବାରଠାରୁ ସାମୟିକ ଭାବେ ଜଳଯୋଗାଣ ଆରମ୍ଭ ହେବ ବୋଲି କୁହାଯାଇଛି। ତେବେ ବୁଧବାର ବଡ଼ବାଣପୁରଠାରେ ଗୋଟିଏ ଟ୍ରାନ୍ସଫର୍ମର ପୋଡିଯିବା ପରେ ପୁଣି ପାନୀୟ ଜଳ ଯୋଗାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡବାଣପୁରଠାରେ ମହାନଦୀ ଶର୍ଯ୍ୟାରେ ୨ଟି ପାଣିପମ୍ପ ଓ ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗିଛି। ଗୋଟିଏ ଟ୍ରାନ୍ସଫର୍ମର ସଚଳ ଥିବାବେଳେ ଗୋଟିଏ ଟରବାଇନ ମରାମତି ହେବା ପରେ ଗୋଟିଏ ପାଣିପମ୍ପ ଚାଲିବ। ଅନ୍ୟ ଟରବାଇନ ମରାମତି ପରେ ଟ୍ରାନ୍ସଫର୍ମର ନୂଆ ଲାଗି ନ ଥିଲେ ପୁଣି ପାଣି ସମସ୍ୟା ସମାଧାନ ହେବନି ବୋଲି କୁହାଯାଇଛି।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଲଙ୍କାପୋଡ଼ି କମିଟିର କର୍ମକର୍ତ୍ତା

**ଦଶପଲ୍ଲା:୧୫।୩(ଡି.ଏନ.ଏ.)**

ଦଶପଲ୍ଲା ଶ୍ରୀରଘୁନାଥ ଜୀଉଙ୍କ ଭାରତ ପ୍ରସିଦ୍ଧ ଲଙ୍କପୋଡ଼ି ଯାତ୍ରାକୁ ଲୋକାଭିମୁଖୀ କରିବାକୁ ପ୍ରୟାସ କରାଯାଇଛି। ମଙ୍ଗଳବାର ରାତିରେ ଲଙ୍କପୋଡି ଯାତ୍ରା କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ, ଏନଏସି ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଏନଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ଓ ଲଙ୍କାପୋଡ଼ି ଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଯାତ୍ରାକୁ ଅଧିକ ଜନାଦୃତ କରିବାକୁ ପ୍ରୟାସ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା, ପଲିଶ୍ରୀ ମେଳା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ, ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା, ରାସ୍ତାଘାଟ, ଡ୍ରେନ ସଫେଇ ସଙ୍ଗକୁ ଜିଲାସ୍ତରରୁ ବିଭିନ୍ନ ସାଂସ୍କୃତିକ ଦଳକୁ ପ୍ରେରଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ୩୦ରୁ ୧୭ ଦିନ ଧରି ଅର୍ଥାତ୍ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀରଘୁନାଥ ଜୀଉଙ୍କ ଲଙ୍କାପୋଡି ଯାତ୍ରା ଅନୁଷ୍ଠିତ ହେବ। ରାମଲୀଳା ବିଭିନ୍ନ ପ୍ରସଙ୍ଗ ପାଇଁ ସ୍ୱତନ୍ତ୍ର ମଣ୍ଡପ ନିର୍ମାଣ କରାଯିବ। କୁଞ୍ଜବନ ଗଡ଼ କଳାଗ୍ରାମର ମାନ୍ୟତାକୁ ପ୍ରଶାସନ ସମ୍ମାନ ପ୍ରଦର୍ଶନ ପୂର୍ବକ ଏହି ପ୍ରାଚୀନ କଳା ସଂସ୍କୃତି ଓ ଲୋକନାଟକକୁ ଉଜ୍ଜୀବିତ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ପ୍ରଶାସନ ପକ୍ଷରୁ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୧ ଏପ୍ରିଲ ରାବଣ ବଧ (ଲଙ୍କା ପୋଡ଼ି ଯାତ୍ରା) ର ମୁଖ୍ୟ ଉତ୍ସବ ଓ ପରଦିନ ୧୨ ତାରିଖ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ପରଦିନ ଠାରୁ ୩ ଦିନ ଧରି କୁଆଁରିଆ ମହୋତ୍ସବ–୨୦୨୩ ଓ ମାଗଣା ଅପେରା ଅନୁଷ୍ଠିତ ହେବ।

## ବିଶ୍ୱ ଗ୍ରାହକ ଅଧିକାର ସୁରକ୍ଷା ଦିବସ

**ପାରଳାଖେମୁଣ୍ଡି:୧୫।୩(ଡି.ଏନ୍.ଏ.)**

ଗୋସାଣି ବ୍ଲକ ଅନ୍ତର୍ଗତ ରଣଦେବୀ ଗ୍ରାମରେ ବିଶ୍ୱ ଗ୍ରାହକ ଅଧିକାର ସୁରକ୍ଷା ଦିବସ ବୁଧବାର ପାଳିତ ହୋଇଯାଇଛି। ରୋକମ ଲକାନଥଙ୍କ ପରିଚାଳନାରେ ଜିଲା କାର୍ଯ୍ୟକାରିଣି ସଭାନେତ୍ରୀ ତନୁଜା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ସଦସ୍ୟ ନିଜ ନିଜ ଅଭିଭାଷଣରେ କହିଥିଲେ କି ଖାଉଟିର ଛଅ ଗୋଟି ମୌଳିକ ଅଧିକାର ରହିଛି ଏବଂ ଏଥିରୁ କେହି ବି ବଞ୍ଚିତ ହୋଇପାରିବେ ନାହିଁ। ସେଥିପାଇଁ ବହୁତ ସଚେତନ କାର୍ଯ୍ୟକ୍ରମ ଏବଂ ଦାବିପତ୍ର ପ୍ରଶାସନକୁ ଦିଆଯାଇଛି ଏବଂ ପ୍ରଶାସନ ପକ୍ଷରୁ କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ୫-ଟି ହାଇସ୍କୁଲ ପରିଦର୍ଶନ କଲେ ଜିଲାପାଳ

**ନୟାଗଡ଼ ଅଫିସ,୧୫।୩**

ନୟାଗଡ଼ ଜିଲାପାଳ ବୁଧବାର ଓଡ଼ଗାଁ ବ୍ଲକ ଓ ଏନଏସିରେ ନିର୍ମାଣଧୀନ ଥିବା ୫-ଟି ହାଇସ୍କୁଲ ପରିଦର୍ଶନ କରି ଫେରିଛନ୍ତି। ଓଡ଼ଗାଁ ବ୍ଲକର ଗମ୍ଭାରୀଡିହ ବାଲୁଙ୍କେଶ୍ୱର ହାଇସ୍କୁଲ, ଆଙ୍ଗିସିଙ୍ଗି ଅପଗ୍ରେଡେଡ ହାଇସ୍କୁଲ,ଗୋଡିପଡା ଉଦୟନାଥ ଗାର୍ଲସ ହାଇସ୍କୁଲ, କେଶପାନିଆ ବିବେକାନନ୍ଦ ବିଦ୍ୟାପୀଠ, ଭାଲିଆଡିହି ନୀଳକଣ୍ଠେଶ୍ୱର ହାଇସ୍କୁଲ, ବରସାହି ସରକାରୀ ହାଇସ୍କୁଲ, ଗୋଡିପଲି ଗୋପୀନାଥ ହାଇସ୍କୁଲ, ନନ୍ଦିଘୋର ଗାର୍ଲସ୍ ହାଇସ୍କୁଲ, ବାଣ୍ଟପୁର ସରକାରୀ ହାଇସ୍କୁଲ, କୋରପିଠା ଜନତା ସରକାରୀ ହାଇସ୍କୁଲ, ରାହସ ବିଦ୍ୟାପୀଠ ସାକେରୀ, ଜନଶକ୍ତି ସରକାରୀ ହାଇସ୍କୁଲ ଦେଓଗାଁ ଭାଲିଆଡିହି, ଝାଡସାହି ସରକାରୀ ହାଇସ୍କୁଲ ସମେତ ଓଡ଼ଗାଁ ଏନଏସିର ଓଡ଼ଗାଁ ରଘୁନାଥ ସରକାରୀ ହାଇସ୍କୁଲ ଓ ରାଧାକାନ୍ତ ସରକାରୀ ଗାର୍ଲସ ହାଇସ୍କୁଲ ପ୍ରମୁଖ ୧୫ଟି ସ୍କୁଲକୁ ପରିଦର୍ଶନ କରିଛନ୍ତି। ସେହିଭଳି ଓଡ଼ଗାଁ ବ୍ଲକ ବନ୍ଧସାହିର ଅମୃତ ସରୋବରକୁ ଯାଇ ସମୀକ୍ଷା କରିଥିଲେ। ଶେଷରେ ଓଡ଼ଗାଁ ଇନ୍‌ଡୋର ଷ୍ଟାଡିୟମର କାର୍ଯ୍ୟ ଦେଖିଥିଲେ। ଇନଡୋର ଷ୍ଟାଡିୟମର କାମ ନିକଟରେ ଶେଷ ହୋଇଛି। ଜିଲାପାଳଙ୍କ ସହ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଫିସର ସୁବାସ ଚନ୍ଦ୍ର ରାୟ ସାମିଲ ଥିଲେ।


ପ୍ରକଳ୍ପ ସ୍ଥଳରେ ଜିଲାପାଳ ଓ ଅନ୍ୟମାନେ।

# ଅପରାଧୀଙ୍କୁ ଧରିବାବେଳେ ପୋଲିସ ଉପରକୁ ବୋମାମାଡ଼

■ ଜଣେ ଅଣଓଡ଼ିଆ, ଦୁଇ ମହିଳା, ୩ ଯୁବକ ଅଟକ
■ ୫ ଅଫୁଟା ବୋମା, କାର, ୪ଖଣ୍ଡା, ଗଞ୍ଜେଇ ଜବତ
■ ନିଷ୍କ୍ରିୟ ବେଳେ ବୋମା ଫୁଟି ଜଣେ ଆହତ

**ବ୍ରହ୍ମପୁର ଅଫିସ,୧୫।୩**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ୭ମ ଲାଇନରେ ବୋମାମାଡ଼ ହୋଇଛି। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଧରିବାକୁ ଯାଇ ପୋଲିସକୁ ପାଲଟା ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଅଭିଯୁକ୍ତମାନେ ପୋଲିସ ଉପରକୁ ବୋମମାଡ଼ କରିଛନ୍ତି। ଏଥିରେ କେହି ଆହତ ହୋଇନଥିଲେ ମଧ ବୋମା ନିଷ୍କ୍ରିୟ କରିବାକୁ ଯାଇ ଜଣେ ଅଧିକାରୀ ହୋଇଥିଲେ। ପୋଲିସ ଦୁଇ ମହିଳାଙ୍କ ସମେତ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବାଲିପଡ଼ା ନିକଟ ନରଣପୁର ଗ୍ରାମର ଦୁନିଆ ସାହୁ, ଗୋଇଲୁଣ୍ଡିର ଶ୍ରୀକାନ୍ତ ପଣ୍ଡା ଓ ଆସିକା ନଳବଣ୍ଟାର ରାକେଶ ମିଶ୍ର। ନିମଖଣ୍ଡି ଥାନାରେ ୮୨/୨୩ରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ୭ମ ଲାଇନ୍‌ରେ ଥିବା ସୁରେଶ ବେହେରାଙ୍କ ଘର ଉପରକୁ ପୂର୍ବ ଶତ୍ରୁତା କେନ୍ଦ୍ରକରି ମଙ୍ଗଳବାର ରାତି ପ୍ରାୟ ୩ ଟାରେ ବୋମାମାଡ଼ ହୋଇଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ ମଧ ଅଭିଯୁକ୍ତମାନଙ୍କୁ ଧରିପାରିନଥିଲା। ଉକ୍ତ ଅପରାଧୀମାନେ ଶ୍ରୀକ୍ଷେତ୍ରବିହାର ୧୦ମ ଲାଇନ୍‌ରେ ଏକ ଘର ଭିତରେ ଥିବା ସୂଚନା ପାଇ ପୋଲିସର ଏକ ଟିମ୍ ବୁଧବାର ଉକ୍ତ ଘର ଉପରେ ଚଢ଼ାଉ କରିଥିଲା। ଅପରାଧୀମାନେ ଘରେ ଭିତରେ ପସି କବାଟ ବନ୍ଦ କରି ଦେଇଥିଲେ। ଚାରିପଟୁ ପୋଲିସ ଘେରାଉ କରି ଆତ୍ମସମର୍ପଣ କରିବା ପାଇଁ ଡାକବାଜି ଯନ୍ତ୍ରରେ ନିର୍ଦ୍ଦେଶ ଦେଇଥିଲା। ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ କେହି ନ ବାହାରିବାରୁ ଘରର କବାଟ ଭାଙ୍ଗି ପୋଲିସ ଭିତରେ ପସିବାକୁ ଉଦ୍ୟମ କରିଥିଲା। ସେତିକି ବେଳେ ଅପରାଧୀମାନେ ଦୁଇଟି ବୋମା କବାଟକୁ ଫିଙ୍ଗିଥିଲେ ମଧ କେହି ଆହତ ହୋଇନଥିଲେ। ପୋଲିସ ଘର କବାଟ ଭାଙ୍ଗି ୨ ଜଣ ମହିଳା ଓ ୩ ଜଣ ଯୁବକଙ୍କୁ ଗିରଫ କରିଥିଲା। ସେଠାରୁ ୫ଟି ଅଫୁଟା ବୋମା, ୪ ଖଣ୍ଡା ଜବତ କରିଥିଲା। ଉକ୍ତ ଗ୍ୟାଙ୍ଗର ଅନ୍ୟ କେତେଜଣ ଅପରାଧୀ ଅନ୍ୟ ଏକ ଘରେ ଲୁଚି ରହିଥିବା ସୂଚନା ପାଇ ଚଢ଼ାଉ କରିଥିଲା। ସେଠାରୁ ୭୦କେଜି ଗଞ୍ଜେଇ ସହ ଗୋଟିଏ କାର ଜବତ କରିଥିଲା ଏବଂ ଜଣେ ଅଣ ଓଡ଼ିଆ ଯୁବକଙ୍କୁ ଗିରଫ କରିଥିଲା। ଅପରପକ୍ଷରେ ବୋମା ନିଷ୍କ୍ରିୟ କରିବାକୁ ଯାଇଥିବା ଅଧିକାରୀ ଅଶୋକ ପ୍ରଧାନଙ୍କ ହାତରେ ବୋମା ଫୁଟବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଗିରଫ ଅପରାଧୀଙ୍କୁ ପଚରା ଉଚରା କରାଯାଇ ଆଖପାଖରେ ଥିବା ଅନ୍ୟ ତିନୋଟି ଘରେ ମଧ ପୋଲିସ ଚଢ଼ାଉ କରିଥିଲା। ଗୋଟିଏ ଘରୁ ପପୁ କୁମାର ନାମକ ଜଣେ ବିହାରୀ ଯୁବକଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ ଜଣେ ଖସି ପଳାଇ ଯାଇଛନ୍ତି। ପୋଲିସ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ତନାଘନା ଚଳାଇଛି।


ଜବତ ଖଣ୍ଡା ଓ ବୋମା।


ଅଟକ ଦୁଇ ମହିଳା।


ଅଟକ ଅଣଓଡ଼ିଆ ଯୁବକ।

# ରାସ୍ତାରେ ଡ୍ରାଇଭର



ପେନ୍‌ସନ୍, ବୀମା, ସାମାଜିକ ସୁରକ୍ଷା ଆଦି ୧୦ ଦଫା ଦାବି କରୁଥିବା ଡ୍ରାଇଭରମାନଙ୍କୁ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇଚାଲିଛନ୍ତି। କୌଣସି ଦାବି ପୂରଣ ହୋଇପାରୁନାହିଁ। ଏହା ବିରୋଧରେ ଗାଡ଼ି ଚାଳକମାନଙ୍କର ୬ଟି ସଂଘକୁ ନେଇ ଗଠିତ ଡ୍ରାଇଭର ଏକତା ମହାମଞ୍ଚ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ କରିଛି। ରାଜ୍ୟର କୋଣ ଅନୁକୋଣରେ ଡ୍ରାଇଭରମାନେ ଗାଡ଼ି ଚାଳନାରୁ ନିବୃତ୍ତ ରହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଯାତ୍ରୀବାହୀ ବସ୍, ଅଟୋ ସମେତ ମାଲ୍ ପରିହନ କରୁଥିବା ସମସ୍ତ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକିରହି ହନ୍ତସନ୍ତ ହୋଇଛନ୍ତି। ମାଲ୍ ପରିବହନ ମଧ ବହୁମାତ୍ରାରେ ପ୍ରଭାବିତ ହୋଇଛି। ସରକାର ଦାବି ପୂରଣ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ କୁହାଯାଇଛି।





ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହିଥିବା ଯାତ୍ରୀ।

ଭୁବନେଶ୍ୱର ତମାଣ୍ଡୋସ୍ଥିତ ଜାତୀୟ ରାଜପଥରେ ଗାଡ଼ି ଅଟକାଇ ଧାରଣାରେ ବସିଥିବା ଡ୍ରାଇଭରମାନେ।



ଭୁବନେଶ୍ୱର ବରମୁଣ୍ଡାରେ ଅଟକି ରହିଥିବା ବସ୍।




ଆନ୍ଦୋଳନ ଯୋଗୁ ଭୁବନେଶ୍ୱରରେ ଚଳାଚଳ କରୁ ନ ଥିବା ଅଟୋରିକ୍ସା।



କଟକ ବାଦାମବାଡ଼ି ଛକରେ ଗାଡ଼ିକୁ ଅପେକ୍ଷା କରିଥିବା ଯାତ୍ରୀମାନେ।













ଅନ୍ୟ ଯାତ୍ରୀବାହୀ ଗାଡ଼ି ବନ୍ଦ ଥିବାରୁ କଟକ ବାଦାମବାଡ଼ି ଛକରେ ଲୋକେ ମୋ ବସ୍‌ରେ ଯିବା ପାଇଁ ଭିଡ଼ ଲଗାଇଛନ୍ତି।











ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ 'ଭାରତ ଜାଗୃତି' ପକ୍ଷରୁ ଆୟୋଜିତ ଏକ ଗୋଲ୍ ଟେବୁଲ ସମ୍ମିଳନୀରେ ଭାରତ ରାଷ୍ଟ୍ର ସମିତି ନେତ୍ରୀ କେ. କବିତାଙ୍କ ସହ ଅନ୍ୟମାନେ।

# ଉଦ୍ଧବଙ୍କ ହାତ ଛାଡ଼ିଲେ ଘନିଷ୍ଠ ସହଯୋଗୀ

ପୁଣେ,୧୫।୩

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ପୁଣି ଏକ ବଡ଼ ଝଟ୍‌କା ଲାଗିଛି। ଉଦ୍ଧବଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦୀପକ ସାୱନ୍ତ ବୁଧବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ଦୀପକ ପ୍ରକୃତ ଶିବସେନାରେ ଯୋଗ ଦେବା ପରେ ଶିନ୍ଦେ କହିଛନ୍ତି, ଆମେ ତାଙ୍କୁ ପାର୍ଟିକୁ ସ୍ୱାଗତ କରୁଛୁ ଏବଂ ଏଥିରୁ ଆମେ ଉପକୃତ ହେବୁ। କିଛିଦିନ ହେବ ଅନେକ ନେତା ଉଦ୍ଧବଙ୍କ ହାତ ଛାଡି ଶିନ୍ଦେ ଗୋଷ୍ଠୀରେ ସାମିଲ ହେଉଥିବା ଦେଖାଯାଇଛି। ନିକଟରେ ବରିଷ୍ଠ ନେତା ସୁବାଷ ଦେଶାଇଙ୍କ ପୁଅ ଭୂଷଣ ମଧ୍ୟ ଶିନ୍ଦେ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଦଳରେ ଚାଲିଥିବା ମତଭେଦ ମଧ୍ୟରେ ଉଦ୍ଧବ ଭାଜପା ଏବଂ ଶିନ୍ଦେ ଗୋଷ୍ଠୀକୁ ଟାର୍ଗେଟ କରିଛନ୍ତି। ବୁଧବାର ମୁମ୍ବାଇରେ ଭାଜପାକୁ ଆତଙ୍କବାଦୀ ଅଫଜଲ୍ଲ ଖାଁଙ୍କ ସହ ତୁଳନା କରି ସେ କହିଛନ୍ତି, ଭାରତ ଉପରେ ଆକ୍ରମଣ କରିବା ସମୟରେ ଅଫଜଲ ଯେଉଁଭଳି ଭାବରେ ଲୋକଙ୍କ ଘର ଭାଙ୍ଗିଥିଲେ, ଭଗବାନଙ୍କ ମନ୍ଦିରକୁ ନଷ୍ଟ କରିଦେଇଥିଲେ, ଆଜି ଭାଜପା ସମାନ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ ମାସରେ ଏକନାଥ ଶିନ୍ଦେ ଉଦ୍ଧବ ଠାକରେଙ୍କ ସହ ଅଲଗା ହୋଇ ଭାଜପା ସହିତ ସରକାର ଗଠନ କରିଥିଲେ। ଶିନ୍ଦେ ନିଜେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରେ ପ୍ରକୃତ ଶିବସେନାକୁ ନେଇ ବିବାଦ ଲାଗି ରହିଥିଲା। ପରବର୍ତ୍ତୀ ସମୟରେ ନିର୍ବାଚନ ଆୟୋଗ ଶିନ୍ଦେ ଦଳକୁ ପ୍ରକୃତ ଶିବସେନା ଭାବରେ ସ୍ୱୀକୃତି ଦେଇଛନ୍ତି।



ପୂର୍ବତନ ମନ୍ତ୍ରୀ ଦୀପକ ସାୱନ୍ତଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ।

# ଭର୍ତ୍ତୃହରିଙ୍କୁ ନେଇ ଭାଜପା-ବିଜେଡି ବୟାନବାଜି

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

**■ପ୍ରଧାନମନ୍ତ୍ରୀ ତାଙ୍କୁ ଉପବାଚସ୍ପତି କରିଥାଆନ୍ତେ ହେଲେ ବିଜେଡି ବିରୋଧ କଲା:ଜୟନାରାୟଣ**
**■ଭର୍ତ୍ତୃହରିଙ୍କୁ କୌଣସି ପ୍ରକାର ଅବହେଳା କରାଯାଉନି: ଭାଗୀରଥି**
**■ତାଙ୍କ ଦଳ କଥାରେ ସେମାନେ ନିଷ୍ପତ୍ତି ନେବେ: ମୋକିମ**

ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ନେଇ ଏବେ ବିଜେଡି ଓ ଭାଜପା ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଦିଲ୍ଲୀଠାରେ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଭର୍ତ୍ତୃହରିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଶଂସା ଏବଂ ବିଜେଡିକୁ କଟାକ୍ଷ ପରେ ଏଭଳି ରାଜନୈତିକ ବୟାନବାଜି ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସମାନ ଆଭିମୁଖ୍ୟ ଗ୍ରହଣ କରି ଭର୍ତ୍ତୃହରିଙ୍କୁ ପ୍ରଶଂସା କରିଛନ୍ତି। ଜଣେ ବିଜେଡି ଏମ୍‌ପିଙ୍କ ସପକ୍ଷରେ ଭାଜପାର ଏଭଳି ଆଭିମୁଖ୍ୟ ପରେ ଭର୍ତ୍ତୃହରିଙ୍କ ଆଗାମୀ ରାଜନୈତିକ ନିଷ୍ପତ୍ତି ନେଇ ଆଲୋଚନା ଜୋର ଧରିଛି।

ଜୟନାରାୟଣ କହିଛନ୍ତି, ଭର୍ତ୍ତୃହରି ଜଣେ ଜ୍ଞାନୀ ଲୋକ। ତାଙ୍କର ଲୋକ ସଭା ପ୍ରଦର୍ଶନ ଅତ୍ୟନ୍ତ ଭଲ। ପ୍ରଧାନମନ୍ତ୍ରୀ ତାଙ୍କୁ ଉପବାଚସ୍ପତି କରିବା ଲାଗି ଚାହିଁଥିଲେ, କିନ୍ତୁ ସେ ହୋଇପାରିଲେ ନାହିଁ। ତାଙ୍କ ଦଳ ତରଫରୁ ଏଥିଲାଗି ଭର୍ତ୍ତୃହରିଙ୍କୁ ବିରୋଧ କରାଗଲା। ଏବେ ଯେଉଁମାନେ ରାଜ୍ୟ ଶାସନରେ ଅଛନ୍ତି ସେମାନେ ହିଁ କୌରବ। ଆମେ ପାଣ୍ଡବ ନା ନାହିଁ ଜାଣିନି କିନ୍ତୁ ଆମେ ଧର୍ମ ମାର୍ଗରେ ଅଛୁ ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ଭର୍ତ୍ତୃହରି ବାବୁଙ୍କୁ କୌଣସି ପ୍ରକାର ଅବହେଳା କରାଯାଉନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କ ସହିତ ସୁସମ୍ପର୍କ ରଖିଛନ୍ତି। ସେ ଦଳରେ ବର୍ତ୍ତମାନ ଅଛନ୍ତି ଆଗକୁ ମଧ୍ୟ ରହିବେ। ପାଣ୍ଡବ ତ ସବୁବେଳେ ନ୍ୟାୟ ଧର୍ମରେ ଅଛନ୍ତି। ବିଜେଡି ସବୁବେଳେ ନ୍ୟାୟ ଧର୍ମରେ ରହିଛି। ତେଣୁ ସେମାନେ ଓଡ଼ିଶା ପାଇଁ ସବୁବେଳେ ଶକୁନିର କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ଦୀର୍ଘଦିନ ହେଲା ଭର୍ତ୍ତୃହରି ବାବୁ କଟକ ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାସହ ବହୁ ପାର୍ଲାମେଣ୍ଟର ବିଭିନ୍ନ କମିଟିରେ ଉଚ୍ଚ ପଦପଦବୀରେ ଅଛନ୍ତି। ଜଣେ ଜ୍ଞାନୀ ଲୋକଙ୍କୁ ସମସ୍ତେ ପ୍ରଶଂସା କରିବେ ଏବଂ ଯେଉଁମାନେ ତାଙ୍କୁ ସହ୍ୟ କରିପାରୁ ନାହାନ୍ତି ସେମାନେ ତାଙ୍କୁ ନିନ୍ଦା କରିବେ। ତେଣୁ ଏହା ପ୍ରକୃତିର ସୃଷ୍ଟି, ତାଙ୍କ ଦଳ କଥାରେ ସେମାନେ ନିଷ୍ପତ୍ତି ନେବେ ବୋଲି ମୋକିମ୍ କହିଛନ୍ତି।

ସୂଚନାଯୋଗ୍ୟ, ଧର୍ମେନ୍ଦ୍ର ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କହିଥିଲେ ଯେ, ୬ ଥର ଏମ୍‌ପି ଭାବେ ଜିତିଥିବା ନେତାଙ୍କୁ କେହି ଜଣେ ଯଦି କହିବ ସେ କାଉନସିଲର୍ ଜିତିପାରିବନି ତେବେ କ'ଣ ହେବ। ଏମିତି ମଝିରେ ମଝିରେ ହୁଏ। ଭର୍ତ୍ତୃହରିବାବୁଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଏବଂ ଦଳମତ ନିର୍ବିଶେଷରେ ଆଦର ରହିଛି ବୋଲି ଧର୍ମେନ୍ଦ୍ର କହିଥିଲେ। ଏହାର ଉତ୍ତରରେ ଭର୍ତ୍ତୃହରି କହିଥିଲେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ କାଲେ ମୋର ଅସୁବିଧା ହୋଇଯିବ ସେଥିଲାଗି ରହି ରହିକି କିଛି କହିଲେ ଆଉ ଅନେକ କଥା କହିଲେନି। ସେଥିଲାଗି ସେ ବସିବା ବେଳେ କହିଲି ଯାହା କହୁଥିଲେ ଟିକେ ଖୋଲିକି କହିଲେନି ବୋଲି ଭର୍ତ୍ତୃହରି କହିଥିଲେ।

# ତେଲଙ୍ଗାନା ଇଟାଭାଟିରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ୨ ସର୍ଦ୍ଦାର ଗିରଫ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

**■ବିଧାନସଭାରେ ବିବୃତି ରଖିଲେ ଶ୍ରମ ମନ୍ତ୍ରୀ**
**■ମୃତକ ପରିବାରକୁ ରେଡ୍‌କ୍ରସରୁ ୧୫ ହଜାର ସହାୟତା**

ତେଲଙ୍ଗାନାରେ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ମୃତ୍ୟୁ ଘଟଣାରେ ୨ ଜଣ ସର୍ଦ୍ଦାରଙ୍କ ନାମରେ ମକଦ୍ଦମା ରୁଜୁହେବା ସହ ସେମାନଙ୍କୁ ଗିରଫ କରାଯାଇଛି। ବୁଧବାର ବିଧାନସଭାରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏହି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୃହରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତି, ମୃତକଙ୍କ ପରିବାରକୁ ୩ ହଜାର ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଜିଲା ରେଡ୍‌କ୍ରସ ତରଫରୁ ୧୫ ହଜାର ଟଙ୍କାର ସହାୟତା ଦିଆଯାଇଛି। ଏହାଛଡ଼ା ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯିବା ସହ ବିଧବା ଭତ୍ତା ଓ ମୃତକଙ୍କ ପରିବାରଙ୍କୁ ଏନ୍‌ଏଫ୍‌ବିଏସ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମୃତକଙ୍କ ପିଲାମାନଙ୍କୁ ବିଜୁ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କଂଗ୍ରେସ ଦଳ ପକ୍ଷରୁ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଥିସହ ଦଳ ପକ୍ଷରୁ ବାଚସ୍ପତିଙ୍କ ରୁଲିଂ ଦାବି କରାଯାଇଥିଲା। ବାଚସ୍ପତି ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତି, ବଲାଙ୍ଗୀର ଶ୍ରମ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ସହକାରୀ ଶ୍ରମ ଅଧିକାରୀଙ୍କୁ ଗତ ମାର୍ଚ୍ଚ ୧୦ ତାରିଖରେ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରମ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ବାଗଦୋର ଗ୍ରାମର ଶୁକଦେବ ପାରାଭୁଏ, ସ୍ତ୍ରୀ ଉଷା ପାରାଭୁଏ, ଝିଅ କୈକେଇ ପାରାଭୁଏ ଏବଂ ପୁଅ ପବିତ୍ର ପାରାଭୁଏ ୨୦୨୨ ଅକ୍ଟୋବରରେ ବେଆଇନ ଭାବେ ଦୁଇଜଣ ସର୍ଦ୍ଦାରଙ୍କ ମାଧ୍ୟମରେ ଅନ୍ୟ ଗ୍ରାମର ୧୨ ଜଣ ପ୍ରବାସୀ ଶ୍ରମିକଙ୍କ ସହ ତେଲଙ୍ଗାନା ରାଜ୍ୟକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ଶ୍ରମିକ ସର୍ଦ୍ଦାର ଘନ ସା ଏବଂ ବିଦ୍ୟାଧର ସାହୁଙ୍କଠାରୁ ପ୍ରତ୍ୟେକ ୩୫୦୦ ଟଙ୍କା ଅଗ୍ରିମ ନେଇଥିଲେ। ସମସ୍ତ ଶ୍ରମିକ ତେଲଙ୍ଗାନାର ପେଦାପଲ୍ଲି ଜିଲା ଅନ୍ତର୍ଗତ କାଟନାପାଲିଠାରେ ଥିବା ଇଟାଭାଟିରେ ନିୟୋଜିତ ହୋଇଥିଲେ। ଉଷା ପାରାଭୁଏଙ୍କ ବୟାନ ଅନୁଯାୟୀ ମୃତ ଶୁକଦେବ ପାରାଭୁଏ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ମାର୍ଚ୍ଚ ୮ ତାରିଖ ସକାଳେ ଇଟାଭାଟିରେ କାମ କରିବା ସମୟରେ ସେ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ବୟାନ ରେକର୍ଡ କରିଥିଲେ। ଶୁକଦେବ ପାରାଭୁଏଙ୍କ ମୃତ ଶରୀର ଏବଂ ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କୁ ତେଲଙ୍ଗାନା ରାଜ୍ୟରୁ ନିଜ ଗ୍ରାମକୁ ପ୍ରଶାସନ ସହଯୋଗରେ ଗତ ମାର୍ଚ୍ଚ ୯ ତାରିଖରେ ଅଣାଯାଇଛି। ଏହାଛଡ଼ା ଅନ୍ୟ ୮ ଜଣ ଶ୍ରମିକ ମଧ୍ୟ ନିଜ ଗ୍ରାମକୁ ଫେରିଆସିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତି ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭା ଶୂନ୍ୟକାଳରେ କହିଥିଲେ, ଏହା କେବଳ ଗୋଟିଏ ଘଟଣା ନୁହେଁ। ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ ଲକ୍ଷ ଲକ୍ଷ ଲୋକ ଆନ୍ଧ୍ର ଓ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାର କେବଳ ରେଡ୍‌କ୍ରସରୁ ସହାୟତା ଦେଇ ଆତ୍ମସନ୍ତୋଷ ଲାଭ ନ କରି ଜିଲାରେ କାରଖାନା ପ୍ରତିଷ୍ଠା କରି ଲୋକଙ୍କୁ ରୋଜଗାର ଦେବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି।

# ୧୧,୯୨୯ ସ୍କୁଲଘର ବିପଦସଙ୍କୁଳ

**■ବିଧାନସଭାରେ ଉଦ୍‌ବେଗ**
**■ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି: ମନ୍ତ୍ରୀ**

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟରେ ୧୧,୯୨୯ ସ୍କୁଲଘର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏସବୁ ଅସୁରକ୍ଷିତ ଶ୍ରେଣୀ ଗୃହ ଭାଙ୍ଗିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ବୁଧବାର ବିଧାନସଭା ପ୍ରଶ୍ନକାଳରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଥିବା ବିପଦସଙ୍କୁଳ ସ୍କୁଲଗୁଡ଼ିକର ମରାମତି ପାଇଁ ପଞ୍ଚାୟତିରାଜ ବିଭାଗକୁ କୁହାଯାଇଛି। ଏହାଛଡ଼ା ବିଭିନ୍ନ ସ୍କୁଲ ପାଇଁ ମୋଟ୍ ୭୭ ହଜାର ୯୩୧ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯିବ। ୨୦୨୨-୨୩ରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ୩୬୮୩ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥିରୁ ୧୦୦୩ ଶ୍ରେଣୀଗୃହ ନିର୍ମାଣ କରିବାକୁ ୧୧୮୫୫.୪୬ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ମୋ ସ୍କୁଲ ଅଭିଯାନ ଅଧୀନରେ ପୁରାତନ ଛାତ୍ରୀଛାତ୍ରଙ୍କ ଆର୍ଥିକ ସହାୟତା ଓ ରାଜ୍ୟ ସରାରଙ୍କ ୨ ଗୁଣା ଆର୍ଥିକ ଅନୁଦାନକୁ ମିଶାଇ ୪୭୫୪ ସ୍କୁଲର ଶ୍ରେଣୀଗୃହ ମରାମତି ପାଇଁ ୮୯,୯୮,୭୭୫ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ଅମର ଶତପଥୀ ଅତିରିକ୍ତ ପ୍ରଶ୍ନରେ କହିଲେ, ରାଜ୍ୟରେ କେତେ ସ୍କୁଲ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ କହିଲେ, ପିଲାମାନେ ଭଙ୍ଗାଦଦରା ଘରେ ପଢୁଛନ୍ତି। ସେଗୁଡ଼ିକ ଭାଙ୍ଗି ନୂଆ ଘର କରିବେ କି। ଭାଜପା ସଭ୍ୟ ପ୍ରକାଶ ସୋରେନ, ସନାତନ ବିଜୁଳି, ବିଜେଡି ସଭ୍ୟ ଅରବିନ୍ଦ ଢାଲି, କଂଗ୍ରେସ ସଭ୍ୟ ରାଜେନ ଏକ୍କା ପ୍ରମୁଖ ସ୍କୁଲ ଘରଗୁଡ଼ିକର ଦୟନୀୟ ଅବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାରୀ ସ୍କୁଲକୁ ବିଧାୟକ ପାଣ୍ଠିରୁ ସାହାଯ୍ୟ କରି ହେଉଛି। ମାତ୍ର ଭଲ ପାଠ ପଢ଼ାଯାଉଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ବିଧାୟକ ପାଣ୍ଠିରୁ ସାହାଯ୍ୟ କରି ହେଉନି। ମନ୍ତ୍ରୀ କହିଲେ, ରାଜ୍ୟରେ କୌଣସି ସ୍କୁଲ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିବ ନାହିଁ। ପଞ୍ଚାୟତିରାଜ ଅନୁଷ୍ଠାନ ଜରିଆରେ ସେଗୁଡିକ ମରାମତି କରାଯାଉଛି। ତେବେ ୨୦୧୪ରୁ ଏଭଳି ସ୍କୁଲ ଘରଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ୪୮.୬୫ ଲକ୍ଷ ଚାଷୀ, ୯୫ ହଜାର ଭାଗଚାଷୀ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

୨୦୧୫-୧୬ କୃଷି ଜନଗଣନା ଅନୁସାରେ ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀ ଅଛନ୍ତି। ଭାଗ ଚାଷୀଙ୍କ ପାଇଁ ରାଜ୍ୟରେ ବଳରାମ ଯୋଜନା କାର୍ଯ୍ୟକାରୀ କରାଯାଉଛି। ରାଜ୍ୟରେ ଭାଗଚାଷୀ ଚିହ୍ନଟ କରିବା କଷ୍ଟକର ବ୍ୟାପାର। ଆଜି ଯିଏ ଜମି ଭାଗ ନେଇ ଚାଷ କରୁଛନ୍ତି ତାହାକୁ କାଲି ଅନ୍ୟ କିଏ କରୁଛନ୍ତି। ସେଭଳି କ୍ଷେତ୍ରରେ ଭାଗଚାଷୀଙ୍କୁ ଚିହ୍ନଟ କରିବା ସମ୍ଭବ ନୁହେଁ। ରାଜ୍ୟ ସରକାର କୃଷି ଓ କୃଷକଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସମସ୍ତ ଯୋଜନାରେ ପ୍ରକୃତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ଏଥିଯୋଗୁ ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଉଛି। ଜାତୀୟ ପରିସଂଖ୍ୟାନ ସଂସ୍ଥା ଦ୍ୱାରା ସାମୟିକ ରୂପେ କୃଷି ଦ୍ୱାରା ମାସିକ ଆୟର ଆକଳନ କରାଯାଇଥାଏ। ୨୦୧୨ରେ ଚାଷୀଙ୍କ ଆୟ ମାସିକ ୪୯୭୬ ଥିବା ବେଳେ ୨୦୧୯ରେ ମାସିକ ଆୟ ୫୧୧୨ ଟଙ୍କା ଥିଲା। ତେବେ ୨୦୧୨-୧୩ ମାସିକ ଆୟ ସହ ୨୦୧୮-୧୯ ମାସିକ ଆୟ ତୁଳନୀୟ ହୋଇ ନ ପାରେ। କାରଣ ୨୦୧୮-୧୯ରେ ୨ଟି ବାତ୍ୟା ହୋଇଥିଲା। ୨୦୧୮ରେ ରାଜ୍ୟ ମରୁଡ଼ିର ସମ୍ମୁଖୀନ ହୋଇଥିଲା। ଏହି ସମୟରେ କୃଷି କ୍ଷେତ୍ର, ପ୍ରାଣୀପାଳନ ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ଚାଷୀଙ୍କ ଆୟ କମି ଯାଇଥିଲା। କୃଷକ ପରିବାରର ମାସିକ ଆୟରେ ଥିବା ଅସଙ୍ଗତି ଦୂର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ ମୂଳ ପ୍ରଶ୍ନରେ ନଂ. ୨୭୧ରେ ପଚାରିଥିଲେ ଯେ ରାଜ୍ୟ ସରକାର ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେଉନାହାନ୍ତି କାହିଁକି। ଚାଷୀଙ୍କ ଆୟ ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାରେ କମ୍ କାହିଁକି। ବିଜେଡି ସଭ୍ୟ ସୁନନ୍ଦା ଦାସ ବରି ନିର୍ବାଚନମଣ୍ଡଳୀରେ ସହାୟକ କୃଷି ଅଧିକାରୀ, ଜିଲା କୃଷି ଅଧିକାରୀ ପଦବୀ ଖାଲି ରହିଛି। କେବେ ସୁଦ୍ଧା ସେ ପଦବୀଗୁଡ଼ିକ ପୂରଣ ହେବ ବୋଲି ପଚାରିଥିଲେ। ଭାଜପା ସଭ୍ୟ ଭାସ୍କର ମଢ଼େଇ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ କହିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ରାଜ୍ୟରେ ଭାଗ ଚାଷୀ କିଏ ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ଦାଶରଥି ଗମାଙ୍ଗ, ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ସ୍ୱରୂପ ଦାସ, ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ ପ୍ରମୁଖ ରାଜ୍ୟରେ ଚାଷୀ, ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା କେତେ। କୃଷି ବିଭାଗରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି। ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଚାଷୀଙ୍କ ଆୟ ବଢ଼ାଇବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ୩୯ଟି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କେନ୍ଦ୍ର ପ୍ରବର୍ତ୍ତିତ ୧୧ଟି ଯୋଜନା କାର୍ଯ୍ୟକାରୀ କରାଯାଉଛି। ପୂର୍ବରୁ ଭାଗଚାଷୀ କିଛି ପାଉ ନ ଥିଲେ। ଏବେ ସମସ୍ତ ସୁବିଧା ପାଉଛନ୍ତି। ଭାଗ ଚାଷୀଙ୍କୁ ଜମି ଅଧିକାର ଦେବା ଅନ୍ୟ ଏକ ବିଷୟ। ସେ ନେଇ ବିତର୍କ ହେବାର ଆବଶ୍ୟକତା ରହିଛି। ଭାଗଚାଷୀଙ୍କୁ ଚିହ୍ନଟ କରିବା ସହଜ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ଆଶାକର୍ମୀ

**■ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ**
**■ଜାରି ରହିବ ଦିବା ରାତ୍ର ଧାରଣା**



ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି, ୱାର୍କର ମାନ୍ୟତା ସମେତ ବିଭିନ୍ନ ଦାବି ନେଇ ଆଶା କର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମୌସମ)

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଭତ୍ତା ବୃଦ୍ଧି, ୱାର୍କର ମାନ୍ୟତା ସମେତ ୧୨ ଦଫା ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଶା କର୍ମୀ। ବୁଧବାର ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଏବଂ ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘକୁ ନେଇ ଗଠିତ ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚାର ଆହ୍ୱାନକ୍ରମେ ହଜାର ହଜାର ଆଶା କର୍ମୀ ଶୋଭାଯାତ୍ରାରେ ଆସି ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ମୋର୍ଚ୍ଚା ଆବାହକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେତୃବୃନ୍ଦ ସରକାରଙ୍କ ଅଣଦେଖାର ତୀବ୍ର ପ୍ରତିବାଦ କରିଥିଲେ। ଚଳିତ ବଜେଟ୍‌ରେ ଆଶାକର୍ମୀଙ୍କ ସମସ୍ୟା ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ପରେ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ, ଉପସାଧାରଣ ସମ୍ପାଦିକା ମାତିଲଦା କୁଲୁ ଓ ଉମି ଗୁପ୍ତା, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଲକ୍ଷ୍ମୀ ମହାରଣା ପ୍ରମୁଖ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭେଟି ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ତେବେ ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ଦିବାରାତ୍ର ଆନ୍ଦୋଳନ ଜାରି ରହିବ ବୋଲି ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ଚେତାବନୀ ଦିଆଯାଇଛି।

ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ମାସିକ ଭତ୍ତା ଧାର୍ଯ୍ୟ ସହ ମାସିକ ସୁନିଶ୍ଚିତ ଭତ୍ତା ୨୫୦୦ ଟଙ୍କା ଓ ମାସିକ ସୁନିଶ୍ଚିତ ପ୍ରୋତ୍ସାହନ ରାଶି ୨୩୦୦ ଟଙ୍କା ପ୍ରଦାନ ସହ ଆର୍‌ଏମ୍‌ଏସି, ଏଏଚ୍, ଏନ୍‌ଡିସିପି, ଏନ୍‌ସିଡି ଆଦି ସାମିଲ କରିବାକୁ ଦାବି ହୋଇଛି। ସେହିପରି ସମସ୍ତ ଆଶାଙ୍କୁ ସିଏଚ୍‌ଓ ସେଣ୍ଟର ବାବଦରେ ଦେୟ ପ୍ରଦାନ ଏବଂ ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ଅବସର ବୟସ ୬୨ ପରିବର୍ତ୍ତେ ୬୫ ସହ ଅବସରକାଳୀନ ସହାୟତା ରାଶି ୫ଲକ୍ଷକୁ ବୃଦ୍ଧି, ଅବସରକାଳୀନ ଭତ୍ତା, ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷକୁ ବୃଦ୍ଧି, ଗ୍ରାମାଞ୍ଚଳରେ ଜନନୀ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ହାରରେ ସହରାଞ୍ଚଳର ଆଶାମାନଙ୍କୁ ଅନୁଦାନ ବୃଦ୍ଧି, ସଂସଦୀୟ କମିଟିର ସୁପାରିସ ଅନୁସାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୦୧୧ ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଏଏନ୍‌ଏମ୍ ନିଯୁକ୍ତି ପ୍ରକ୍ରିୟାରେ ଆଶାକର୍ମୀଙ୍କ ମଧ୍ୟରୁ ୫୦ ପ୍ରତିଶତ ସଂରକ୍ଷଣ ଧାର୍ଯ୍ୟ କରି ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ଶିକ୍ଷାଗତ ଯୋଗ୍ୟତା ଓ ୫ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ନର୍ସିଂ ସ୍କୁଲ ଓ କଲେଜରେ ତାଲିମ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା, କାର୍ଯ୍ୟର ମୂଲ୍ୟାୟନ ସହ ସମସ୍ୟାର ସମାଧାନ ପାଇଁ ପ୍ରତି ୩ମାସରେ ଥରେ ଆଶା ସମ୍ମିଳନୀ କିମ୍ବା ଆଶା ଦିବସ ସଂଗଠିତ କରିବା ପାଇଁ ଏଆଇଏସ୍‌ଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଦାବି କରିଛନ୍ତି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଆଶାକର୍ମୀଙ୍କୁ ବୀମାଭୁକ୍ତ କରିବା, ସାମାଜିକ ସୁରକ୍ଷା ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ସହ ପ୍ରତି ଆଶାକର୍ମୀଙ୍କୁ ବର୍ଷକୁ ଥରେ କଣ୍ଟିଜେନ୍‌ସି ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ ଆଦି ରହିଛି। ସେହିପରି ଦୁଇ ବର୍ଷରେ ଥରେ ସାଇକେଲ ପ୍ରଦାନ ଓ ସାଧାରଣ ମୋବାଇଲ୍ ବଦଳରେ ସ୍ମାର୍ଟ ଫୋନ୍ ପ୍ରଦାନ, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନାରେ ବୟସ ସୀମା ନ ରଖି ସମସ୍ତଙ୍କୁ ପେନ୍‌ସନ୍‌ଭୁକ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ: କ୍ରମାଗତ ୫ମ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୪ (୩୪୪.୨୯) ପଏଣ୍ଟ ହ୍ରାସ ଘଟି ୫୭,୫୫୬(୫୭,୫୫୫.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୧ (୭୧.୧୫) ପଏଣ୍ଟ ଖସି ୧୬,୯୭୨ (୧୬,୯୭୨.୧୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଫେବୃୟାରୀରେ ରପ୍ତାନି ୮.୮% ହ୍ରାସ

## ଲଗାତାର ୩ୟ ଥର ଲାଗି ହ୍ରାସ

ନୂଆଦିଲ୍ଲୀ,୧୫।୩



କ୍ରମାଗତ ୩ୟ ମାସ ଲାଗି ଭାରତୀୟ ରପ୍ତାନି କ୍ଷେତ୍ରରେ ହ୍ରାସ ଦେଖିବାକୁ ମିଳିଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ବୈଶ୍ୱିକ ମାନ୍ଦାବସ୍ଥା ଯୋଗୁ ଦେଶର ରପ୍ତାନି ହାରରେ ହ୍ରାସ ଘଟିଛି। ଏପରିକି ଚଳିତ ବର୍ଷ ଫେବୃୟାରୀରେ ଦେଶର ରପ୍ତାନି ପରିମାଣ ୮.୮% ହ୍ରାସ ଘଟିଥିବା ଜଣାପଡିଛି। ଏ ନେଇ ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ମଧ୍ୟ ଦିଆଯାଇଛି। ସେହିଭଳି ୨୦୨୩ ଫେବୃୟାରୀରେ ଦେଶର ରପ୍ତାନି ପରିମାଣ ୩୩.୮୮%କୁ ଖସିଛି, ଯେତେବେଳେ କି ୨୦୨୨ ଫେବୃୟାରୀରେ ଦେଶର ରପ୍ତାନି ହାର ୩୭.୧୫% ରହିଥିଲା। ଏପରିକି ଚଳିତ ବର୍ଷ ଫେବୃୟାରୀରେ ଦେଶର ବାଣିଜ୍ୟିକ କ୍ଷତି ହ୍ରାସ ପାଇ ୧୭.୪୩ ବିଲିୟନ ଡଲାରରେ ରହିଛି। ଅପରପକ୍ଷରେ ଚଳିତ ବର୍ଷ ଫେବୃୟାରୀ ଆମଦାନୀରେ ମଧ୍ୟ ୮.୨୧% ହ୍ରାସ ହୋଇଛି। ୨୦୨୩ ଫେବୃୟାରୀରେ ଦେଶର ଆମଦାନୀ ୫୧.୩୧ ବିଲିୟନ ଡଲାର ହୋଇଛି, ଯାହା ୨୦୨୨ ଫେବୃୟାରୀରେ ୫୫.୯ ବିଲିୟନ ଡଲାର ଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷ (ଏପ୍ରିଲରୁ ଫେବୃୟାରୀ) ର ୧୧ ମାସ ସମୟ ମଧ୍ୟରେ ଦେଶରୁ ସମୁଦାୟ ରପ୍ତାନି ୭.୫% ବୃଦ୍ଧି ଘଟି ୪୦୫.୯୪ବିଲିୟନ ଡଲାରରେ ରହିଛି। ଏହି ସମୟ ମଧ୍ୟରେ ଦେଶର ଆମଦାନୀ ୧୮.୮୨% ବୃଦ୍ଧି ଘଟି ୬୫୩.୪୭ ବିଲିୟନ ଡଲାର ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପୋକୋ ଏକ୍ସ୫ ୫ଜି ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୩

କଞ୍ଜ୍ୟୁମର ଟେକ୍ନୋଲୋଜିବ୍ରାଣ୍ଡ୍‌ପୋକୋର ଲୋକପ୍ରିୟ ଏକ୍ସ-ସିରିଜ୍ ଅଧୀନରେ ଏକ ନୂଆ ସ୍ମାର୍ଟଫୋନ୍ ପୋକୋ ଏକ୍ସ୫ ୫ଜି କୁ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ପୋକୋ ଇଣ୍ଡିଆ ଉତ୍ସାହଜନକ ଫିଚର ଯେ ପରିକି କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ ୬୯୫ପ୍ରୋସେସର, ୬.୬୭ ଇଞ୍ଚ୍ ୧୨୦ଏଚ୍‌ଜେଡ୍ ସୁପର ଆମୋଲେଡ୍ ଡିସ୍‌ପ୍ଲେ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ଓ ୩୩ୱାଟ୍ ଫାଷ୍ଟ ଚାର୍ଜିଂ ଦ୍ୱାରା ସମର୍ଥିତ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ସହିତ ଦି ୫ଜି ଅଲ୍‌ଷ୍ଟାର୍‌କୁ ବଜାରକୁ ଆଣିଛି। ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ ୬ଜିବି+୧୨୮ଜିବି ଓ ୮ଜିବି+୨୫୬ଜିବି ଏବଂ ୩ଟି ଆକର୍ଷଣୀୟ ରଙ୍ଗ ସୁପରନୋଭା ଗ୍ରୀନ୍, ୱାଇଲ୍ଡକ୍ୟାଟ୍ ବ୍ଲୁ, ଜାଗୁଆର ବ୍ଲାକ୍‌ରେ ଶୁଭାରମ୍ଭ ହୋଇଥିବା ପୋକୋ ଏକ୍ସ୫ ୫ଜିର ମୂଲ୍ୟ ଯଥାକ୍ରମେ ୧୮୯୯୯ ଟଙ୍କା ଓ ୨୦,୯୯୯ ଟଙ୍କା ରହିଛି।

## ସୋନାଲିକାର ୧,୩୭,୩୪୪ ୟୁନିଟ୍ ବିକ୍ରି

ନୂଆଦିଲ୍ଲୀ,୧୫।୩



ରମଣ ମିତ୍ତଲ

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ୧,୩୭,୩୪୪ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଫଳରେ କମ୍ପାନୀର ବଜାର ଅଂଶ ୧୪.୧%କୁ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପ୍ରଥମେ ଉତ୍ପାଦର ଗୁଣାତ୍ମକ ମାନ ଓ ଚାଷୀମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଆମେ ଦ୍ରୁତଗତିରେ ନବସୃଜନ କରୁଛୁ। ବିଶେଷକରି ଚାଷୀଙ୍କ ଦ୍ୱାରା ଯାନ୍ତ୍ରିକୀକରଣକୁ ଦ୍ରୁତଗତିରେ ଗ୍ରହଣ କରାଯାଉଥିବା ଦେଖୁଛୁ। ଏପରିକି ଶିଳ୍ପର ଅଭିବୃଦ୍ଧିକୁ ଅତିକ୍ରମ କରି ୧୪.୧% ର ବଜାର ଅଂଶ ହାସଲକରି ଫେବୃୟାରୀ ସୁଦ୍ଧା ସର୍ବକାଳୀନ ରେକର୍ଡ ୧,୩୭,୩୪୪ଟ୍ରାକ୍ଟର ବିକ୍ରି ସଂଖ୍ୟାକୁ ହାସଲ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ। ବିଶେଷକରି ଚଳିତ ଆର୍ଥିକ ବର୍ଷର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ଏଭଳି ଉଲ୍ଲେଖନୀୟ ସଫଳତା ଉଦୀୟମାନ ଚାହିଦା ଅନୁସାରେ ଉନ୍ନତ ଟ୍ରାକ୍ଟର ପ୍ରଦାନ କରିବା ଏବଂ ଚାଷୀଙ୍କ ସହିତ ମିଳିତ ଭାବେ ଆଗକୁ ବଢ଼ିବାକୁ ଉପସ୍ଥାପିତ କରୁଛି। ଭାରତରେ ଚାଷ ଏକ ଜଟିଳ ପ୍ରକ୍ରିୟା ଏବଂ ସୋନାଲିକା ଆରମ୍ଭରୁ ଏକ କୃଷକ କୈନ୍ଦ୍ରୀକ ବ୍ରାଣ୍ଡ ଭାବେ ସେମାନଙ୍କ ସୀମିତ ସମ୍ବଳରେ ଆୟ ଓ ଉତ୍ପାଦକତା ବଢ଼ାଉଛି।

## ଡ୍ୟୁରୋଫ୍ଲେକ୍ସର ଅନନ୍ୟ ଡିଜିଟାଲ ଅଭିଯାନ

ନୂଆଦିଲ୍ଲୀ,୧୫।୩



ଭାରତର ଶୟନ ବିଶାରଦ 'ଡ୍ୟୁରୋଫ୍ଲେକ୍ସ' ପକ୍ଷରୁ ବିଶ୍ୱ ନିଦ୍ରା ଦିବସ ଅବସରରେ ଏକ ଅନନ୍ୟ ଡିଜିଟାଲ ଅଭିଯାନ 'ଇଣ୍ଡିଆସ ସ୍ଲିପିଏଷ୍ଟ ପେଜ୍' (ଭାରତର ନିଦ୍ରାଚ୍ଛନ୍ନ ପୃଷ୍ଠ) ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏକ ଉତ୍ତମ ନିଦ୍ରାଭ୍ୟାସକୁ ଆପଣେଇବାର ବାର୍ତ୍ତା ପ୍ରଚାର ପ୍ରସାରରେ ସହାୟତା କରିବାକୁ କମ୍ପାନୀ ପକ୍ଷରୁ ଭାରତୀୟ ଫୁଟ୍‌ବଲ ଖେଳାଳି ସୁନୀଲ ଛେତ୍ରୀଙ୍କ ସହ ଏକ ସହଭାଗିତା କରିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଡ୍ୟୁରୋଫ୍ଲେକ୍ସର ସିଇଓ ମୋହନରାଜ.ଜେ କହିଛନ୍ତି, ପ୍ରତ୍ୟେକେ ଉତ୍ତମ ନିଦ୍ରା ଯିବାକୁ ଚାହାନ୍ତି। ତେବେ ଅଧିକାଂଶ ଗଭୀର ନିଦ୍ରାରେ ଶୋଇବା ନିମନ୍ତେ ସହାୟତା ଆବଶ୍ୟକ କରୁଛନ୍ତି। ଭାରତର ନିଦ୍ରା ପ୍ରଶିକ୍ଷକ ଭାବେ ଚଳିତ ବର୍ଷ ବିଶ୍ୱ ନିଦ୍ରା ଦିବସ ଅବସରରେ ଆମେ ଇଣ୍ଡିଆସ୍ ସ୍ଲିପିଏଷ୍ଟ ପେଜ୍ ଭଳି ଏକ ଅନନ୍ୟ ପ୍ରୟାସ ଆରମ୍ଭ କରିଛୁ, ଯାହା ଭାରତକୁ ଉତ୍ତମ ଶୟନ ଶୈଳୀ ଆପଣେଇବା ଏବଂ ଶୟନ କ୍ଷେତ୍ରରେ ରହୁଥିବା କୌଣସି ଶୂନ୍ୟସ୍ଥାନ ପୂରଣ କରିବା ଦିଗରେ ଆମ ପ୍ରୟାସର ପ୍ରକୃଷ୍ଟ ନିଦର୍ଶନ ହୋଇଛି। ବିଶେଷକରି ସୁନୀଲ ଛେତ୍ରୀଙ୍କ ଭଳି ଜଣେ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କ ସହ ସହଯୋଗିତା କରି ଆମେ ନିଜକୁ ଗୌରବାନ୍ୱିତ ମନେକରୁଛୁ, ଯିଏ ଏହି ପ୍ରଚାର ଅଭିଯାନର ମୂଳ ଲକ୍ଷ୍ୟକୁ ଆଗେଇ ନେବାରେ ଆମକୁ ସହାୟତା କରିବେ। ଏଥିସହ ଡ୍ୟୁରୋଫ୍ଲେକ୍ସ୍‌ର ୱେବ୍‌ସାଇଟ ଦେଖୁଥିବା ଗ୍ରାହକମାନେ ରାତି ସମୟରେ ଇଣ୍ଟରନେଟ୍ ଦେଖି କିଣାକିଣି କଲେ ତାଙ୍କୁ 'ବିଳମ୍ବିତ ରାତିରେ କିଣାକିଣି କରିବା ପରାମର୍ଶଯୋଗ୍ୟ ନୁହେଁ' ବୋଲି ଏକ ଉପଦେଶମୂଳକ ବାର୍ତ୍ତା ମିଳିବ। ଏଭଳି କରିବା ଦ୍ୱାରା ଡ୍ୟୁରୋଫ୍ଲେକ୍ସ ଉତ୍ପାଦ ବିକ୍ରି ଅପେକ୍ଷା ଗ୍ରାହକମାନଙ୍କର ଶୟନ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଉଛି।

## ହୋଣ୍ଡାର ନୂଆ ୧୦୦ସିସି ମୋଟରସାଇକେଲ 'ସାଇନ୍ ୧୦୦'

ନୂଆଦିଲ୍ଲୀ,୧୫।୩



ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା 'ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ'(ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ୍‌ର ନୂଆ ୧୦୦ସିସି ମୋଟରସାଇକେଲ 'ସାଇନ୍ ୧୦୦'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଓବିଡି୨ ନିୟମ ପାଳନ କରୁଥିବା ସହ ସବୁଠୁ ସୁଲଭ ଓ ଇନ୍ଧନ ମିତବ୍ୟୟୀ ହୋଇପାରିଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ,ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ସାରା ଭାରତର ଲୋକମାନଙ୍କ ପାଖରେ ଗମନାଗମନ ସୁବିଧା ଓ ସୁଲଭତା ପହଞ୍ଚାଇବା ଦିଗରେ ସାଇନ୍ ୧୦୦ ହେଉଛି ହୋଣ୍ଡାର ପରବର୍ତ୍ତୀ ବଡ଼ ପଦକ୍ଷେପ। ମୌଳିକ କମ୍ୟୁଟର ବର୍ଗରେ ଗ୍ରାହକମାନଙ୍କ ପାଇଁ ଏକ ସୁଦୃଢ଼, ଭରସାଯୋଗ୍ୟ ଓ ଇନ୍ଧନ ମିତବ୍ୟୟୀ ମୋଟରସାଇକେଲକୁ ଉପସ୍ଥାପନ କରି ଆମେ ଗର୍ବିତ।

ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ଅପରେଟିଂ ଅଫିସର (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଭାରତୀୟ ଗ୍ରାହକମାନଙ୍କ ଲାଗି ସମ୍ପୂର୍ଣ୍ଣ ନୂଆ ୧୦୦ସିସି ମୋଟରସାଇକେଲ ସାଇନ୍ ୧୦୦କୁ ଉନ୍ମୋଚନ କରି ଆମେ ଏକ ନୂଆ ଯାତ୍ରା ଆରମ୍ଭ କରିଛୁ। ଅପରପକ୍ଷରେ ନୂଆ ସାଇନ୍-୧୦୦ରେ ୧୦୦ ସିସିର ଓବିଡି ୨ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ରହିଛି, ଯେଉଁଥିରେ ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି) ସୁବିଧା ରହିଛି। ଏଥିରେ ପ୍ରୋଗ୍ରାମଡ୍ ଫୁଏଲ୍ ଇଞ୍ଜେକ୍ସନ (ପିଜିଏମ୍-ଏଫ୍‌ଆଇ),ଫ୍ରିକ୍ସନ ରିଡକ୍ସନ ଓ ସେଲେନୋଏଡ୍ ଭାଲ୍‌ଭ ରହିଛି। ଏଥିରେ ସାଇଡ୍ ଷ୍ଟାଣ୍ଡ ସହିତ ଇଞ୍ଜିନ ଇନ୍‌ହିବିଟର, କମ୍ବି ବ୍ରେକ୍ ସିଷ୍ଟମ୍ (ସିବିଏସ୍) ସହ ଇକ୍ୱିଲାଇଭର, ୧୨୪୫ ଏମ୍‌ଏମ୍‌ର ହ୍ୱିଲ୍ ବେସ୍, ୧୬୮ଏମ୍‌ଏମ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ ରହିଛି। ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସାଇନ୍ ୧୦୦ ଉପରେ ୩ ବର୍ଷର ସାଧାରଣ ଓ ୩ ବର୍ଷର ବିକଳ୍ପ ବର୍ଦ୍ଧିତ ୱାରେଣ୍ଟି ସମେତ ୬ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ୫ଟି ରଙ୍ଗ କଳା ସହିତ ରେଡ୍ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ବ୍ଲୁ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ଗ୍ରୀନ୍ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ଗୋଲ୍‌ଡେନ୍ ଷ୍ଟ୍ରାଇପ୍ ଓ ବ୍ଲାକ୍ ସହିତ ଗ୍ରେ ଷ୍ଟ୍ରାଇପ୍ ରେ ସାଇନ୍ ୧୦୦ ଉପଲବ୍ଧ ହେବ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୬୪,୯୦୦ ଟଙ୍କା ରଖାଯାଇଛି।

## ଓଡ଼ିଶାର ୧୭ ସହରରେ ଜିଓ ଟ୍ରୁ-୫ଜି ସେବା

### ଦେଶର ମୋଟ ୩୬୫ ସହରରେ ଉପଲବ୍ଧ

ନୂଆଦିଲ୍ଲୀ,୧୫।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ବୁଧବାର ଓଡ଼ିଶାର ସୁନ୍ଦରଗଡ଼, ଭବାନୀପାଟଣା, ଜଟଣୀ ଏବଂ ଖୋର୍ଦ୍ଧା ଭଳି ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିଓ ଟ୍ରୁ-୫ଜି ସେବା ଓଡ଼ିଶାର ୧୭ଟି ସହରରେ ଉପଲବ୍ଧ ହୋଇପାରିଛି। ପୂର୍ବରୁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର, ନାଲ୍‌କୋ-ଅନୁଗୋଳ, ତାଳଚେର ଭଳି ସହରରେ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରାଯାଇଥିଲା।

ସେହିଭଳି ଜାତୀୟ ସ୍ତରରେ ମଧ୍ୟ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଜିଓ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ଟି ସହର ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଉପରୋକ୍ତ ସମସ୍ତ ସହର ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଟେଲିକମ୍ ଅପରେଟର ଭାବେ ଭବିଷ୍ୟତଧର୍ମୀ ଓ ଯୁଗାନ୍ତକାରୀ ଟ୍ରୁ ୫ଜି ସେବା ପ୍ରଦାନକରି ଭାରତର ଡିଜିଟାଲ୍ ରୂପାନ୍ତରଣ ଦିଗରେ ଜିଓ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଜିଓର ପ୍ରବକ୍ତା କହିଛନ୍ତି,ଉପରୋକ୍ତ ସହରଗୁଡ଼ିକରେ ଜିଓ ଟ୍ରୁ ୫ଜିର ଶୁଭାରମ୍ଭ କରିଥିବାରୁ ଆମେ ଗର୍ବିତ। ଏପରିକି ଉକ୍ତ ସହରଗୁଡ଼ିକର ନିୟୁତାଧିକ ଜିଓ ବ୍ୟବହାରକାରୀଙ୍କ ଲାଗି ଏହା ଆମର କୃତଜ୍ଞତା ସଦୃଶ, ଯେଉଁଠାରେ ଜିଓ ଟ୍ରୁ-୫ଜି ପ୍ରଯୁକ୍ତିର ଲାଭକୁ ସେମାନେ ଉପଭୋଗ କରିବେ। ପ୍ରତି ଭାରତୀୟଙ୍କୁ ଟ୍ରୁ-୫ଜି ସେବା ପ୍ରଦାନ କରିବା ଲାଗି ଜିଓର ଇଞ୍ଜିନିୟରମାନେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଏହି ପ୍ରଯୁକ୍ତିର ରୂପାନ୍ତରିତ ଶକ୍ତି ଓ ଉଲ୍ଲେଖନୀୟ ଲାଭକୁ ଦେଶର ପ୍ରତିଟି ନାଗରିକ ଅନୁଭବ କରିପାରିବେ।

## ଫୁର୍‌ସତ୍

## ୧୮୧ କେଜିର ବ୍ଲୁ ହ୍ୱେଲ ହୃତ୍‌ପିଣ୍ଡ

ନୂଆଦିଲ୍ଲୀ



ପୃଥିବୀରେ ବ୍ଲୁ ହ୍ୱେଲ୍ ହେଉଛି ବର୍ତ୍ତମାନ ସବୁଠାରୁ ବଡ଼ ପ୍ରାଣୀ। ସାଧାରଣତଃ ଏମାନେ ୧୦୦ ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇପାରୁଥିବାବେଳେ ତାଙ୍କ ଓଜନ ୨୦୦ ଟନ୍ ହୋଇଥାଏ। ତେବେ ଏତେବଡ଼ ପ୍ରାଣୀର ହୃତ୍‌ପିଣ୍ଡର ଓଜନ ହଜାରେ ପାଉଣ୍ଡ ଅର୍ଥାତ୍ ୪୫୩ କେଜି ପର୍ଯ୍ୟନ୍ତ ହୋଇପାରେ। ନିକଟରେ ହର୍ସ ଗୋଏଙ୍କା ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ସଂରକ୍ଷିତ ଭାବେ ରଖାଯାଇଥିବା ବ୍ଲୁ ହ୍ୱେଲ୍‌ର ଏକ ବିଶାଳ ହୃତ୍‌ପିଣ୍ଡର ଫଟୋ ଶେୟାର କରିଛନ୍ତି, ଯାହାର ଓଜନ ୪୦୦ ପାଉଣ୍ଡ ଅର୍ଥାତ୍ ୧୮୧ କେଜି। ଏହାର ଚଉଡା ୩.୯ ଫୁଟ୍ ହୋଇଥିବାବେଳେ ଲମ୍ବ ୪.୯ ଫୁଟ୍ । ଏହି ବିଶାଳ ହୃତ୍‌ପିଣ୍ଡକୁ କାନାଡାର ଓଣ୍ଟାରିଓ ମ୍ୟୁଜିୟମ୍‌ରେ ୨୦୧୭ରୁ ସଂରକ୍ଷିତ ଭାବେ ରଖାଯାଇଛି। ରିପୋର୍ଟ ମୁତାବକ, ମଣିଷର ହୃତ୍‌ପିଣ୍ଡ ଏକ ମିନିଟ୍‌କୁ ୬୦ରୁ ୧୦୦ ଥର ଧକ୍‌ଧକ୍ ହୋଇଥିବାବେଳେ ବ୍ଲୁ ହ୍ୱେଲର ହୃତ୍‌ପିଣ୍ଡ ଏକ ମିନିଟ୍‌କୁ ମାତ୍ର ୫ରୁ ୬ ଥର ଧକ୍‌ଧକ୍ ହୋଇଥାଏ। ଏହି ହୃଦ୍‌ସ୍ପନ୍ଦନର ଶବ୍ଦ ୩.୨ କିମି ପର୍ଯ୍ୟନ୍ତ ଶୁଣାଯାଇଥାଏ।

## ଧୂମପାନ କରି ଅନନ୍ୟା ଟ୍ରୋଲ୍



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ଏକ ଫଟୋକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି। ଅନନ୍ୟା ମଙ୍ଗଳବାର ଭଉଣୀ ଅଲାନା ପାଣ୍ଡେଙ୍କ ମେହେନ୍ଦୀ ଉତ୍ସବରେ ଧୂମପାନ କରୁଥିବା ନଜରକୁ ଆସିଥିଲେ। ଏହି ଫଟୋ ତାଙ୍କର ଜଣେ ବନ୍ଧୁ ସୋସିଆଲ ମିଡିଆରେ ଶେୟାର କରି ପରେ ପୋଷ୍ଟକୁ ହଟାଇ ଦେଇଥିଲେ। ଏଥିରେ ଅନନ୍ୟାଙ୍କ ଅନେକ ପ୍ରଶଂସକ ତାଙ୍କର ଏହି କାର୍ଯ୍ୟ ନାପସନ୍ଦ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଜଣେ ୟୁଜର୍ସ ଲେଖିଛନ୍ତି, ଏମାନଙ୍କ ବୁଦ୍ଧି ନ ଥାଏ। ଅନ୍ୟକୁ ଦେଖାଇ ହେବାକୁ ଯାଇ ଏମାନେ ଏଭଳି କରନ୍ତି। ଆସନ୍ତା ୭ ଜୁଲାଇରେ ତାଙ୍କ ଫିଲ୍ମ 'ଡ୍ରିମ୍ ଗର୍ଲ-୨' ରିଲିଜ୍ ଅପେକ୍ଷା ଅଛି।

## ମାଲୟାଲମ ଖବରକାଗଜରେ ନାଟୁ ନାଟୁ ଡ୍ୟାନ୍ସ ଷ୍ଟେପ୍

ନୂଆଦିଲ୍ଲୀ

ନିକଟରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଏସ୍‌ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଶ୍ରେଷ୍ଠ ଅରିଜିନାଲ ଗୀତ ବର୍ଗରେ ପୁରସ୍କୃତ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ଏହି ଗୀତର ଅଧିକ କ୍ରେଜ୍ ଦେଖିବାକୁ ମିଳୁଛି। ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ା ଏବଂ ଉଚ୍ଚପଦବୀ ଯୁକ୍ତ ବ୍ୟକ୍ତିମାନେ ମଧ୍ୟ ଏହି ଗୀତରେ ଡ୍ୟାନ୍ସ କରିଥିବା ନଜରକୁ ଆସିଛି। ଏହା ମଧ୍ୟ ମାଲୟାଲମ୍ ଡେଲି ଖବରକାଗଜ 'ମନୋରମା' ତା'ର କାଗଜରେ ଏହି ନାଟୁ ନାଟୁ ଗୀତର ଡ୍ୟାନ୍ସ ଷ୍ଟେପ୍ ଅତି ସୁନ୍ଦର ଭାବେ ଦେଖାଇ ଲୋକଙ୍କ ଧ୍ୟାନ ଆକର୍ଷଣ କରିଛି। ଏହାକୁ ଜଣେ ଟୁଇଟର ୟୁଜର ଟୁଇଟ କରି ଲେଖିଛନ୍ତି, ଆଞ୍ଚଳିକ ଖବରକାଗଜରେ ଏପରି କାହିଁକି ଦେଖାଯାଉଛି, ହେଲେ ଜାତୀୟ ଖବରକାଗଜରେ ଏପରି ହେଉନି କାହିଁକି ବୋଲି ପ୍ରଶ୍ନ କରିଛନ୍ତି।




## ସଚେତନତା ହିଁ ନିଦାନ

### ଜାତୀୟ ଟିକାକରଣ ଦିବସ

ବିଭିନ୍ନ ଶାରୀରିକ ସମସ୍ୟା ନେଇ ସଚେତନ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ତେଣୁ କୁହାଯାଇଥାଏ ସଚେତନତା ହିଁ ପ୍ରକୃତ ନିଦାନ। ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରହିବା ପାଇଁ ଜାତୀୟ ଟିକାକରଣ ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୬ରେ ପାଳନ କରାଯାଇଥାଏ। ଜନସ୍ୱାସ୍ଥ୍ୟରେ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ୧୯୯୫ରେ ଏହି ଦିନ, ଭାରତରେ ପ୍ରଥମ ପୋଲିଓ ବୁନ୍ଦା ଦିଆଯାଇଥିଲା। ପରଠାରୁ ଏହି ଦିନକୁ ପ୍ରତିବର୍ଷ ଜାତୀୟ ଟିକାକରଣ ଦିବସ ଭାବେ ପାଳନ କରାଯାଇ ଆସୁଛି। ସଂକ୍ରାମକ ରୋଗର ବିସ୍ତାରକୁ ରୋକିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂକ୍ରମଣକୁ ନିୟନ୍ତ୍ରଣ ଏବଂ ବିଲୋପ କରିବା ପାଇଁ ଏହା ଏକ ଉପକରଣ ଭାବରେ କାର୍ଯ୍ୟ କରିଥାଏ। ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ସୁସ୍ଥ ଜୀବନଯାପନ ଦୃଷ୍ଟିରୁ ସେମାନଙ୍କ ମାନ ବୃଦ୍ଧି କରିବା ଜରୁରୀ। ଇତିହାସରେ ଟିକାକରଣ ବିଷୟରେ ବହୁ ତଥ୍ୟ ଉଲ୍ଲେଖ କରାଯାଇଛି। ୧୭୦୦ ଦଶକରେ ଏହା ଆରମ୍ଭ ହୋଇଥିଲା ବୋଲି କୁହାଯାଏ।



ଏଡୱାର୍ଡ ଜେନେର୍, ଜଣେ ଇଂଲିଶ ଚିକିତ୍ସକ ତଥା ବୈଜ୍ଞାନିକ ପ୍ରଥମ ଟିକା ପ୍ରତିଷ୍ଠାତା ଭାବରେ ବିବେଚିତ ହୋଇଥିଲେ। ସେ ୧୭୯୬ମସିହାରେ ଜଣେ ୧୩ବର୍ଷର ଶିଶୁକୁ କାଓପକ୍ସ ଏବଂ ବସନ୍ତର ଟ୍ରାଏଲ ଟିକା ଦେଇଥିଲେ। ପରେ ଏହି ଟିକା ପ୍ରଥମେ ୧୭୯୮ ମସିହାରେ ବିକଶିତ ହୋଇଥିଲା। ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀ ମଧ୍ୟରେ ବସନ୍ତ ପାଇଁ ବ୍ୟାପକ ଟିକାକରଣ କରାଯାଇଥିଲା। ଟିକାକରଣ ଦ୍ୱାରା ୧୯୭୯ରେ ବସନ୍ତର ବିଲୋପ ହୋଇଥିଲା। ସେହିଭଳି, ଲୁଇ ପାଶ୍ଚରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷଣ ଊନବିଂଶ ଶତାବ୍ଦୀରେ କଲେରା ବିରୋଧରେ ଟିକାକରଣରେ ସାହାଯ୍ୟ କରିଥିଲା । ସେହିଭଳି, ପରବର୍ତ୍ତୀ ବର୍ଷଗୁଡ଼ିକରେ ବିଭିନ୍ନ ଟିକା ବିକଶିତ କରାଯାଇଥିଲା। ୧୯୪୦ରୁ ୧୯୬୦ ଦଶକରେ ମିଳିମିଳା, ମମ୍ପସ ଏବଂ ରୁବେଲା ଆଦି ଟିକା ବିକଶିତ କରାଯାଇଥିଲା। ଏସବୁ ଏମ୍‌ଏମ୍‌ଆର୍ ଟିକା ଭାବେ ଜଣାଶୁଣା। ବିଗତ କିଛିବର୍ଷ ମଧ୍ୟରେ, ଆହୁରି ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଥିଲା ଯାହା ଉନ୍ନତ ଟିକା ପ୍ରଯୁକ୍ତିବିଦ୍ୟା ସହିତ ଟିକା ଜଗତରେ ବ୍ୟାପକ ଅଗ୍ରଗତି କରିଥିଲା। ଟିକା ପ୍ରସ୍ତୁତିରେ ସଦ୍ୟତମ ବିକାଶ ଉଦାହରଣ ଭାବେ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ କୋଭିଡ୍-୧୯ ଟିକାକରଣ କରାଯାଇ କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଛି। ଜାତୀୟ ଟିକାକରଣ ଦିବସ ଅବସରରେ ଏନେଇ ସଚେତନତା ସୃଷ୍ଟି ଲାଗି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

# ବସ୍ ପଛରେ ପିଟିହେଲା ଟ୍ରକ୍



ଦୁର୍ଘଟଣାଗ୍ରସ୍ତ ବସ୍।

## ହେଲ୍‌ପର ମୃତ, ୫ ଯାତ୍ରୀ ଆହତ

**ପାଲଲହଡ଼ା, ୧୫।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଡିମିରିଆ ଛକ ନିକଟରେ ବୁଧବାର ଏକ ବସ୍‌କୁ ପଛପଟୁ ଟ୍ରକ୍ ଧକ୍କା ଦେବାରୁ ବସ୍ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଦରଜୀ ପୋଖରୀ ଛକ ଅଞ୍ଚଳର ପ୍ରଶାନ୍ତ ମିଶ୍ର। ଏଥିସହ ୫ ଜଣ ବସ୍ ଯାତ୍ରୀ ଆହତ ହୋଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱରରୁ ବରଗଡ ଯାଉଥିବା ରାମଜୀ ନାମକ ବସ୍ (ନଂ. ଓଡି-୦୧-ବି-୧୧୮୭) ଭୋର୍ ପ୍ରାୟ ୩ଟା ବେଳେ ପାଲଲହଡ଼ା ଥାନା ଡିମିରିଆ ଛକଠାରେ ଅଟକି ଥିଲା। ବସ୍‌ର ହେଲପର ପ୍ରଶାନ୍ତ ଗାଡ଼ିର ଚକ ଯାଞ୍ଚ କରୁଥିବା ବେଳେ ପଛପଟୁ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ (ନଂ. ଓଡି-୦୯-ଜି-୫୧୨୯) ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବସ୍‌ର ହେଲପର ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପାଲଲହଡ଼ା ପୋଲିସ ଓ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ୫ ଯାତ୍ରୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ନୂଆପଡା ଜିଲା ଭାନପୁର ଗ୍ରାମର ମୁଙ୍ଗୁଲି ବରିହାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଚିକିତ୍ସା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚାଲିଥିବା ବେଳେ ଅନ୍ୟ ୪ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ପାଲଲହଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ହାତୀ ମୃତ୍ୟୁ

## କାରଣ ଅସ୍ପଷ୍ଟ, ୭ ମାସରେ ୭ ମଲେଣି

**ଭଞ୍ଜନଗର, ୧୫।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡରେ ହାତୀ ମୃତ୍ୟୁ ଘଟଣା ଥମୁନାହିଁ। ବୁଧବାର ମୁଜାଗଡ଼ ରେଞ୍ଜରେ ପୁଣି ଏକ ମାଈ ହାତୀର ମୃତଦେହ ଠାବ କରାଯାଇଛି। ହାତୀଟି ପଚିଯାଇଥିବା ଯୋଗୁ ମୃତ୍ୟୁର କାରଣ ଠିକ୍ ଜଣାପଡୁନାହିଁ। ହାତୀ ମୁହଁରେ ଏକାଧିକ ଗର୍ତ୍ତ ଚିହ୍ନ ଥିବାବେଳେ ରକ୍ତ, ମଳତ୍ୟାଗ କରିଥିବା ଜଣାପଡ଼ିଛି। ତେଣୁ ହାତୀମାନଙ୍କ ମଧ୍ୟରେ ଲଢ଼େଇ ଯୋଗୁ ଏହି ମାଈ ହାତୀଟିର ମୃତ୍ୟୁ ହୋଇଥାଇପାରେ ବୋଲି ବନବିଭାଗ କର୍ମଚାରୀ ଆଶଙ୍କା ପ୍ରକାଶ କରିଛନ୍ତି। ବିଗତ ୭ମାସ ମଧ୍ୟରେ ୭ଟି ହାତୀ ବିଭିନ୍ନ କାରଣରୁ ମୃତ୍ୟୁବରଣ କଲେଣି। ପ୍ରକାଶ ଯେ, ସୋମବାର ମୁଜାଗଡ଼ ରେଞ୍ଜର ଝିଲିମିଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରୁ ଏକ ଅଣ୍ଡିରା ହାତୀର ମୃତଦେହ ଠାବ କରାଯାଇଥିଲା। ଉକ୍ତ ହାତୀଟି ବିଷକ୍ରିୟା ଯୋଗୁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଇଥିଲା। ଉକ୍ତ ହାତୀର ହାର୍ଟ, ଲିଭର, କିଡ୍‌ନୀ ସମେତ ଶରୀରର ଆଉ କିଛି ଅଂଶ ପରୀକ୍ଷା ପାଇଁ ବୁଧବାର ସକାଳେ ଭୁବନେଶ୍ୱର ଓୟୁଏଟିକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଥିଲା ବେଳେ ଆଉ ଏକ ହାତୀ ମୃତ୍ୟୁ ଖବର ବନବିଭାଗ ପାଖରେ ପହଞ୍ଚିଥିଲା। ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସିସିଏଫ୍ ବନ୍ୟପ୍ରାଣୀ ମନୋଜ ଭି. ନାୟାର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ଡିଏଫ୍‌ଓ ସୁଦର୍ଶନ ବେହେରା, ଆର୍‌ସିସିଏଫ୍ ଅଫିସରେ କାର୍ଯ୍ୟରତ ଡିଏଫଓ ଆର.ଆର.ପଟ୍ଟନାୟକ, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଅନୁପମ ବାନାର୍ଜୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ସ୍ଥାନୀୟ ଡାକବଙ୍ଗଳାରେ ହାତୀ ମୃତ୍ୟୁ ଉପରେ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଯୁଗ୍ମ ଟାସ୍କଫୋର୍ସ ଅଧିକାରୀମାନେ ଭୁବନେଶ୍ୱରରୁ ଆସି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ହାତୀର ବ୍ୟବଚ୍ଛେଦ କରାଯାଇ ସେଠାରେ ହିଁ ସନ୍ଧ୍ୟାରେ ପୋତି ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ରବିବାର ରାତିରେ ୧୯ ଟିକିଆ ହାତୀପଲ ଦୁଇ ଦଳ ହୋଇ ଉକ୍ତ ଅଞ୍ଚଳରେ ଘୂରି ବୁଲୁଥିଲେ। ଗୋଟିଏ ପଲରେ ୧୬ଟି ହାତୀ ଥିଲେ। ଆଉ ଗୋଟିଏ ଦଳରେ ୩ଟି ଥିଲେ। ୩ଟି ହାତୀପଲ କେଉଁଠି ମହୁଲି ମଦ ପୋଚ ପିଇଦେଇଥିଲେ। ଗୋଟିଏ ହାତୀର ମୃତଦେହ ଝିଲିମିଲି ଖାଇ ନିକଟରୁ ସୋମବାର ସକାଳେ ଠାବ ହୋଇଥିଲା। ବୁଧବାର ଠାବ ହୋଇଥିବା ମୃତ ହାତୀଟିର ବେକରେ ଥିବା ଗର୍ତ୍ତ ଚିହ୍ନଗୁଡ଼ିକ କେଉଁ ପରିସ୍ଥିତିରେ ହୋଇଛି ତାହା ଜଣାପଡୁନାହିଁ। ଡିଏଫଓ ସୁଦର୍ଶନ ବେହେରା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ।


ସିସିଏଫ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି ।

# ମାତୃ ହତ୍ୟାକାରୀ ପୁଅଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା, ୧୫।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ତାଳପଦର ଗ୍ରାମରେ ମା'ଙ୍କୁ ପୁଅ ହତ୍ୟା କରିବା ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର ଏହି ଘଟଣାର ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ପୁଅ ଅର୍ଜୁନ ଶବରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆହୁରି ୧ବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଘଟଣାରୁ ପ୍ରକାଶ ଯେ, ୧୧।୧୧।୨୦୧୮ରେ ଜୟପାଟଣା ଥାନା ତାଳପଦର ଗ୍ରାମରେ ଅର୍ଜୁନ ଶବର ଓ ତାଙ୍କ ଭାଇ ବିଶ୍ୱନାଥ ଶବରଙ୍କ ମଧ୍ୟରେ ମା' ସୁମନୀ ଶବର (୬୫)ଙ୍କୁ ଭରଣପୋଷଣ କରିବା ନେଇ ବଚସା ହୋଇଥିଲା। ଏହି କଥାକୁ କେନ୍ଦ୍ରକରି ଅର୍ଜୁନ ଉତକ୍ଷିପ୍ତ ହୋଇ ମା' ସୁମନୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୁମନୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର(ପିପି) ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ଶିଶୁ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

**ବାଲେଶ୍ୱର ଅଫିସ, ୧୫।୩**

ବାଲେଶ୍ୱର ଫକୀରମୋହନ ସରକାରୀ ମେଡିକାଲରେ ଶିଶୁ ମୃତ୍ୟୁକୁ ନେଇ ବୁଧବାର ପୂର୍ବାହ୍ନରେ ଉତ୍ତେଜନା ଦେଖା ଦେଇଥିଲା। ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ୭ ମାସ ଶିଶୁର ଜୀବନ ଚାଲିଯାଇଥିବା ଅଭିଯୋଗ କରି ପରିବାର ଲୋକେ ମୃତ ଶିଶୁକୁ ଧରି ଧାରଣାରେ ବସିଥିଲେ।

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅନ୍ତର୍ଗତ ମାଣିକପୁର ଗାଁର ଜିତେନ୍ଦ୍ର ଗିରି ତାଙ୍କ ୭ ମାସର ଶିଶୁକୁ ବାଲେଶ୍ୱର ମେଡିକାଲରେ ୩ ଦିନ ପୂର୍ବରୁ ଭର୍ତ୍ତି କରିଥିଲେ। ବୁଧବାର ପୂର୍ବାହ୍ନରେ ଶିଶୁର ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଡ୍ୟୁଟିରେ ଥିବା ଡାକ୍ତର ଓ ନର୍ସଙ୍କୁ ଡାକିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ବିଳମ୍ବରେ ଡାକ୍ତର ପହଞ୍ଚି ଶିଶୁକୁ ଇଞ୍ଜେକଶନ ଦେବାର କିଛି ସମୟ ପରେ ତା'ର ମୃତ୍ୟୁ ହୋଇଥିଲା। ତେବେ ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ଶିଶୁର ମୃତ୍ୟୁ ଘଟିଛି ବୋଲି ମା', ବାପା ଅଭିଯୋଗ କରିଛନ୍ତି। କିଛି ସମୟ ଡାକ୍ତରଖାନାର ଶିଶୁ ବିଭାଗ ସମ୍ମୁଖରେ ମୃତ ଶିଶୁକୁ ରଖି ପରିବାର ଲୋକ ପାଟିତୁଣ୍ଡ କରିଥିଲେ। ପରେ ସ୍ଥାନୀୟ ଫାଣ୍ଡି ପୋଲିସ ଓ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।


ଡାକ୍ତରଖାନା ପରିସରରେ ମୃତ ଶିଶୁର ପରିବାର ଲୋକେ।

# ସୀମାନ୍ତରେ ୩ ଗାଡ଼ି ପୋଡ଼ିଲେ ମାଓବାଦୀ

**ମାଲକାନଗିରି, ୧୫।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲାରେ ଗତ ଏକ ମାସ ମଧ୍ୟରେ ମାଓବାଦୀମାନେ ଦୁଇଥର ଗାଡି ଜାଳିବା ସହ ଅନେକ ହିଂସାକାଣ୍ଡ ଘଟାଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ଜିଲାର ନାଏମଡ ଥାନା ଅଞ୍ଚଳରେ ୩ଟି ଗାଡି ପୋଡିଛନ୍ତି। ନାଏମଡ ଥାନା ଅଞ୍ଚଳର ମିଙ୍ଗାଚାଲ ନଦୀରେ ବାଲି ପରିବହନକୁ ବିରୋଧ କରି ମାଓବାଦୀମାନେ ୩ଟି ଗାଡିରେ ନିଆଁ ଲଗାଇ ଦେଇଥିଲେ। ସମସ୍ତ ଗାଡି ପୋଡି ପାଉଁଶ ହୋଇଯାଇଛି। ଏ ସମ୍ପର୍କରେ ଖବରପାଇ ନାଏମଡ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଗାଡି ମାଲିକଙ୍କ ମଧ୍ୟରେ ପୁଣି ଆତଙ୍କ ଖେଳିଯାଇଛି। ଅନ୍ୟପଟେ ବସ୍ତର ଜିଲାର ଭୋପାଳପାଟଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଜଙ୍ଗଲ ନାକାଠାରୁ ରୁଦ୍ରାରାମ ପର୍ଯ୍ୟନ୍ତ ବହୁ ପରିମାଣର ଲିଫଲେଟ ପକାଇଛନ୍ତି। ଲିଫଲେଟରେ କରଣ୍ଡମ ଖଣି ବିରୋଧରେ ଲେଖାଯାଇଛି। ଧାନଗୋଲର କୁଚନୋର ଖଣି କମ୍ପାନୀକୁ କରଣ୍ଡମ ଖଣି ହସ୍ତାନ୍ତର କରିବାକୁ ମାଓବାଦୀମାନେ ଉକ୍ତ ଲିଫଲେଟରେ ନିନ୍ଦା କରିଛନ୍ତି। ପୁଞ୍ଜିପତିଙ୍କୁ ଖୁସି କରିବା ପାଇଁ ଆଦିବାସୀ ଅଞ୍ଚଳର ସମସ୍ତ ପ୍ରକାର ଖଣିଜ ସମ୍ପଦକୁ ଅତି କମ୍ ମୂଲ୍ୟରେ ବିକ୍ରି କରାଯାଉଛି। ଏହାକୁ ବନ୍ଦ କରାଯାଉ ବୋଲି ମଧ୍ୟ ଲିଫଲେଟରେ ଉଲ୍ଲେଖ ରହିଛି। ପୋଲିସ ଏହି ଲିଫଲେଟଗୁଡ଼ିକୁ ଜବତ କରିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-TLHR-MCL-214-2023

**କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ନିମନ୍ତେ ଏମ୍‌ସିଏଲ୍ (MCL) ସାଇଡିଙ୍ଗରେ ପ୍ଲାଏ ବୋର୍ଡ଼ ଦ୍ୱାରା BOXN ଖରାପ ଡୋର / ପ୍ୟାନେଲ୍ / ଚଟାଣ ଆଦିର ସଂଶୋଧନ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 45,13,470.00, EMD (ଟଙ୍କାରେ): 90,300/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.03.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.31.03.2023 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧାରୋଡ଼

PR-1079/N/22-23



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-5135:

No.-CHEP/TW-302/975 Date: 14.03.2023

**TENDER CALL NOTICE NO.-CHEP-59/2022-23**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Authorized Distributors / Channel Partners meeting eligibility criteria only for the procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply & Erection of 1 No. High Mast Lighting Tower for CHEP, Chiplima | Rs.4,720/- (Rs.4,000/- + GST @18%) | 9,950/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.17.03.2023 up to 12:30 PM of dtd.29.03.2023.

OIPR-04006/11/0051/2223 Sd/- C & P Head, CHEP, Chiplima



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल, धनबाद**

**अल्पकालीन ई–प्रोक्योरमेंट सूचना**

ई–निविदा (5th Call) निविदा सूचना सं0–RCD /DHANBAD/342/2022-23 दिनांक : 14.03.2023

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत" भुली मोड़ से आरा मोड़ पथ (वासेपुर के नजदीक) के पहले कि0मी0 में Box Cell पुल निर्माण (पहुँच पथ निर्माण सहित) कार्य" (वित्तीय वर्ष 2022–23)। |
| 2. | प्राक्कलित राशि (रू0) | रू0 2,25,87,500/– |
| 3. | कार्य पूर्ण करने की अवधि | 6 (छः) माह |
| 4. | ई–निविदा प्राप्त करने की अंतिम तिथि एवं समय | 27.03.2023 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 20.03.2023 के पूर्वाह्न 10.30 बजे से |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।

कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद

PR 292642 Road(22-23)#D



**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल, हजारीबाग।**
–:: शुद्धि पत्र ::–

पेयजल एवं स्वच्छता प्रमण्डल, हजारीबाग अन्तर्गत आमंत्रित निविदा Construction of Cluster wise Single Village Water Supply Schemes based on Solar Energy Based Mini Rural Pipe Water Supply Schemes in different blocks of Hazaribag District which are not included in MVS/Other Schemes to supply water and house connection with 05 Years Operation and Maintenance works on "Turn Key Basis" Under D.W.&S. Division, Hazaribag for the Year 2022-23 (Head-JJM); P.R. No.:-291964 Drinking Water and Sanitation (22-23)_D को अपरिहार्य कारणवश एतद् द्वारा निम्नरूपेण आंशिक संशोधन किया जाता है–

| Sl. No. | Particulars | After Amendment |
|---|---|---|
| 2 | Last date receipt of Bid | Date:- 18.03.2023 upto 05.00 PM |
| 3 | Last date submission cost of BOQ and EMD ( in hard copy) | Date:- 20.03.2023 upto 04.00 PM in the office of the<br>1. Executive Engineer, D. W. & S. Division, Hazaribag<br>2. Superintending Engineer, D.W.& S. Circle, Hazaribag<br>3. Regional Chief Engineer, D.W. & S. Department Ranchi Zone, Ranchi |
| 4 | Date of opening tender | Date:- 21.03.2023 upto 03.00 PM |

शेष सभी शर्त्ते यथावत रहेंगे।

कार्यपालक अभियन्ता
पेयजल एवं स्वच्छता प्रमण्डल,
हजारीबाग।

PR 292649 Drinking Water and Sanitation(22-23)D



**Office of the General Manager**
**Sewerage, WATCO, Cuttack**
At-Mahanadivihar,PO-Nayabazar,Cuttack-753004
email:cs@owssb.in

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) No.GM-WATCO-Sewerage-02/2022-23, dtd.10.03.2023**

**No.C-2647:** The General Manager, Sewerage, WATCO, Cuttack on behalf of Governor of Odisha invites percentage rate bid in single cover system in online mode from eligible contractors for the works mentioned below:

1. No. of Works : 4 Works as per the table
2. Nature of work : Sewerage Connection
3. Class of Contractor : 'B'
4. Paper Cost : 10000.00 (Offline)
5. Date & Time of Availability of Bid Document in the Portal : 11:00 hours of dt. 14.03.2023 to 17:00 hours of dt. 27.03.2023.
6. Date and Time of opening of Bid : Dt. 28.03.2023 at 11:00 hours

The bidders have to participate in online bidding only. Further details can be seen from the website www.tendersodisha.gov.in. Any addendum /corrigendum/Cancellation of tender can also be seen in the same website.

Sd./- General Manager
Sewerage, WATCO, Cuttack

OIPR-13232/11/0002/2223



कार्यालय
कार्यपालक अभियन्ता
लघु वितरणी प्रमण्डल सं०– 7, गालूडीह
**(Email ID : eemdd7gal-chandil@gmail-com)**

**शुद्धि पत्र**

इस कार्यालय का निविदा आमंत्रण सूचना संख्या–WRD/MDD-7/GALUDIH/SBD-18 / 2022–23 जिसका प्रसारण PR No 291789 Water Resource (21-22) : D के माध्यम से दिनांक–02.03.23 को समाचार पत्रों में प्रकाशित हुआ है।

भुलवश उपरोक्त निविदा आमंत्रण सूचना में अंकित राशि (शब्दों में) करोड़ लाख हज़ार प्रकाशन हुआ है, उसे निम्न प्रकार सुधार कर पढ़ा जाय– सत्रह करोड़ चौबीस लाख उनसठ हज़ार और एक सौ रूपए।

साथ ही उपरोक्त सुधार की सूचना अख़बार और Office Notice Board पर देखा जा सकता है।

कार्यपालक अभियन्ता
लघु वितरणी प्रमण्डल सं० – 7,
गालूडीह

PR 292708 (Water Resource)22-23*D



**GOVERNMENT OF ODISHA** No.O-1967:
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNABEDA**
e-mail:eerw_sunabeda@yahoo.co.in
**e-Procurement Notice for Building Works**
Identification No.Online Tender/08/RWD-SBD/2022-23

Letter No.997 Date:14.03.2023

01. Name of the Work : Building work Pottangi Block
02. Total Number of works : 1 No. work
03. Estimated Cost : From 46.76 Lakhs
04. Class of Contractor : "B" Class
05. Period of Completion : 02 Months
06. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/08/RWD-SBD/2022-23 | 17.03.2023 at 11.00 A.M. | 27.03.2023 upto 17.00 P.M. |

Further details can be seen from the website www.tendersorissa.gov.in.

Sd./- Executive Engineer
Rural Works Division, Sunabeda

OIPR-25059/11/0008/2223



**OFFICE OF THE MUNICIPALITY, NABARANGPUR**
**NABARANGPUR (ODISHA), PIN-764059**
Tel/Fax No.06858-222031, E-mail:municipalityngpr@gmail.com

Letter No.1037 Date:14.03.2023

**CORRIGENDUM NOTICE**

**No.C-2644:** As per the instruction of the District Social Security Officer, Nabarangpur the form for MBPY may be excluded from the Quotation Call Notice No.994 on dated 09.03.2023 which has pleased in Sl.No.21.

Sd./-Executive Officer
Nabarangpur Municipality

OIPR-13230/11/0005/2223



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
**(District Program Management Unit, NHM, Jajpur)**

No. 1179 Dtd.: 14.03.2023

**WALK-IN-INTERVIEW**

No. E-972: Walk-in-Interview is scheduled to be held on date 21.03.2023 at 10.30 A.M. at DTU, DHH, Jajpur for engagement of MBBS & Ayush Doctors at Kaliapani PHC under DMF. The details of Posts, Mode of Recruitment, Remuneration, Qualification etc. is available in the district website: **http://jajpur.nic.in**. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (if any) may be exempted.

Sd./- Chief District Medical and Public Health Officer, Jajpur

OIPR-10042/11/0012/2223



**GOVERNMENT OF ODISHA**
**OFFICE OF THE ADDL. CHIEF ENGINEER-CUM-ELECTRICAL INSPECTOR, ROURKELA**
Plot No. YY-2, Area 7 & 8, 1st Floor, Rourkela - 769012
Telephone No.: 0661-2664242 (Fax), Email- eirourkela-od@gov.in

**TENDER NOTICE**

**No. Estt/586/2017/810 / Dated, Rourkela the 10th March, 2023**

No. AA-38: Sealed tenders are invited from interest from interested reputed Travel Agencies/Tour Operators or private individuals for providing one Bolero diesel vehicle on monthly hire basis for engagement for office works in the office of the Addl. Chief Engineer-cum-Electrical Inspector, Rourkela for a period of one year, which may be extended annually for further period of three years on satisfactory performance basis and availability of budget. The tenders should have valid Service Tax registration. The tenders will be received in sealed cover upto 28.03.2023, 3 P.M. in the office of the undersigned by Regd. Post or hand delivered with due acknowledgement within the above period. The authority will not be responsible for postal delay on what so ever account. The tenders shall be opened on 28.03.2023 at 4 P.M. in the presence of renderer or their authrozied representatives if any. The tender document can be obtained from the office of the Addl. Chief Engineer-cum-Electrical Inspector, Rourkela on payment of Demand Draft of Rs.100/- (Rupees one hundred) only drawn in favour of **ELECTRICAL INSPECTOR (T&D), ROURKELA** drawn on SBI payable at Rourkela, during office hour on working days upto 28.03.2023 by 1.00 P.M. The tender can be also be downloaded from our website at **as1.ori.nic.in/electricity**. For further details contact this office or visit our website. The undersigned reserves the right to reject the tenders without assigning any reason thereof.

Sd./- Addl. Chief Engineer-cum-Electrical Inspector, Rourkela

OIPR-04072/11/0002/2223



**OFFICE OF MUNICIPAL COUNCIL, ANANDAPUR**
GOVT. OF ODISHA, DEPT OF H&UD,
ANANDAPUR, KENDUJHAR, ODISHA -758021

Letter 658 Date:13.03.2023

**REQUEST FOR PROPOSAL (RFP)**

**No.C-2634:** Anandapur Municipality proposes to undertake "Preparation of Storm Water Drainage Master Plan and DPR for Anandapur Municipality area".

Proposals are invited to conduct the assignment and submit the deliverables from Public Sector Undertakings/ Autonomous Bodies/ consulting agencies/registered architectural firms that have requisite experience in preparation of drainage/ pipeline/ sewerage network plan and infrastructure.

The details may be accessed and the RFP/Application forms can be download from the website Anandapur Municipality. org & www.kendujhar.nic.in.

The completed application as per the instructions in the EOI document, should reach the following address by Speed Post/ Registered Post/ Courier & by hand latest by 5 pm on 28.03.2023.

Anandapur Municipality reserves the sole right to accept or reject any or all proposals without assigning any reason whatsoever.

Sd./- Executive Officer Anandapur Municipality

OIPR-13049/11/0015/2223



**OFFICE OF THE MUNICIPAL COUNCIL, SUNDARGARH**
E-mail: sundargarhhm.hud@nic.in

No. 1013 Dt. 13.03.2023

**QUOTATION CALL NOTICE FOR JALACHHATRA SERVICE 2023**

No. C-2641: Sealed quotation is invited from intending registered firms/NGOs/Solo Proprietor having valid PAN No. & GST Regd. No. for Jalachhatra (Installation of Shed, fixing of Water Pot. availability of safe drinking water & manpower for distribution of water) and cemented big pot (Arrangement of safe drinking water for Stray Animal) in Sundargarh Municipality on Terms & Conditions mentioned in the standard bidding document in format precribed therein. So as to reach this office on or before 20th March 2023 upto 3 P.M. through Regd. Post/Speed Post/Courier to office of the Sundargarh Municipality, Sundargarh, Odisha - 770001. The standard bidding document terms & conditions etc. (Annexure 1 & 2) can be downloaded from the tender website **https://sundergarh.nic.in** bids shall be opened at 4.30 P.M. on 21st March 2023 in presence of bidders or their authorized representative in the Council Hall of Sundargarh Municipality.

The authority reserved the right to accept or reject all the bidders without assigning any reason thereof service.

Sd./- Executive Officer
Sundargarh Municipality

OIPR-13130/11/0046/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିକ୍ରାନ୍ତ ମଲିକଙ୍କୁ ସ୍ୱର୍ଣ୍ଣ ପଦକ



ବିକ୍ରାନ୍ତ ମଲିକ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ଚେନ୍ନାଇସ୍ଥିତ ତାମିଲନାଡ୍ରୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ କିଟ୍‌ର ବିକ୍ରାନ୍ତ ମଲିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିକ୍ରାନ୍ତ ପୁରୁଷ ଜାଭେଲିନ ଥ୍ରୋରେ ୭୭.୫୨ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଏଥିସହ ସେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ୫୦୦୦ ମିଟର ରେସ୍‌ରେ ୮ମ ସ୍ଥାନରେ ରହିଥିଲେ ହେଁ ଅନ୍ତିମା ପାଲ୍ ଉତ୍ତର ପ୍ରଦେଶରେ ହେବାକୁଥିବା ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ପାଇଛନ୍ତି।





ମୁମ୍ବାଇରେ ବୁଧବାର ଅନୁଷ୍ଠିତ ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର। ଫୁଟବଲ ଖେଳି ଭାରତୀୟ ଦଳର ଅଭ୍ୟାସ।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ୱିଲ୍ ଜ୍ୟାକ୍ସ

**ନୂଆଦିଲ୍ଲୀ, ୧୫।୩:** ଆଇପିଏଲ୍ ୨୦୨୩ରୁ ବାଦ ପଡିନ୍ତି ଇଂଲଣ୍ଡର ୱିଲ ଜ୍ୟାକ୍ସ। ଡିସେମ୍ବର ମାସରେ ଅନୁଷ୍ଠିତ ମିନି ଅକ୍ସନରେ ୩.୨ କୋଟି ଟଙ୍କାରେ ଜ୍ୟାକ୍ସଙ୍କୁ କିଣିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ନିକଟରେ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜରେ ଫିଲ୍ଡିଂ କରୁଥିବା ସମୟରେ ଜ୍ୟାକ୍ସଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ସ୍କାନ ପରେ ସେ ଆଇପିଏଲ୍‌ରୁ ବାଦ ପଡିବା ସ୍ପଷ୍ଟ ହୋଇଥିଲା। ମ୍ୟାକ୍ସୱେଲଙ୍କ ବିକଳ୍ପ ଭାବରେ ଜ୍ୟାକ୍ସଙ୍କୁ ସାମିଲ କରାଯାଇଥିବା ବେଳେ ବର୍ତ୍ତମାନ ନ୍ୟୁଜିଲାଣ୍ଡର ମାଇକେଲ ବ୍ରେସୱେଲଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରିବା ପାଇଁ ବାଙ୍ଗାଲୋର ଫ୍ରାଞ୍ଚାଇଜି ଉଦ୍ୟମ କରୁଥିବା ଜଣାପଡିଛି। ବ୍ରେସୱେଲ ଏହା ପୂର୍ବରୁ ଆଇପିଏଲ୍ ଖେଳି ନ ଥିବା ବେଳେ ଡିସେମ୍ବରର ମିନିଅକ୍ସନରେ ତାଙ୍କୁ କୌଣସି ଦଳ କିଣିନଥିଲେ।

# କୁଲ୍‌ଦୀପ୍-ଚହଲଙ୍କ ଉପରେ ନଜର

**ପ୍ରଥମ ଦିନିକିଆ ପୂର୍ବରୁ ଭାରତୀୟ ଖେଳାଳିଙ୍କ ଅଭ୍ୟାସ**

**ମୁମ୍ବାଇ, ୧୫।୩(ପି.ଟି.)**

ଇଂଲଣ୍ଡରେ ଅନୁଷ୍ଠିତ ୨୦୧୯ ବିଶ୍ୱକପରେ ଭାରତର ପ୍ରଥମ ପସନ୍ଦର ବୋଲର ରହିଥିବା କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ(କୁଲ୍-ଚା) ପରବର୍ତ୍ତୀ ସମୟରେ ଅନେକ ପରିବର୍ତ୍ତନର ସାମ୍ନା କରିଛନ୍ତି। ୨୦୨୧ରେ କୁଲଦୀପଙ୍କ ଆଣ୍ଠୁରେ ସର୍ଜରୀ ହୋଇଥିବା ବେଳେ ଖରାପ ପ୍ରଦର୍ଶନ କାରଣରୁ ଚହଲ ଆଉ ପ୍ରଥମ ପସନ୍ଦର ବୋଲର ନାହାନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଓ ବିଶ୍ୱକପ ଭଳି ଇଭେଣ୍ଟରେ ଚହଲଙ୍କୁ ଗୋଟିଏ ବି ମ୍ୟାଚରେ ସୁଯୋଗ ମିଳୁନାହିଁ। ତେବେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଏହି ଦୁଇ ଖେଳାଳିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁଇ ବୋଲରଙ୍କ ଠାରୁ ଗୁଗଲୀ, ଲେଗ୍ ବ୍ରେକ୍ ଏବଂ ଫ୍ଲିପର ପରି ବିବିଧତା ଦେଖିବାକୁ ପ୍ରଶଂସକ ମାନେ ବ୍ୟଗ୍ର। ଭାରତୀୟ ଦଳର ଷ୍ଟାଣ୍ଡ ଇନ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ବୁଧବାର ଭାରତୀୟ ଖେଳାଳି ୱାଙ୍ଖେଡେରେ ଅଭ୍ୟାସ କରିଥିଲେ। ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳରେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ପରି ଖେଳାଳି ରହିଛନ୍ତି। ଉଭୟ ଖେଳାଳି ବଲ୍ ଓ ବ୍ୟାଟ ଜରିଆରେ ସମାନ ଭାବରେ ପ୍ରଭାବଶାଳୀ। କୁଲ୍-ଚା ଯୋଡିଙ୍କ ନିକଟରେ ସମାନ ବ୍ୟାଟିଂ ଦକ୍ଷତା ନଥିବା ବେଳେ କୁଲ୍‌ଦୀପ ନିମ୍ନକ୍ରମରେ ଉପଯୋଗୀ ବ୍ୟାଟିଂ କରିପାରନ୍ତି। ତେବେ ଫିଙ୍ଗର ସ୍ପିନରଙ୍କ ଅପେକ୍ଷା ରିଷ୍ଟ ସ୍ପିନରଙ୍କ ଉଇକେଟ ନେବାର ଦକ୍ଷତା ଅଧିକ ରହିଥାଏ। ତେଣୁ କୁଲ୍-ଚା ଯୋଡିଙ୍କ ଉପରେ ମ୍ୟାନେଜମେଣ୍ଟ ଭରସା ଦେଖାଇପାରେ। ଭାରତର ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଦିନିକିଆରେ ସାମିଲ ନାହାନ୍ତି। ବୁଧବାର ପାଣ୍ଡ୍ୟାଙ୍କ ସମେତ ମହମ୍ମଦ ସିରାଜ, ଜୟଦେବ ଉନାଡକଟ, ଉମ୍ରାନ ମଲିକ, ଶାର୍ଦ୍ଦୁଳ ଠାକୁର, ସୂର୍ଯ୍ୟ କୁମାର ଯାଦବ ଓ ଇଶାନ କିଶନ ଅଭ୍ୟାସ କରୁଥିବାର ନଜର ଆସିଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏହି ସେସନରେ ଅନୁପସ୍ଥିତ ଥିବା ବେଳେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ, ଫିଲ୍ଡିଂ କୋଚ୍ ଟି ଦିଲୀପ୍, ବୋଲିଂ କୋଚ୍ ପାରସ୍ ମାହାମ୍ବ୍ରେ ଓ ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ ରାଘବେନ୍ଦ୍ର ଓ ନୁଆନ୍ ସେନିଭିରାଣ୍ଟେ ଖେଳାଳିଙ୍କୁ ଅଭ୍ୟାସ କରାଇଥିଲେ। ବର୍ଡର ଗାଭାସ୍କର ଟ୍ରଫିର ଅନ୍ତିମ ଦୁଇ ଟେଷ୍ଟରୁ ବାଦ ପଡିଥିବା ଲୋକେଶ ରାହୁଲ ମଧ୍ୟ ଟ୍ରେନିଂ ସେସନରେ ଅନୁପସ୍ଥିତ ଥିଲେ। ସୂର୍ଯ୍ୟକୁମାର ଯାଦବ ଆକ୍ରମଣାତ୍ମକ ବ୍ୟାଟିଂ ଅଭ୍ୟାସ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ।

**ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ**

# ଭାରତୀୟ ଦଳରେ କିସ୍‌ର ୬ ଖେଳାଳି

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡୋନେସିଆରେ ଚଳିତ ମାସ ୧୭ରୁ ୧୯ ପର୍ଯ୍ୟନ୍ତ ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ହୁପି ମାଝି, ପାର୍ବତୀ କିସ୍କୁ, ମାମା ନାଏକ, ଡୁମୁନି ମାର୍ଣ୍ଡି, ତରୁଲତା ନାଏକ ଓ ନିର୍ମାଲ୍ୟ ରାଉତ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ)ର କୋଚିଂ କ୍ୟାମ୍ପ କୋଲକାତାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଚାଲିଥିଲା। ଭାରତୀୟ ଦଳ ବୁଧବାର ଇଣ୍ଡୋନେସିଆ ଯାତ୍ରା କରିଛି।



ଇଣ୍ଡୋନେସିଆରେ ହେବାକୁଥିବା ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୬ ଖେଳାଳି।

# ସେମିରେ କର୍ଣ୍ଣାଟକକୁ ଭେଟିବ ଓଡ଼ିଶା

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ହାଇଦ୍ରାବାଦରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନାଗେଶ ଟ୍ରଫିର ସେମିଫାଇନାଲରେ ଗୁରୁବାର ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ସୁପର-୮ ପର୍ଯ୍ୟାୟର ଶେଷ ଲିଗ୍ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ଆନ୍ଧ୍ର ପ୍ରଦେଶ ନିକଟରୁ ହାରି ଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆନ୍ଧ୍ର ପ୍ରଦେଶ ୨୦ ଓଭରରେ ୩ ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳ ପକ୍ଷରୁ ଡି. ଭେଙ୍କଟେଶ୍ୱର ରାଓ ୧୦୨ ଓ ଟି. ଦୁର୍ଗା ରାଓ ୫୪ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଜାଫର ଇକବାଲ ଓ ଦେବରାଜ ବେହେରା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ୨୦୩ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୨୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ କରିବାକୁ ସକ୍ଷମ ହୋଇଥିଲା। ସୁଖରାମ ମାଝି ଲଢୁଆ ବ୍ୟାଟିଂ କରି ୯୫ ରନରେ ଅପରାଜିତ ରହିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଲାଲ ପ୍ରସାଦ ସୋରେନ ୨୧ ରନ କରିଥିଲେ। ବୁଝାମଣାର ଅଭାବ ଯୋଗୁ ଓଡ଼ିଶାର ୭ ବ୍ୟାଟର ରନ୍‌ଆଉଟ ହେବା ମହଙ୍ଗା ପଡ଼ିଥିଲା। ଡି. ଭେଙ୍କଟେଶ୍ୱର ରାଓ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆନ୍ଧ୍ରଠାରୁ ପରାଜିତ ହେବାଦ୍ୱାରା ଓଡ଼ିଶା ଗ୍ରୁପ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଫଳରେ ଗ୍ରୁପ୍ 'ବି'ର ଶୀର୍ଷ ଦଳ କର୍ଣ୍ଣାଟକକୁ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ପ୍ରଥମ ସେମିଫାଇନାଲ ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।

**ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ**

# ପ୍ରଥମ ରାଉଣ୍ଡରୁ ସିନ୍ଧୁ ବିଦା

**ଲଣ୍ଡନ୍, ୧୫।୩**

ଅଲ ଇଂଲଣ୍ଡ ଓପନ ବ୍ୟାଡମିଣ୍ଟନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତର ପି ଭି ସିନ୍ଧୁ। ଦୁଇ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ପ୍ରଥମ ରାଉଣ୍ଡରେ ଚୀନ୍‌ର ଝାଙ୍ଗ ୟି ମାନଙ୍କ ନିକଟରୁ ପରାଜିତ ହୋଇଛନ୍ତି। ବୁଧବାର ବର୍ମିଂହାମରେ ଅନୁଷ୍ଠିତ ମ୍ୟାଚରେ ସିନ୍ଧୁ ୧୭-୨୧ ଓ ୧୧-୨୧ରେ ପରାଜିତ ହୋଇଥିଲେ। ମ୍ୟାଚ୍‌ଟି ମାତ୍ର ୩୯ ମିନିଟ ଧରି ଚାଲିଥିଲା। ୨୦୨୩ ସିନ୍ଧୁଙ୍କ ପାଇଁ ଏତେଟା ଉଲ୍ଲେଖନୀୟ ରହିନାହିଁ। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ ପରେ ମାଲେସିଆ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ କୋଚ୍ ପାର୍କ ଟାଏ ସାଙ୍ଗଙ୍କ ଠାରୁ ଅଲଗା ମଧ୍ୟ ହୋଇଥିଲେ। ବୁଧବାର ପ୍ରଥମ ରାଉଣ୍ଡରେ ସିନ୍ଧୁ ସାମାନ୍ୟ ସଂଘର୍ଷ କରିଥିଲେ। ମାତ୍ର ଦ୍ୱିତୀୟ ରାଉଣ୍ଡରେ ଝାଙ୍ଗ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ଏକପାଖିଆ ଭାବରେ ମ୍ୟାଚ ଜିତି ନେଇଥିଲେ। ବୁଧବାର ମହିଳା ଡବଲ୍ସ ଯୋଡି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବାରେ ସଫଳ ହୋଇଛନ୍ତି। ଜୋଲ-ଗୋପୀଚାନ୍ଦ ସପ୍ତମ ସିଡ୍ ଥାଇଲାଣ୍ଡର ଜଙ୍ଗକୋଲଫାନ କିଟିଥାରାକୁଲ ଓ ରାୱିଣ୍ଡା ପ୍ରଜୋଗଞ୍ଜାଇଙ୍କୁ ୨୧-୧୮ ଓ ୨୧-୧୪ ସେଟରେ ପରାସ୍ତ କରିଛନ୍ତି। ଥାଇଲାଣ୍ଡ ଯୋଡିଙ୍କ ବିପକ୍ଷରେ ନିଜର ପଞ୍ଚମ ମ୍ୟାଚ ଖେଳୁଥିବା ବେଳେ ଉଭୟ ପ୍ରଥମ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଭାରତୀୟ ଖେଳାଳି ଏଚ୍ ଏସ୍ ପ୍ରଣୟ ଓ ଲକ୍ଷ୍ୟ ସେନ୍ ନିଜର ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି।



ଶଟ୍ ଖେଳିବା ଅବସରରେ ପି.ଭି. ସିନ୍ଧୁ।



ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଥିବା କିଟ୍ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।


वास्तु विहार

## ଜମି ଆବଶ୍ୟକ

ଆମେ ଆପଣଙ୍କ ସହରରେ କିମ୍ବା ସହରକୁ ସଂଯୋଗ କରୁଥିବା ବିଭିନ୍ନ ମାର୍ଗରେ 5 କିଲୋମିଟର ଦୂରତା ମଧ୍ୟରେ, ନୂଆ ଆବାସିକ କମ୍ପ୍ଲେକ୍ସ (Flat & Bungalow) ନିର୍ମାଣ କରିବା ପାଇଁ (ଅତି କମ୍‌ରେ 1.5 ଏକର) ଜମି ଆବଶ୍ୟକ କରୁଛୁ। ଆପଣ ଜମି ବିକିପାରନ୍ତି କିମ୍ବା ଜମି ବଦଳରେ ବଙ୍ଗଳା କିମ୍ବା ଫ୍ଲାଟ୍ ମଧ୍ୟ ନେଇପାରନ୍ତି।

Call: 95340 95340

## Classified Everyday

0674-2580101, 2549949



REAL ESTATE

**SALE**

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

**2BHK Flat (Semi Furnished) is available for sale at Cube Residency (Raghunathpur) Patia, only Genuine Buyer. Contact- 7328071772, 7609893585.** D-2994

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **6372101211.** D-74829

ଭୁବନେଶ୍ୱର, ଜଟଣୀଗେଟ୍ 1200 sqft.- 3,60,000/-, ଛତାବର 1200 sqft.- 5,40,000/-, ନଖରା- 300/-. 6371569855. D-74832





All types of Professional body massage by professional therapy. Contact: 9556924059 / 7077933109. D-2996

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74656

"Only Professional body massage, Steam- Bath & Body Scrubbing. 9861550765". D-2985

**LOST**

ମୁଁ, ପ୍ରଶାନ୍ତ କୁମାର ପାତ୍ର ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବୌଦ୍ଧ ଶାଖାକୁ ଯିବା ସମୟରେ ମୋର ମାଧପୁର ମୌଜା, ଜିଲ୍ଲା: ବୌଦ୍ଧ, ପ୍ଲଟ୍ ନଂ.୩୪୭/୭୬୪, ୩୪୭/୭୬୨ ଏବଂ ଖାତା ନଂ.୪୦/୪୧, ୪୦/୭୭ ସମ୍ବଳିତ ଜମି ପଟ୍ଟା ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ତାହା ପାଇଥାନ୍ତି ଦୟାକରି ଯୋଗାଯୋଗ କରନ୍ତୁ: ୯୭୭୭୮୪୫୧୪୬। ଧ-୨୯୯୭

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ହରେକୃଷ୍ଣ ସ୍ୱାଇଁ**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର
ଆବିର୍ଭାବ: 27.07.1936
ତିରୋଧାନ: 06.03.2023

ଆପଣଙ୍କର ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଉପଦେଶ ଓ ଆଶୀର୍ବାଦ ଆମ୍ଭ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଆପଣଙ୍କର ହତଭାଗିନୀ
ସ୍ତ୍ରୀ- ପ୍ରମିଳା ସ୍ୱାଇଁ ଓ ପରିବାରବର୍ଗ
ଧ-୨୯୯୫

**ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେନ୍ଦ୍ର କୁମାର ସାହୁ**
ଆବିର୍ଭାବ- 6.8.1946
ତିରୋଧାନ- 4.4.2013

ପ୍ରତିମୁହୂର୍ତ୍ତରେ ତୁମ ନିବିଡ଼ତାଭରା କଥା ମନେପଡେ, ସମୟର ସ୍ରୋତରେ ଏକାନ୍ତ ଭାବନାରେ ତୁମେ ଭାସିଆସ ବାରମ୍ବାର ଅଜ୍ଞାତରେ। କ'ଣ ଭାବିଲ ଛାଡି ଚାଲିଗଲ, ଫେରି ନ ଚାହିଁଲ, କେମିତି ରହିବୁ ତୁମ ବିନା। ଯେଉଁଠି ବି ଥାଅ, ସୁଖେ ରହିଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ: ଚଞ୍ଚଳା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ଭୁବନ (ବଡ଼ହାଟ), ଢେଙ୍କାନାଳ
ଧ-୭୪୦୫୨

ପରଦା ପଛରେ..


ମାନସୀ

# ସଙ୍ଗୀତ ମାୟାରେ ମାନସୀ

ସ୍କୁଲରେ ପଢ଼ିବା ସମୟରୁ ସେ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ। ତା'ପରେ ସତ୍ୟ ରଞ୍ଜନ ମହାପାତ୍ର ଏବଂ ରଜନୀକାନ୍ତ ମହାପାତ୍ରଙ୍କ ନିକଟରୁ ତାଙ୍କର ଆରମ୍ଭ ହୋଇଥିଲା ସଙ୍ଗୀତ ଶିକ୍ଷା। ବର୍ତ୍ତମାନ ସେ ଏହାକୁ ନିଜର ଏକ କ୍ୟାରିୟର ଭାବରେ ଗ୍ରହଣ କରିସାରିଛନ୍ତି। ବିଶେଷଭାବରେ ତାଙ୍କର ରୋମାଣ୍ଟିକ ଏବଂ ସମ୍ବଲପୁରୀ ଗୀତରେ ବେଶ୍ ପଟୁତା ରହିଛି। ସେ ହେଲେ ମାନସୀ ସାହୁ। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ମୁଁ ସଙ୍ଗୀତ ମାୟାରେ ପଡିଯାଇଥିଲି। ଏହାକୁ କ୍ୟାରିୟର କରିବା ପଛରେ ମୋ ବାପା ଆନନ୍ଦ ଚରଣ ସାହୁ ଏବଂ ମା' ଟିଙ୍କିନା ସାହୁଙ୍କ ପ୍ରେରଣା ଆଦୌ ଭୁଲିପାରିବି ନାହିଁ। ସବୁବେଳେ ଡିଫରେଣ୍ଟ ଟେଷ୍ଟର ଗୀତ ଗାଇଲେ ତାହା ଶ୍ରୋତାଙ୍କ ମନ ଜିଣିବାରେ ସକ୍ଷମ ହୋଇଥାଏ। ଏ ପର୍ଯ୍ୟନ୍ତ ଅନେକ ଭଜନ, ଆଲବମ୍ ଏବଂ ସମ୍ବଲପୁରୀ ଗୀତ ଗାଇସାରିଛି। ତା' ସହ ଓଡ଼ିଆ ସିନେମା 'ଆସୀକ', 'ମୋହବତ୍' ଏବଂ 'ଇସ୍କ ବାଲା ପ୍ରେମ' ପାଇଁ ମଧ୍ୟ କଣ୍ଠଦାନ କରିସାରିଛି। ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ କିଛି ସମୟ ଗୀତ ଗାଇବା ଅଭ୍ୟାସ କରିଥାଏ।' ବର୍ତ୍ତମାନ ମାନସୀ ଅଫିସ ମ୍ୟାନେଜମେଣ୍ଟ କୋର୍ସ କରୁଛନ୍ତି। ଆଲବମ୍ ମାୟାବିନୀ, ଅଧୁରା ପ୍ରେମ, ମାଲ୍ ମହୁ, ସ୍ମୃତି ତୁମେ ତାଙ୍କ ସଙ୍ଗୀତ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଛି। ଗୀତ ଗାଇବା ବ୍ୟତୀତ ଚିତ୍ର ଆଙ୍କିବା ଏବଂ ଅଭିନୟ ପ୍ରତି ନୟାଗଡରେ ଜନ୍ମିତା ମାନସୀଙ୍କର ରୁଚି ରହିଛି।



# ଆର୍‌ଆର୍‌ଆର୍

ଡିଭିଭି ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ତଥା ଡିଭିଭି ଦାନୟାଙ୍କ ପ୍ରଯୋଜିତ ଏବଂ ଏସ.ଏସ. ରାଜମୌଳିଙ୍କ ନିର୍ଦ୍ଦେଶିତ ସୁପରହିଟ୍ ତେଲୁଗୁ ଫିଲ୍ମ 'ଆର୍‌ଆର୍‌ଆର୍' ନିକଟରେ ସମ୍ମାନଜନକ ଓସ୍କାର ପୁରସ୍କାରରେ ଶ୍ରେଷ୍ଠ ଅରିଜିନାଲ ସଙ୍ଗ୍ ବିଭାଗରେ ପୁରସ୍କୃତ ହୋଇଛି। ୨୦୧୮ରେ ଏହାର ଟାଇଟଲ ଘୋଷଣା କରାଯାଇଥିଲା ଏବଂ ଫିଲ୍ମଟିର ବଜେଟ ଥିଲା ପାଖାପାଖି ୫୫୦ କୋଟି, ଯାହାକି ଏକ ସିନେମା ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା ସର୍ବାଧିକ ବଜେଟ। ବନ୍ଧୁତା ଦିବସ ଅବସରରେ ଏହାର ସମସ୍ତ ଗୀତ ରିଲିଜ କରାଯାଇଥିଲା। ପ୍ରଥମେ ଏହି ଫିଲ୍ମଟିକୁ ୨୦୨୦ ଜୁଲାଇ ୩୦ରେ ରିଲିଜ କରାଇବାକୁ ସ୍ଥିର ହୋଇଥିଲା। କିନ୍ତୁ ନିର୍ମାଣରେ ବିଳମ୍ବ ହେତୁ ଏବଂ ପରବର୍ତ୍ତୀ ସମୟରେ କରୋନା ମହାମାରୀ ପାଇଁ ଚିତ୍ରଟି ୨୫ ମାର୍ଚ୍ଚ ୨୦୨୨ରେ ପରଦା ଉପରକୁ ଆସିଥିଲା। ଏହି ଫିଲ୍ମର କାହାଣୀକୁ ନିର୍ଦ୍ଦେଶକ ରାଜମୌଳିଙ୍କ ବାପା କେ.ଭି. ବିଜୟେନ୍ଦ୍ର ପ୍ରସାଦ ରଚନା କରିଥିଲେ। ଖାସ୍ କଥା ହେଲା, ଏହାର ଚିତ୍ରନାଟ୍ୟ ରଚନା କରିବାକୁ ନିର୍ଦ୍ଦେଶକଙ୍କୁ ଛଅ ମାସ ସମୟ ଲାଗିଥିଲା। ଏଥିରେ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଆଲିୟା ଭଟ୍ଟ ତେଲୁଗୁ ଭାଷା ଶିଖିଥିଲେ। ଏହି ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂରେ ୧୦୦୦ ଜଣ ସହଯୋଗୀ କଳାକାର ଅଂଶଗ୍ରହଣ କରିଥିଲେ। ଉକ୍ତ ଦୃଶ୍ୟର ଶୁଟିଂ ସମୟରେ ରାମ ଚରଣ ଏବଂ ଏନ.ଟି. ରାମାରାଓ ଜୁନିୟର ଆହତ ହୋଇଥିଲେ। ସେମାନେ ସୁସ୍ଥ ହେବାପରେ ଏହାର ପୁଣି ଥରେ ଶୁଟିଂ ହୋଇଥିଲା। କେବଳ ଏହି ଆକ୍ସନ ଶଟ୍ ପାଇଁ ବଜେଟ କେତେ ଥିଲା ଜାଣନ୍ତି ? ୪୫ କୋଟି। ନିକଟରେ ଓସ୍କାର ପୁରସ୍କାରପ୍ରାପ୍ତ 'ନାଟୁ ନାଟୁ' ଗୀତଟି ୟୁକ୍ରେନ୍‌ର କିଭ୍‌ରେ ଶୁଟିଂ କରାଯାଇଥିଲା। ଫିଲ୍ମଟିର ମ୍ୟୁଜିକ ରାଇଟକୁ ଲାହାରି ମ୍ୟୁଜିକ୍ ଏବଂ ଟି-ସିରିଜ ୨୫ କୋଟି ଟଙ୍କାରେ କ୍ରୟ କରିଥିଲେ। ଏହାର ଶୁଟିଂ ପୂର୍ବରୁ ବଜେଟ ଅଟକଳ ୪୦୦କୋଟି ଥିଲା କିନ୍ତୁ ଶୁଟିଂ ପରେ ଏହା ୫୫୦ କୋଟିରେ ପହଞ୍ଚି ଯାଇଥିଲା। ବକ୍ସ ଅଫିସରେ ଚିତ୍ରଟି ପ୍ରାୟ ୧୨୫୮ କୋଟି ଇନ୍‌କମ୍ କରିଥିଲା।

# ଏ ଦିଲ୍ ତତେ ଦେଲି

ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଏ ଦିଲ୍ ତତେ ଦେଲି'। ଏହି ଫିଲ୍ମଟି ଚଳିତମାସ ୧୭ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବାକୁ ଯାଉଛି। ଚିତ୍ରଟି ଉକ୍ତ ଦିନ ଅନ୍ୟତମ ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ପ୍ରସାରିତ ହେବ। ପ୍ରେମର ଗଣିତ ଯେତେକି ଜଟିଳ ତାହାର ଭାଗଫଳକୁ ବୁଝିବା ସେତିକି କଷ୍ଟକର। ସରଳ ଯୁବକ ସୁରଜ ଯେଉଁଦିନ ରୁପାକୁ ଦେଖିଛି ସେହିଦିନ ହିଁ ତା' ପ୍ରେମରେ ପଡ଼ିଯାଇଛି। ତେବେ ଏହି ପ୍ରେମ ମିଶନକୁ ନେଇ ଆଗେଇବା ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଫିଲ୍ମର ନାୟିକା ସାଜିଛନ୍ତି ରିୟାନା। ଏହପୂର୍ବରୁ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ଏଥିରେ ନାୟକ ଭୂମିକାରେ ବିଭାସଙ୍କୁ ଦେଖିବାକୁ ମିଳିବ। ଷ୍ଟେପ୍ ବାଏ ଷ୍ଟେପ୍ ପିକ୍ଚର୍ସ ଏବଂ ରଙ୍ଗ କ୍ରିଏଶନର ମିଳିତ ସହଯୋଗରେ ଏହାର ନିର୍ମାଣ କରାଯାଇଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଅଖିଳେଶ ବର୍ମା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ମାନସ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ମହମ୍ମଦ ମୁସୀର। ଚଳଚ୍ଚିତ୍ରର କ୍ରିଏଟିଭ ମୁଖ୍ୟ ଅଛନ୍ତି ପ୍ରଣୟ ଜେଠୀ।


ବିଭାସ–ରିୟାନା

# ବିଲ୍ଲି..ବିଲ୍ଲି

ଚଳିତ ବର୍ଷ ଇଦ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି ସଲମାନ ଖାନ୍-ପୂଜା ହେଗ୍‌ଡେ ଅଭିନୀତ 'କିସି କା ଭାଇ କିସି କା ଜାନ୍'। ଏହି ଫିଲ୍ମର ଏକ ଗୀତ-'ବିଲ୍ଲି ବିଲ୍ଲି' ବେଶ୍ ଭାଇରାଲ ହୋଇଛି। କେବଳ ସେତିକି ନୁହେଁ, ଏହି ଗୀତଟି ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି କହିବୁଲୁଛନ୍ତି ପୂଜା। ଏ ସମ୍ପର୍କରେ ସେ କହନ୍ତି, 'ଏହି ଗୀତର ଶୁଟିଂ ପୂର୍ବରୁ ଆମେ ଦୁହେଁ ଭଲ ଭାବରେ ପ୍ରାକ୍ଟିସ କରିଥିଲୁ। ଏଥିରେ ସଲମାନଙ୍କ ସହ ମୋ ଯୋଡିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି। ସଲମାନଙ୍କ ହୋମ୍ ବ୍ୟାନର 'ସଲମାନ ଖାନ୍ ଫିଲ୍ମସ'ରେ ଏହାକୁ ନିର୍ମାଣ କରାଯାଇଛି। ଫରହଦ ସାମ୍‌ଜୀ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏଥିରେ ଭାଇଜାନ୍ ଭୂମିକାରେ ସଲମାନ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମରେ ଭେଙ୍କଟେଶ, ଜଗନ୍ନାଥ ବାବୁ, ଜୈସି ଗିଲ୍, ସିଦ୍ଧାର୍ଥ ନିଗମ, ଭୂମିକା ଚାୱଲା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଭି. ମଣିକନ୍ଦନମ୍। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୨୧ରେ ପରଦା ଉପରକୁ ଆସିବ।


ପୂଜା

# ବାହାଘର ଡଟ୍ କମ୍

ନିଜର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ପଡ଼ିବ। ଅର୍ଥାତ୍, ଯେମିତି ହେଲେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ପଡ଼ିବ। କେବଳ ସେତିକି ନୁହେଁ, ବିବାହଟି ଏକ ଭିନ୍ନ ଉପାୟରେ ଅନୁଷ୍ଠିତ ହେବ। ତେବେ ଏଭଳି ଏକ ରୋଚକ ତଥା ଭିନ୍ନଧରଣର କାହାଣୀକୁ ନେଇ ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ବାହାଘର ଡଟ୍ କମ୍'। ଏହି ଫିଲ୍ମଟି ଚଳିତ ମାସ ୧୯ ତାରିଖ ସନ୍ଧ୍ୟା ୬.୩୦ରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ 'ଜି ସାର୍ଥକ' ପ୍ରସାରିତ ହେବ। ଓମ୍ ସାଇ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା। ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଗୁଡଲି ରଥ। ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମାର ଚାର୍ମ ଦର୍ଶକ ନେଇପାରିବେ। ବିଶେଷଭାବରେ ସବୁ ବର୍ଗର ଦର୍ଶକ ତଥା ପରିବାରକୁ ନେଇ ସମସ୍ତେ ଏହି ଫିଲ୍ମଟିକୁ ଦେଖିପାରିବେ ବୋଲି ଚ୍ୟାନେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ମୁଖ୍ୟ ଭୂମିକାରେ ଋଷି, ସାୟଲ ମୁଖାର୍ଜୀ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ପୁଷ୍ପା ପଣ୍ଡା ଏବଂ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ସେପଟେ ଏଭଳି ଏକ ଚମତ୍କାର କାହାଣୀ ଦର୍ଶକଙ୍କୁ ଫୁଲ୍ ମନୋରଞ୍ଜନ ଦେବ ବୋଲି ଆଶାବାଦୀ ଅଛନ୍ତି ପ୍ରଯୋଜନା ସଂସ୍ଥା ଜୀ ସାର୍ଥକର ଚ୍ୟାନେଲର ବିଜନେସ୍ ହେଡ୍ ପ୍ରତୀକ ସିଲ।


'ବାହାଘର ଡଟ୍ କମ୍' ଫିଲ୍ମରେ ଋଷି–ସାୟଲ

# ରହସ୍ୟମୟ ଗୁଡୁ

ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଗୁଡୁ ଗ୍ୟାଙ୍ଗଷ୍ଟର'ରେ ଗୁଡୁ ଚରିତ୍ରକୁ ନେଇ ଚର୍ଚ୍ଚା। ଏହି ଫିଲ୍ମରେ ଅସଲି ଗୁଡୁ କିଏ ? ତେବେ ଏହା ପଛରେ କି ରହସ୍ୟ ରହିଛି ତାହା ଚିତ୍ରଟିକୁ ଦେଖିଲେ ହିଁ ଜାଣିପାରିବେ। ଏକ ରହସ୍ୟ ରୋମାଞ୍ଚ ତଥା ଆକ୍ସନଭରା କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ ଫିଲ୍ମଟି ଚଳିତ ବର୍ଷ ରଜରେ ରିଲିଜ ହେବାର ଯୋଜନା ରହିଛି। ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାଖୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଆଦି କଳାକାର ଅଭିନୟ କରିଛନ୍ତି। 'ଫିଲ୍ମଟିର କାହାଣୀରେ ଅନେକ ନୂତନତ୍ୱ ଭରିରହିଛି। ସେଗୁଡ଼ିକୁ ଏବେଠାରୁ ଖୁଲାସା କରିବା ଠିକ୍ ହେବ ନାହିଁ। ଏଥର ରଜରେ ଦର୍ଶକ ଏହି ଫିଲ୍ମରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି କହନ୍ତି ଅଶୋକ।' ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୀତଗୁଡିକୁ ରଚନା କରିଛନ୍ତି ପୁଷ୍ପକ ପରିଡା, ରଞ୍ଜନ ନାୟକ ଏବଂ ତପୁ ନାୟକ। ଏଗୁଡିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଫିଲ୍ମଟିର ମୁଖ୍ୟ ସହଯୋଗୀ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମାନସ ମହାପାତ୍ର।


ଶୈଳେନ୍ଦ୍ର

# ଶୁଟ୍‌ଆଉଟରେ ଭାରତ ବିଜୟୀ


ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୫।୩

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ଶୁଟ୍‌ଆଉଟ/ସଡନ୍‌ଡେଥ୍ ୪-୩ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ସ୍ଥିତିରେ ବରାବର ରହିବାରୁ ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆ ଯାଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତ

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ସୁଖଜିତ ସିଂ ଓ ଦିଲପ୍ରୀତ ସିଂ ଗୋଲ ଦେଇଥିବାବେଳେ ହାର୍ଦ୍ଦିକ ସିଂ ଓ ବିବେକ ସାଗର ପ୍ରସାଦ ମିସ୍ କରିଥିଲେ। ଅଷ୍ଟ୍ରେଲିଆର ଜ୍ୟାକ ହାର୍ଭି, କ୍ରେଗ୍ ମାରେସ ଓ ଜ୍ୟାକ୍ ୱେଲଚ ଗୋଲ ଦେଇଥିଲେ ଏବଂ ଜ୍ୟାକ ହ୍ୱିଟନ ଓ ନାଥାନ ଏଫ୍ରାଉମ୍ସ ମିସ୍ କରିଥିଲେ। ଫଳରେ ସଡନ୍ ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଭାରତର ହରମନପ୍ରୀତ ଗୋଲ ଦେଇଥିବାବେଳେ ଅଷ୍ଟ୍ରେଲିଆର ଜ୍ୟାକ୍ ୱେଲ୍ଟ ମିସ୍ କରି ଯାଇଥିଲେ। ଏଠାରେ ବିଜୟ ଫଳରେ ଭାରତ ପ୍ରୋ-ଲିଗ୍‌ର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୪ଟି ମ୍ୟାଚ ଜିତି ଅପରାଜେୟ ରହିଛି। ଦଳ ୨ଥର ଲେଖାଏ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ମ୍ୟାଚର ୨ୟ ମିନିଟରେ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ଗେମ୍ ଖେଳୁଥିବା ବିବେକ ସାଗର ପ୍ରସାଦଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷରେ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଆଉ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୧-୦ରେ ଆଗୁଆ ରହି ଅଷ୍ଟ୍ରେଲିଆ ଉପରେ ଚାପ ପକାଇଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ତୃତୀୟ କ୍ୱାର୍ଟର ଆରମ୍ଭର ଅଳ୍ପ କିଛି ସମୟ ପରେ ଅର୍ଥାତ୍ ୩୭ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ନାଥନ ଏଫ୍ରାଉମ୍ସ ଏଥିରୁ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ ସୁଖଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ପୁଣି ଅଗ୍ରଣୀ କରିଥିଲେ। ମାତ୍ର ୫୨ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲଟିକୁ ପରିଶୋଧ କରି ଦେଇଥିଲେ ଟିମ୍ ହୋୱାର୍ଡ।

ଭାରତ ଏହାର ପ୍ରଥମ ମ୍ୟାଚରେ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୩-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିବାବେଳେ ତୃତୀୟ ମ୍ୟାଚରେ ଜର୍ମାନୀକୁ ପୁଣି ୬-୩ ଗୋଲରେ ହରାଇ ବଡ଼ ସଫଳତା ପାଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଓ ଜର୍ମାନୀ ଏଠାରେ ଖେଳିଥିବା ୪ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ସହ ଅଭିଯାନ ଶେଷ କରିଛନ୍ତି।


୧୦୦ତମ ମ୍ୟାଚ୍ ଖେଳିଥିବା ବିବେକ ସାଗର ପ୍ରସାଦଙ୍କୁ ଖେଳାଳିମାନେ ଜର୍ସି ଦେଉଛନ୍ତି।

# ଆଜିଠାରୁ କଳାହାଣ୍ଡି କପ୍

- ୬ ଗ୍ରୁପ୍‌ରେ ଅଂଶଗ୍ରହଣ କରିବେ ୩୭ ଦଳ
- ଦିନିକିଆ ଫର୍ମାଟରେ ଖେଳାଯିବ ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଗୁରୁବାରଠାରୁ ବିଭିନ୍ନ ଭେନ୍ୟୁରେ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ତାହାକୁ ଡାଇମଣ୍ଡ 'ଏ' ଓ 'ବି', ଗୋଲ୍ଡ 'ଏ' ଓ 'ବି' ଏବଂ ସିଲ୍‌ଭର 'ଏ' ଓ 'ବି' ରଖା ଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍‌ରେ ଗୋଲ୍ଡ 'ଏ' ଓ ସିଲ୍‌ଭର 'ବି' ଦଳ ଗୁଡ଼ିକର ମ୍ୟାଚ ଖେଳାଯିବ। ବିଭିନ୍ନ ଭେନ୍ୟୁରେ ମ୍ୟାଚ ଖେଳାଯିବ। ପ୍ରଥମ ସେସନ ପୂର୍ବାହ୍ନ ୮ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ୧୨ଟା ୪୫ ପର୍ଯ୍ୟନ୍ତ ବ୍ରେକ୍ ରହିବ ଏବଂ ସେହିଠାରୁ ଦ୍ୱିତୀୟ ସେସନ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୫ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପ୍ରଥମ ଦିବସରେ ଗୋଲ୍ଡ 'ଏ' ଗ୍ରୁପ୍‌ରେ ସମ୍ବଲପୁର-କିଟ୍, ବୌଦ୍ଧ-ବରଗଡ଼ ଓ ଅନୁଗୋଳ-ନବରଙ୍ଗପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ସିଲ୍‌ଭର 'ବି'ରେ କୋରାପୁଟ-ବଲାଙ୍ଗୀର, ରାୟଗଡ଼ା-ଦେବଗଡ଼, ସୋନପୁର-କଳାହାଣ୍ଡି ମ୍ୟାଚ ମଧ୍ୟ ଏହିଦିନ ଅନୁଷ୍ଠିତ ହେବ। ଗ୍ରୁପ୍‌ର ପ୍ରତି ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ।

ଡାଇମଣ୍ଡ 'ଏ' ଗ୍ରୁପ୍: ଭୁବନେଶ୍ୱର-ଏ, ଇକୋର୍ସା, କଟକ-ବି, ଖୋର୍ଦ୍ଧା, ସୁନ୍ଦରଗଡ଼, ଭଦ୍ରକ। ଡାଇମଣ୍ଡ 'ବି' ଗ୍ରୁପ୍: କଟକ-ଏ, ଝାରସୁଗୁଡ଼ା, ଯାଜପୁର, ଭୁବନେଶ୍ୱର-ବି, ରାଉରକେଲା, ବାଲେଶ୍ୱର। ଗୋଲ୍ଡ 'ଏ' ଗ୍ରୁପ୍: ସମ୍ବଲପୁର, କିଟ୍, ବୌଦ୍ଧ, ବରଗଡ଼, ଅନୁଗୋଳ, ନବରଙ୍ଗପୁର। ଗୋଲ୍ଡ 'ବି' ଗ୍ରୁପ୍: ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦୁଝର, ପୁରୀ। ସିଲ୍‌ଭର 'ଏ' ଗ୍ରୁପ୍: ଗଞ୍ଜାମ, କେନ୍ଦ୍ରାପଡ଼ା, ନୂଆପଡ଼ା, ପାରାଦୀପ, କନ୍ଧମାଳ, ଗଜପତି, ମାଲକାନଗିରି। ସିଲଭର 'ବି' ଗ୍ରୁପ୍: କୋରାପୁଟ, ବଲାଙ୍ଗୀର, ରାୟଗଡ଼ା, ଦେବଗଡ଼, ସୋନପୁର, କଳାହାଣ୍ଡି।

# ଦିନିକିଆ ସିରିଜରୁ ଆୟର ଓହରିଲେ

ମୁମ୍ବାଇ, ୧୫।୩ (ପି.ଟି.)


ଶ୍ରେୟସ ଆୟର

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ଭାରତର ଶ୍ରେୟସ ଆୟର ଓହରି ଯାଇଛନ୍ତି। ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଟି. ଦିଲୀପ ଆନୁଷ୍ଠାନିକଭାବେ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ପିଠିର ନିମ୍ନଭାଗରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଆୟରଙ୍କର ଏହି ସିରିଜରେ ଖେଳିବାନେଇ ପୂର୍ବରୁ ସନ୍ଦେହ ପ୍ରକାଶ ପାଇଥିଲା। କେବଳ ସେତିକି ନୁହେଁ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ଆୟର ଖେଳିବା ସମ୍ଭାବନା କମ୍ ରହିଛି। ଆୟର ଜାତୀୟ କ୍ରିକେଟ ଏକାଡେମୀକୁ ପ୍ରତ୍ୟାବର୍ତ୍ତନ କରି ଚିକିତ୍ସିତ ହେଉଛନ୍ତି। ତେବେ ଯଶପ୍ରୀତ୍ ବୁମ୍ରା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କଭଳି ଆୟରଙ୍କ ପିଠିରେ ଅସ୍ତ୍ରୋପଚାର ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। "ଖେଳାଳିଙ୍କ ଆହତ ସମସ୍ୟା ଖେଳର ଏକ ଅଂଶବିଶେଷ। ଆମର ବହୁତ ଭଲ ମେଡିକାଲ ବ୍ୟବସ୍ଥା ରହିଛି। ତଦନୁସାରେ ଚିକିତ୍ସା ଚାଲିଛି। ଆମେ ଏନ୍‌ସିଏ ସହିତ ଯୋଗାଯୋଗରେ ରହିଛୁ। ଆୟର ଦିନିକିଆ ସିରିଜରୁ ଓହରି ଯାଇଛନ୍ତି" ବୋଲି ଦିଲୀପ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ପିଠି ଯନ୍ତ୍ରଣାରୁ ମୁକୁଳିବାପରେ ଆୟର ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳକୁ ଫେରିଥିଲେ। ମାତ୍ର ଅହମଦାବାଦରେ ଅନୁଷ୍ଠିତ ୪ର୍ଥ ଟେଷ୍ଟ ଅବସରରେ ସେ ପୁଣି ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କ ଯନ୍ତ୍ରଣା ସ୍ଥାନରେ ପୁଣି ସ୍କାନ କରାଯାଇଥିଲା। ଯନ୍ତ୍ରଣା ଯୋଗୁ ଆୟର ଏହି ଟେଷ୍ଟରେ ବ୍ୟାଟିଂ କରିପାରି ନ ଥିଲେ। ତେବେ ବିରାଟ କୋହଲିଙ୍କ ୧୮୬ ରନ ବଳରେ ଭାରତ ୫୭୧ ରନର ବୃହତ୍ ସ୍କୋର କରିଥିଲା। ଚିକିତ୍ସାଧିନ ଥିବାରୁ ଆୟର ଚଳିତମାସ ୩୧ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଥମାର୍ଦ୍ଧ ଖେଳିବା ସମ୍ଭାବନା ନାହିଁ। ଆୟର କୋଲକାତା ନାଇଟ ରାଇଡର୍ସର ଅଧିନାୟକ। ତେଣୁ ତାଙ୍କ ଅନୁପସ୍ଥିତିରେ କୋଲକାତା ଦଳକୁ ନୂଆ ନେତୃତ୍ୱ ଖୋଜିବାକୁ ପଡ଼ିବ।

# ନିଖତ, ଲଭଲିନା ପଦକ ଫେଭରିଟ୍


ନିଖତ ଜରିନ୍ ଓ ଲଭଲିନା ବୋର୍ଗୋହେନ୍।

ନୂଆଦିଲ୍ଲୀ, ୧୫।୩ (ପି.ଟି.)

## ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍

ନୂଆଦିଲ୍ଲୀରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହୋଇଥିବା ବେଳେ ନିଖତ ଜରିନ୍ ଓ ଲଭଲିନା ବୋର୍ଗୋହେନ୍ ଭାରତର ପଦକ ଫେଭରିଟ୍ ରହିଛନ୍ତି। ମହିଳା ବିଶ୍ୱ ଚାମ୍ପିୟନଶିପ୍‌ର ୧୩ ତମ ସଂସ୍କରଣରେ ୬୫ ଦେଶର ୩୦୦ରୁ ଅଧିକ ବକ୍ସର ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ଖେଳାଳିଙ୍କ ଚୟନକୁ ନେଇ ବାଦ ବିବାଦ ପରେ ଟୁର୍ନାମେଣ୍ଟ ଆରମ୍ଭ ହେଉଥିବା ବେଳେ ଘରୋଇ ପରିବେଶରେ ଭାରତୀୟ ଖେଳାଳିଙ୍କ ନିକଟରୁ ଦୃଢ଼ ପ୍ରଦର୍ଶନ ଆଶା କରାଯାଉଛି। ପ୍ରଥମ ଥର ପାଇଁ ୬ଥର ବିଶ୍ୱ ଚାମ୍ପିୟନ ଏମ୍ ସି ମ୍ୟାରୀକମଙ୍କ ଅନୁପସ୍ଥିତିରେ ଭାରତ ଖେଳୁଥିବା ବେଳେ ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ଓ ନିଖତ ଜରିନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ନୂତନ ଓଜନ ବର୍ଗରେ ଉଭୟ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଉଭୟ ଖେଳାଳିଙ୍କ ପ୍ରାଥମିକତା ରହିବ। ୫୦ କିଗ୍ରା ବର୍ଗରେ ନିଖତ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ୭୫ କିଗ୍ରା ଓଜନ ବର୍ଗରେ ଲଭଲିନା ଖାପଖୁଆଇବାକୁ ପ୍ରୟାସ କରିବେ। ପୂର୍ବରୁ ଦୁଇ ଥର ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଲଭଲିନା ଘରୋଇ ପରିବେଶରେ ସ୍ୱର୍ଣ୍ଣ ହାସଲ କରିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ବ୍ୟତିତ ରାଜ୍ୟ ଗୋଷ୍ଠୀ ପଦକ ବିଜୟିନୀ ନୀତୁ ଘଘାଂସ (୪୮ କିଗ୍ରା) ଓ ମନୀଷା ମାଉଁ(୫୭ କିଗ୍ରା)ଙ୍କ ନିକଟରୁ ମଧ୍ୟ ପଦକ ଆଶା କରିବ ଭାରତ। ଅନ୍ୟ ମାନଙ୍କ ମଧ୍ୟରେ ସାକ୍ଷୀ ଚୌଧାରୀ(୫୨), ପ୍ରୀତି(୫୪), ଶଶୀ ଚୋପ୍ରା(୬୩) ଓ ସାନମଚା ଚାନୁ (୭୦ କିଗ୍ରା)ଙ୍କ ନିକଟରୁ ମଧ୍ୟ ଭଲ ପ୍ରଦର୍ଶନର ଆଶା ରହିବ। ରୁଷୀୟ ବକ୍ସରଙ୍କ ଅଂଶଗ୍ରହଣ କାରଣରୁ ଆମେରିକା, ବ୍ରିଟେନ ଓ ଆୟାର୍ଲାଣ୍ଡ ଓହରି ଯାଇଛନ୍ତି। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତାଙ୍କୁ ୧ ଲକ୍ଷ ଡଲାର, ରୌପ୍ୟ ବିଜେତାଙ୍କୁ ୫୦ ହଜାର ଡଲାର ଓ ବ୍ରୋଞ୍ଜ ବିଜେତାଙ୍କୁ ୨୫ ହଜାର ଡଲାର ପୁରସ୍କାର ଦିଆଯିବ। ୨୦୦୬ରେ ଭାରତରେ ଆୟୋଜିତ ବିଶ୍ୱ ଚାମ୍ପିୟନଶିପରେ ଦଳ ୪ ସ୍ୱର୍ଣ୍ଣ ସହିତ ୮ ପଦକ ବିଜୟୀ ହୋଇଥିଲା।

# ଏକ ନମ୍ବରକୁ ଫେରିଲେ ଅଶ୍ୱିନ

ଦୁବାଇ, ୧୫।୩



ଟେଷ୍ଟ କ୍ରିକେଟରେ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଚମତ୍କାର ପ୍ରଦର୍ଶନ ଜାରି। ବର୍ଡର ଗାଭାସ୍କର ସିରିଜରେ ରବୀନ୍ଦ୍ର ଜାଡେଜାଙ୍କ ସହିତ ଯୁଗ୍ମ ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିବା ଅଶ୍ୱିନ ପୁନର୍ବାର ଆଇସିସି ବୋଲରଙ୍କ ତାଲିକାରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ୯୧ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିଥିବା ଅଶ୍ୱିନ ଇଂଲଣ୍ଡର ଜେମ୍ସ ଆଣ୍ଡରସନଙ୍କୁ ପଛରେ ପକାଇ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ଡର ଗାଭାସ୍କର ସିରିଜରେ ୨୫ ଉଇକେଟ ଅକ୍ତିଆର କରିବା ସହିତ ସେ ଆଣ୍ଡରସନ୍‌ଙ୍କ ଠାରୁ ୧୦ ପଏଣ୍ଟ ଆଗରେ ରହିଛନ୍ତି। ପୂର୍ବ ସପ୍ତାହରେ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଅଶ୍ୱିନ ଓ ଆଣ୍ଡରସନ୍ ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ହାସଲ କରିଥିଲେ। କେବଳ ବୋଲର ନୁହନ୍ତି ଅଲରାଉଣ୍ଡର ତାଲିକାରେ ମଧ୍ୟ ଅଶ୍ୱିନ ପ୍ରଥମ ସ୍ଥାନରେ ରହିଛନ୍ତି। ବାମହାତୀ ସ୍ପିନର ଅକ୍ଷର ପଟେଲ ମଧ୍ୟ ୬ ସ୍ଥାନ ଉପରକୁ ଉଠି ବୋଲରଙ୍କ ତାଲିକାରେ ୨୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ସେ ୪ର୍ଥ ସ୍ଥାନରେ ଅଛନ୍ତି। ଅହମଦାବାଦ ଟେଷ୍ଟରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ଭାରତୀୟ ବ୍ୟାଟର ବିରାଟ କୋହଲି ୭ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟତମ ଶତକ ହାସଲକାରୀ ଶୁବମାନ୍ ଗିଲ୍ ୧୭ ସ୍ଥାନ ଉପରକୁ ଉଠି ୪୬ ତମ ସ୍ଥାନରେ ପହଞ୍ଚିଛନ୍ତି। ରିଷଭ ପନ୍ତ(୯) ଓ ରୋହିତ ଶର୍ମା(୧୦) ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ଓ ନ୍ୟୁଜିଲାଣ୍ଡର ଡାରିଲ ମିଚେଲ୍ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ହାସଲ କରିଛନ୍ତି। ଅନ୍ତିମ ଟେଷ୍ଟରେ ୧୮୦ ରନ କରିଥିବା ଖ୍ୱାଜା ଦୁଇଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଡାରିଲ ମିଚେଲ୍ ଶ୍ରୀଲଙ୍କା ବିପକ୍ଷରେ ୧୦୨ ଓ ୮୧ ରନ୍‌ର ଇନିଂସ ଖେଳି ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୭୨ ରନ୍‌ର ଇନିଂସ ଖେଳିଥିବା ଟେମ୍ବା ବାଭୁମା ୧୪ ସ୍ଥାନ ଉପରକୁ ଉଠି କ୍ୟାରିୟର ବେଷ୍ଟ ୧୫ ତମ ସ୍ଥାନରେ ପହଞ୍ଚିଛନ୍ତି। ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ବାଂଲାଦେଶର ନଜମୋଲ ହୋସେନ୍ ଶନ୍ତୋ ୬୮ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୬ ତମ ସ୍ଥାନରେ ପହଞ୍ଚିଛନ୍ତି। ଶନ୍ତୋ ୫୧, ୪୬ ଓ ୪୭ ରନ୍‌ର ଇନିଂସ ଖେଳିଥିବା ବେଳେ ଇଂଲଣ୍ଡ ବିପକ୍ଷରେ ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।

# ଓଡ଼ିଶା ସିନିୟର ଟେବୁଲ ଟେନିସ ଦଳ ଘୋଷିତ

ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି): ଜମ୍ମୁର ଏମ୍.ଏ. ଷ୍ଟାଡିୟମରେ ଚଳିତ ମାସ ୨୦ରୁ ୨୭ ପର୍ଯ୍ୟନ୍ତ ୮୪ତମ ଜାତୀୟ ସିନିୟର ଏବଂ ଆନ୍ତଃରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ପୁରୁଷ ଦଳରେ ତୌଫିକ୍ ହକ୍, ମୈନକ ଦାସ, ତୁଷାର ଚୌହାନ, ସମ୍ରାଟ ଚକ୍ରବର୍ତ୍ତୀ, ଶୁଭେନ୍ଦୁ ଶ', ଏମ. ଈଶ୍ୱର ରାଓ, ମହମ୍ମଦ ଆଝାର ଓ ଦିକ୍ଷାନ୍ତ ପରିଡ଼ା ସ୍ଥାନ ପାଇଛନ୍ତି। ସେହିପରି ମହିଳା ଦଳରେ ନେହା କୁମାରୀ, ଅଞ୍ଜଳି ଅଗ୍ରୱାଲ, ସ୍ୱିକୃତି ଭଗତ, ପାୟଲ ପାଣି ଓ ଗାୟତ୍ରୀ ମିତ୍ର ସାମିଲ ହୋଇଛନ୍ତି। ମ୍ୟାନେଜର ଓ କୋଚ୍‌ଭାବେ ସୁଜିତ ରୟ ଦାୟିତ୍ୱ ନିର୍ବାହ କରିବେ। ଅମ୍ପାୟର କେ.ଏସ୍‌ଏନ୍ ମୁର୍ତ୍ତୀ ଓ ସୁରଭି ପରିଜା ମଧ୍ୟ ଓଡ଼ିଶା ଦଳ ସହ ୧୭ ତାରିଖରେ ଜମ୍ମୁ ଯାତ୍ରା କରିବେ।


ଜାତୀୟ ସିନିୟର ଏବଂ ଆନ୍ତଃରାଜ୍ୟ ଟେବୁଲ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ